

୧୦ ବର୍ଷ ପରେ ଏକାଠି ଆସିବେ ରଣବୀର-ଦୀପିକା

▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in


# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-158 ◆THURSDAY ◆4 DECEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୫୮ ◆ଗୁରୁବାର ◆୪ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଭାରତ ସହ ପ୍ରତିରକ୍ଷା ଚୁକ୍ତିକୁ ରୁଷ୍ ସଂସଦର ଅନୁମୋଦନ

# ସାମରିକ ଘାଟି ଉଭୟଙ୍କୁ ଖୋଲା



ଆଜି ଆସୁଛନ୍ତି ପୁଟିନ

■ମସ୍କୋ, ୩।୧୨ (ଏଜେନ୍ସି): ଆସନ୍ତାକାଲି ଭାରତର ଦୁଇ ଦନିଆ ଗସ୍ତରେ ଆସୁଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ଏହି ଅବସରରେ ଭାରତ ଓ ରୁଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି । ଏଥିମଧ୍ୟରେ ରହିଛି ପାରସ୍ପରିକ ସାମରିକ ଘାଟି ବ୍ୟବହାର ପାଇଁ ଅନୁମତି । ଏହି ଚୁକ୍ତି କର୍ଯ୍ୟକାରୀ ହେଲେ ଉଭୟ ଭାରତ ଏବଂ ରୁଷିଆ ପରସ୍ପରର ସାମରିକ ଘାଟି ଲଜିଷ୍ଟିକ ସେବା ପାଇଁ ବ୍ୟବହାର କରିପାରିବେ । ଦୁଇ ଦେଶ ପରସ୍ପରର ସାମରିକ ଘାଟି ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ, ସମ୍ବଳକୁ ମଧ୍ୟ ବ୍ୟବହାର କରିପାରିବେ । ଏଥିାରେ ବନ୍ଦର ଏବଂ ଅନ୍ୟ ସାମରିକ ଭିତ୍ତିଭୂମି ରହିଛି । ଏସକ୍ରାନ୍ତ ପ୍ରସ୍ତାବକୁ ରୁଷ ସଂସଦ 'ଡୁମା' ମଞ୍ଜୁରୀ ପ୍ରଦାନ କରିଛି ।

ଚଳିତ ବର୍ଷ ଫେବୃଆରୀ ୧୮ ରେ ଏହି ଚୁକ୍ତି ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲା । ଗତ ସପ୍ତାହରେ ରୁଷିଆ ପ୍ରଧାନମନ୍ତ୍ରୀ ମିଖାଇଲ୍ ମିସୁଷ୍ଟିନ୍ ମଞ୍ଜୁରୀ ପାଇଁ ଏହାକୁ ସଂସଦକୁ ପଠାଇଥିଲେ । ଏହି ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଓ ସାମରିକ ଚୁକ୍ତି ଆହୁରି ଦୃଢ ହେବ ବୋଲି ରୁଷିଆ ସଂସଦ ବାଚସ୍ପତି ଭ୍ୟାଚେସ୍ଲାଭ ଭୋଲୋଡିନ କହିଛନ୍ତି। ସାମରିକ ଦୃଷ୍ଟିକୋଣରୁ ଏହି ଚୁକ୍ତି ବିଶେଷ ମହତ୍ତ୍ୱ ରଖୁଛି। ଏସଂପର୍କରେ ଜଣେ ଭାରତୀୟ ଅଧିକାରୀ କହିଛନ୍ତି ଯେ ଏହି ଚୁକ୍ତି ଦୁଇ ଦେଶ ମଧ୍ୟରେ ଐତିହାସିକ ହେବ। ଉଭୟ ଦେଶ ପରସ୍ପରର ସାମରିକ ଘାଟିକୁ ଇନ୍ଧନ, ସାମଗ୍ରୀ ଯୋଗାଣ, ରକ୍ଷଣାବେକ୍ଷଣ ଏବଂ ବର୍ଥ ପାଇଁ ବ୍ୟବହାର କରିପାରିବେ । କେବଳ ସାମରିକ କାର୍ଯ୍ୟକଳାପ ନୁହେଁ, ସମରାଭ୍ୟାସ ଏବଂ ବିପର୍ଯ୍ୟୟ ସମୟରେ ରିଲିଫ୍ ଯୋଗାଣ ପାଇଁ ସାମରିକ ପ୍ରତିଷ୍ଠାନର ବ୍ୟବହାର କରାଯାଇ ପାରିବ । ଆମେରିକା ସହିତ ମଧ୍ୟ ଭାରତର ଏଭଳି ଚୁକ୍ତି ରହିଛି । ଉଭୟ ଆମେରିକା ଏବଂ ରୁଷିଆ ସହିତ ଏଭଳି ଚୁକ୍ତି କରିବାରେ ଭାରତ ହେଉଛି ବିଶ୍ୱର ଏକାମାତ୍ର ଦେଶ ବୋଲି ସେ କହିଛନ୍ତି। ଏହାସହିତ ଦୁଇ ଦେଶ ମଧ୍ୟରେ ବେସାମରିକ ପରମାଣୁ ସହଯୋଗ ପାଇଁ ମଧ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ ବୋଲି ମସ୍କୋ ପକ୍ଷରୁ ସୂଚନା ଦିଆଯାଇଛି ।

ୟୁକ୍ରେନ ଯୁଦ୍ଧକୁ ନେଇ ଆମେରିକା ସମେତ ପାଶ୍ଚାତ୍ୟ ଦେଶ ସହିତ ରୁଷ ସଂପର୍କ ତିକ୍ତ ରହିଥିବା ବେଳେ ପୁଟିନ ଭାରତ ଗସ୍ତରେ ଆସୁଛନ୍ତି । ରୁଷ ସହିତ ବାଣିଜ୍ୟ କାରବାର ଉପରେ ଆମେରିକା କଟକଣା ଜାରି କରିଛି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ବାଧ୍ୟ କରୁଛି । କିନ୍ତୁ ଭାରତ କଟକଣା ମାନୁ ନଥିବାରୁ ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଛି । ତେବେ ପୁଟିନଙ୍କ ଏହି ଗସ୍ତ ଅବସରରେ ସାମରିକ ଚୁକ୍ତି ସମେତ ତେଲ ଓ ଅନ୍ୟାନ୍ୟ ବାଣିଜ୍ୟ କାରବାର ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି ।

## ରସାତଳକୁ ଗଲା ଟଙ୍କା

# ୧ ଡଲାର = ୯୦.୧୩ ଟଙ୍କା

■ମୁମ୍ବଇ, ୩।୧୨ (ଏଜେନ୍ସି): ଦୁର୍ବଳ ହେବାରେ ଲାଗିଛି ଭାରତୀୟ ମୁଦ୍ରା 'ଟଙ୍କା'। ବୁଧବାର ଟଙ୍କା ମୂଲ୍ୟ ରେକର୍ଡ ସର୍ବନିମ୍ନ ୯୦ ଟଙ୍କା ସ୍ତରକୁ ଖସିଆସିଛି। ଆମେରିକୀୟ ଡଲାର ମଜବୁତ ହେବାର ପ୍ରଭାବରେ ଟଙ୍କା ମୂଲ୍ୟରେ ଏଭଳି ଐତିହାସିକ ହ୍ରାସ ଘଟିଛି। ଫଳରେ ଚାପଗ୍ରସ୍ତ ହୋଇଛି ଘରୋଇ ମୁଦ୍ରା । ଭାରତୀୟ ମୁଦ୍ରା ଇତିହାସରେ ପ୍ରଥମ ଥର ପାଇଁ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୦ ଟଙ୍କା ସ୍ତର ଅତିକ୍ରମ କରିଛି ।

ଟଙ୍କା ଉପରେ ବଢୁଥିବା ଚାପ ପଛରେ ଅନେକ କାରଣ ରହିଛି। ଯେପରିକି ଡଲାର ଚାହିଦାରେ ବୃଦ୍ଧି, ବିଶ୍ୱସ୍ତରରେ ଅନିଶ୍ଚିତତା ବଢ଼ିବା ଏବଂ ବିଦେଶୀ ଚାହିଦାରେ ବୃଦ୍ଧି। ବିଗତ କିଛି ଦିନ ହେବ ବୈଦେଶିକ ମୁଦ୍ରା



ବିନିମୟ ବଜାରରେ ଟଙ୍କା ମୂଲ୍ୟରେ ହ୍ରାସ ଧାରା ଜାରି ରହିଛି । ଆଜି ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୯ ପଇସା ହ୍ରାସ ଘଟି ▶ପୃଷ୍ଠା-୭

# ବଢ଼ିବନି ସର୍ବନିମ୍ନ ଇପିଏଫ୍ ପେନ୍ସନ୍

■ ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ଇପିଏଫ୍ କର୍ମଚାରୀ ଓ ପେନ୍ସନ୍‌ଭୋଗୀଙ୍କୁ ଲାଗିଛି ବଡ଼ ଝଟ୍‌କା। କାରଣ ଆଉ ବଢ଼ିବନି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସଦସ୍ୟଙ୍କ ସର୍ବନିମ୍ନ ପେନ୍ସନ୍। କେବଳ ଏତିକି ନୁହେଁ ପେନ୍ସନ୍‌ଭୋଗୀଙ୍କୁ ମିଳିବନି ମହଙ୍ଗା ଭତ୍ତା (ଡିଏ) ବୃଦ୍ଧିର ଲାଭ। ଅର୍ଥାତ୍ ଏଣିକି ଡିଏ ବୃଦ୍ଧି ଆଧାରରେ ବଢ଼ିବନି ପେନ୍ସନ୍ ଭୋଗୀଙ୍କ ମହଙ୍ଗା ଆଶ୍ୱସ୍ତି (ଡିଆର୍) । ଆଶା କରାଯାଉଥିଲା ଯେ ସରକାର କର୍ମଚାରୀ ପେନସନ ଯୋଜନା ୧୯୯୫ (ଇପିଏସ୍-୯୫) ଅନ୍ତର୍ଗତ ସ୍ୱଳ୍ପ ପେନ୍ସନ୍ ପରିମାଣକୁ ଏକ ସମ୍ମାନଜନକ ସ୍ତରକୁ ବୃଦ୍ଧି କରିବେ। ସର୍ବନିମ୍ନ ଇପିଏଫ୍ ପେନ୍ସନ ବର୍ତ୍ତମାନର ୧୦୦୦ ରୁ ୭୫୦୦ ଟଙ୍କାକୁ ବୃଦ୍ଧି



ବୃଦ୍ଧି ହେବନି ପେନ୍ସନ୍ ଭୋଗୀଙ୍କ ଡିଆର୍

ସଂସଦରେ ସଫା ସଫା ମନା କଲେ ମନ୍ତ୍ରୀ

ହେବା ନେଇ ବେଶ ଚର୍ଚ୍ଚା ହେଉଥିଲା । କେତେକ ଗଣମାଧ୍ୟମ ରିପୋର୍ଟରେ ଗତ ଅକ୍ଟୋବର ମାସର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ▶ପୃଷ୍ଠା-୭

# ୩ଟି ପର୍ଯ୍ୟାୟରେ ଯୁକ୍ତ ଦୁଇ ପରୀକ୍ଷା

■ ଭୁବନେଶ୍ୱର, ୩।୧୨ (ସମିସ): ଚଳିତ ଶିକ୍ଷାବର୍ଷର ଯୁକ୍ତ ଦୁଇ ପରୀକ୍ଷା ପାଇଁ ଆଜି ତାରିଖ ସୂଚୀ ପ୍ରକାଶ ପାଇଛି। ଚଳିତବର୍ଷର ୩ଟି ପର୍ଯ୍ୟାୟରେ + ୨ ପରୀକ୍ଷା ହେବ। ଇଣ୍ଟରନାଲ ଆସେସ୍‌ମେଣ୍ଟ ଓ ପ୍ରୋଜେକ୍ଟ ମୂଲ୍ୟାଙ୍କନ ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବ। ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ସରିବ । ଫେବୃଆରୀ ୧୮ ତାରିଖରୁ ଲିଖିତ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨୧ ତାରିଖରେ ସରିବ । କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବର୍ଗରେ ମୋଟ୍ ୨୨ ▶ପୃଷ୍ଠା-୭

**ଡିସେମ୍ବର ୨୨ରୁ ଇଣ୍ଟରନାଲ୍, ଜାନୁଆରୀରୁ ପ୍ରାକ୍ଟିକାଲ ଏବଂ ଫେବୃଆରୀ ୧୮ ରୁ ଲିଖିତ ପରୀକ୍ଷା**

# ଧାନ କିଣା ଆରମ୍ଭରୁ ବିଭ୍ରାଟ

## ବିଧାନସଭାରେ ସରକାରଙ୍କୁ ଘେରିଲେ ବିଜେଡି-କଂଗ୍ରେସ



ମନଇଚ୍ଛା କଟ୍‌ନୀଛଟ୍‌ନୀ ନେଇ ବିରୋଧୀଙ୍କ ସନ୍ଦେହ

ଗତ ଖରିଫରେ ରେକର୍ଡ ପରିମାଣର ଧାନ ସଂଗ୍ରହ ହୋଇଛି: ଶାସକ

■ ଭୁବନେଶ୍ୱର, ୩।୧୨ (ସମିସ): ଘରୁ ନ ପଶୁଣୁ ଚାଳ ବାଜିବା ପରି ଧାନ କିଣା ଆରମ୍ଭରୁ ଦେଖାଦେଇଛି ବିଭ୍ରାଟ । ପ୍ରାୟ ମାସେ ବିଳମ୍ବରେ ପଶ୍ଚିମ ଓଡ଼ିଶାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଳମ୍ବ ପ୍ରକ୍ରିୟା କାରଣରୁ ଚାଷୀ ଅଭାବୀ ବିକ୍ରିର ମଧ୍ୟ ଶିକାର ହେଲଣି । ସରକାର ମିଲରଙ୍କର ଷ୍ଟକ ଯାଞ୍ଚ କରିନାହାନ୍ତି । ସବୁ ଆଡେ ଗ୍ରେନ ଆନାଲାଇଜର ମେସିନ ପହଞ୍ଚି ନାହିଁ। ଯେଉଁଠି ମେସିନ ନାହିଁ ସେଠାରେ ପୂର୍ବବର୍ଷ ପରି ମନଇଚ୍ଛା କଟନୀ ଛଟନୀ ହେବାର ଆଶଙ୍କା ଦେଖା ଦେଲାଣି। ଖରିଫ୍ ଧାନ କିଣା ପ୍ରକ୍ରିୟାକୁ ନେଇ ବୁଧବାର ବିଧାନସଭାରେ ଏମିତି ସନ୍ଦେହ ବ୍ୟକ୍ତ କରିଛନ୍ତି ବିରୋଧୀ। କେନ୍ଦ୍ର ସରକାରଙ୍କ ଘୋଷିତ ଏମଏସପି ୨୩୬୯ ଏବଂ ରାଜ୍ୟ ସରକାରଙ୍କ ଇନପୁଟ ସବସିଡି ୮୦୦ ଟଙ୍କାକୁ ମିଶାଇ ମୋଟ ୩୧୬୯ ଟଙ୍କା ସରକାର ଦେବେ କି ନାହିଁ ସିଧାସଳଖ ପ୍ରଶ୍ନ ମଧ୍ୟ କରିଛନ୍ତି। ଅନ୍ୟପକ୍ଷରେ ଶାସକ ଦଳ ବିଧାୟକମାନେ ବିରୋଧୀଙ୍କ ଅଭିଯୋଗ ଅମୂଳକ କହିବା ସହ ନୂଆ ସରକାର ଆସିବା ପରେ ରାଜ୍ୟକେ କଟନୀ ଛଟନୀ କମିଛି ବୋଲି ଯୁକ୍ତି ବାଢ଼ିଛନ୍ତି।

ମୁଲତବୀ ଆଲୋଚନାକୁ ଆରମ୍ଭ କରି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ କହିଲେ ଯେ ପଶ୍ଚିମ ଓଡ଼ିଶାରେ ଡିସେମ୍ବର ପ୍ରଥମ ସପ୍ତାହରୁ ଦାନ ସଂଗ୍ରହ ପ୍ରକ୍ରିୟା ସବୁଥର ଆରମ୍ଭ ହୁଏ। ମାତ୍ର ଚଳିତ ଥର ଏଥିରେ ପ୍ରାୟ ମାସେ ବିଳମ୍ବ ଘଟିଛି। ଧନ ଅମଳ ପରେ ଚାଷୀ ନିଜ ପାଖରେ ଧାନ ରଖିପାରେ ନାହିଁ। ସେଥିପାଇଁ ଚାଷୀ ଅଭାବୀ ବିକ୍ରି ଆରମ୍ଭ କଲେଣି। ଧାନ କିଣା ଆରମ୍ଭରେ କାହିଁକି ବିଳମ୍ବ ହେଲା ସରକାର ତାହାର ଉତ୍ତର ରଖିବାର ଆବଶ୍ୟକତା ରହିଛି । ବରଗଡ଼ରେ ପ୍ରାୟ ୫୦୦୦ ଚାଷୀ ପଞ୍ଜୀକରଣ କରିପାରି ▶ପୃଷ୍ଠା-୭

## ୩୧୬୯ ନୁହେଁ; ସରକାର ଦେବେ ୩୧୦୦ ଟଙ୍କା: ମନ୍ତ୍ରୀ

■ ଭୁବନେଶ୍ୱର, ୩।୧୨ (ସମିସ): କେନ୍ଦ୍ର ସରକାର ଚଳିତ ଖରିଫରେ କ୍ୱିଣ୍ଟାଲ ପିଛା ୬୯ ଟଙ୍କା ଅଧିକ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ଘୋଷଣା କରିଥିଲେ। ସେହି ଅନୁଯାୟୀ ଏମଏସପି ୨୩୬୯ ଟଙ୍କା ଏବଂ ଇନପୁଟ ସବସିଡି ବାବଦକୁ ୮୦୦ ଟଙ୍କା ମିଶାଇ ଚାଷୀ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ପାଇବା ନେଇ ସମ୍ଭାବନା ଦେଖା ଦେଇଥିଲା। ତେବେ ଚଳିତ ଖରିଫ ଋତୁରେ ରାଜ୍ୟ ସରକାର ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରିବେ ବୋଲି ଆଜି ବିଧାନସଭାରେ ସ୍ପଷ୍ଟ କରିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ବିରୋଧୀଙ୍କ ପକ୍ଷରୁ ଆଗତ ମୁଲତବୀ ଆଲୋଚନାରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ଚଳିତ ଖରିଫରେ ୧୯ ଜୁଲାଇ ୨୦୨୫ରୁ ୧୯ ଅଗଷ୍ଟ ୨୦୨୫ ଯାଏଁ ଚାଷୀ ପଞ୍ଜୀକରଣ ଧାର୍ଯ୍ୟ ହୋଇଥିଲା। ▶ପୃଷ୍ଠା-୭

## ଶୀତ ସହ ବଢ଼ିବ କୁହୁଡ଼ି

■ ଭୁବନେଶ୍ୱର, ୩।୧୨ (ସମିସ): ରାଜ୍ୟରେ ପୁଣି ତାପମାତ୍ରା ହ୍ରାସ ପାଇବ । ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ଖସିବ। ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ତାମିଲନାଡୁ ଓ ପୁଡୁଚେରୀ ଉପକୂଳରେ ସୃଷ୍ଟି ହୋଇଥିବା ବାତ୍ୟା ଦୁର୍ବଳ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ଦୁର୍ବଳ ହେବା ପରେ ପୁଣି ଥରେ ରାଜ୍ୟକୁ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ଆରମ୍ଭ ହୋଇଛି। ଏହା ଫଳରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ବଢ଼ିବା ନେଇ ଆକଳନ କରାଯାଉଛି ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ, ସାରା ରାଜ୍ୟରେ ବୁଧବାର ରାତିଠାରୁ ସର୍ବନିମ୍ନ ତାପମାତ୍ରା ହ୍ରାସ ହେବ। ଆସନ୍ତା ଶନିବାର ରାତି ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ଜାରି ରହିବ । ଏହି ୪ ଦିନରେ ପାରଦ ପ୍ରାୟ ୪ ଡିଗ୍ରୀ କମିବାର ସମ୍ଭାବନା ରହିଛି। ୭ ତାରିଖ ଅର୍ଥାତ ରବିବାର ରାତିରେ ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶା ଓ କେନ୍ଦ୍ରୀୟ ଓଡ଼ିଶାରେ ଆଉ ୧ ଡିଗ୍ରୀ କମିପାରେ। ୮ ତାରିଖ ରାତିରେ ଅନେକ ସ୍ଥାନରେ ୧-୨ ଡିଗ୍ରୀ ବଢ଼ି ପୁଣି ତା ପରଦିନ ତାପମାତ୍ରା କମିବ ଓ ଶୀତ ଜାରି ରହିବ। ଆଗକୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ତେବେ ଏହି ସମୟରେ ରାଜ୍ୟର ଅନେକ ▶ପୃଷ୍ଠା-୭









# ବୈଜ୍ଞାନିକଙ୍କ ସ୍ଥାନ ନେବ ଏଆଇ!

ଏଆଇ ଆସିବା ପରଠୁ ପ୍ରତ୍ୟେକ ଦିନ କିଛି ନା କିଛି ପରିବର୍ତ୍ତନ ଆସୁଛି । ସେହିପରି ବହୁତ ବଡ଼ ବଡ଼ କାମକୁ ଏଆଇ ମାତ୍ର କେଇ ମିନିଟ୍ ମଧ୍ୟରେ କରି ଦେଉଥିବା ବେଳେ ଏଥିଯୋଗୁଁ ଅନେକଙ୍କ ଚାକିରି ପ୍ରତି ବିପଦ ସୃଷ୍ଟି ହୋଇଛି । ଏପରିକି ଅନେକଙ୍କୁ ଚାକିରି ମଧ୍ୟ ହରାଇବାକୁ ପଡ଼ିଛି । ଏହାରି ଭିତରେ ଓପନ ଏଆଇର ସିଇଓ ସାମ୍ ଅଲଟମ୍ୟାନ୍ ଏମିତି କିଛି କହିଛନ୍ତି, ଯାହାକି ପୂରା ଟେକ୍ ଦୁନିଆରେ ହଇଚଇ ସୃଷ୍ଟି କରିଛି । ୨୦୨୮ ସୁଦ୍ଧା ଓପନ ଏଆଇ ଏକ ଏଆଇ ଗବେଷକ ତିଆରି କରିବ । କହିବାକୁ ଗଲେ, ଏହା ଏମିତି ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଯାହାକି ମଣିଷ ଭଳି ନୁହେଁ, ବରଂ ମଣିଷଠାରୁ ଅଧିକ ଚିନ୍ତା କରିପାରିବ ଏବଂ ଗବେଷଣା କରିବ । ଏହି କଥା ସାମ୍ନାକୁ ଆସିବା ପରେ ଏଆଇ ଏବେ ମାନବ ଗବେଷକ, ବୈଜ୍ଞାନିକ ଏବଂ ଗବେଷଣା ଚାକିରି ଲାଗି ବିପଦ ଆଣିପାରେ ବୋଲି ଲୋକଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି । ତେବେ ମେସିନ୍ ନିଜେ ଗବେଷଣା କରିବା ଦ୍ୱାରା ଅନେକ ଗବେଷଣା ଏବଂ ବିଶ୍ଳେଷଣ ସହ ଜଡ଼ିତ ଚାକିରି ପାଇଁ ବିପଦ ଆଣିପାରେ । ଏନେଇ କମ୍ପାନି ପକ୍ଷରୁ କୁହାଯାଇଛି ଯେ, ବୈଜ୍ଞାନିକମାନଙ୍କୁ ଗବେଷଣାରେ ସହାୟତା କରିବା ପାଇଁ ସେପ୍ଟେମ୍ବର ୨୦୨୬ ସୁଦ୍ଧା ଏକ ଏଆଇ ରିସର୍ଚ୍ଚ ଆସିଷ୍ଟାଣ୍ଟ ପ୍ରସ୍ତୁତ କରାଯିବ । ସେହିଭଳି ୨୦୨୮ ସୁଦ୍ଧା ଏହା ଏକ ପୂର୍ଣ୍ଣକାଳୀନ ଏଆଇ ଗବେଷକରେ ପରିଣତ ହୋଇ ନିଜେ ଗବେଷଣା କରିବାକୁ ସକ୍ଷମ ହେବ । ଏହି ନୂଆ ଏଆଇ କଠିନରୁ କଠିନ ଗବେଷଣାକୁ ନିଜେ ନିଜେ କରିବାକୁ ସକ୍ଷମ ହେବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି ।



# ନୌସେନା ଦିବସ

ଭାରତୀୟ ନୌସେନା ଦିବସ ପ୍ରତିବର୍ଷ ଡିସେମ୍ବର ୪ରେ ପାଳନ କରାଯାଏ । ୧୯୭୧ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧରେ ହୋଇଥିଲା ଅପରେସନ ଟ୍ରାଇଡେଣ୍ଟ । ଅପରେସନ ଟ୍ରାଇଡେଣ୍ଟର ସଫଳତା ସ୍ମୃତିରେ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ନୌସେନା ଦିବସ ପାଳିତ ହୁଏ । ଏହା ଭାରତୀୟ ନୌସେନାର ଶକ୍ତି, ସାହସ ଓ ପରାକ୍ରମର ପ୍ରତୀକ । ନୌସେନା ଦିବସ କେବଳ ନୌସେନାର ବୀରତ୍ୱର କାହାଣୀ କହେନି, ବରଂ ଦେଶର ସୁରକ୍ଷାରେ ନୌସେନାର ପ୍ରତିବଦ୍ଧତାକୁ ଦର୍ଶାଇଥାଏ । ଭାରତୀୟ ନୌସେନା ବାହିନୀକୁ ସମ୍ମାନ ଦେବା ଏବଂ ସେମାନଙ୍କର ଅବଦାନକୁ ପ୍ରଶଂସା କରିବା ନେଇ ଏହା ହେଉଛି ଏକ ବିଶେଷ ଅବସର । ଦେଶର ପ୍ରତିରକ୍ଷା କ୍ଷେତ୍ରରେ ନୌସେନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ସମୁଦ୍ରକୁ ଲାଗି ରହିଥିବା ସୀମାବର୍ତ୍ତୀ ଅଞ୍ଚଳରେ ନୌସୈନିକମାନେ ଦିନରାତି ସଜାଗ ରହି ଦେଶକୁ ଶତ୍ରୁ ମୁଖରୁ ରକ୍ଷା କରିଥାନ୍ତି । ୧୯୭୧ ମସିହା ଡିସେମ୍ବର ୩ ତାରିଖରେ ପାକିସ୍ତାନୀ ସେନା ଭାରତୀୟ ବାୟୁସୀମା ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଆକ୍ରମଣ ପାଇଁ ଉଦ୍ୟମ କରୁଥିଲା । ଏହାର ଜବାବରେ 'ଅପରେସନ ଟ୍ରାଇଡେଣ୍ଟ' ଜରିଆରେ ପାକିସ୍ତାନ ନୌସେନା ଉପରେ ଆକ୍ରମଣ କରିଥିଲା ଭାରତ । ଏଥିରେ ପାକିସ୍ତାନର କିଛି ଜାହାଜ ଓ ତେଲ ଡିପୋ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ଧ୍ୱଂସର ପ୍ରଭାବ ଏତେ ଥିଲା ଯେ, ୭ ଦିନ ପର୍ଯ୍ୟନ୍ତ ଏହି ଡିପୋଗୁଡ଼ିକ ଜଳିଥିଲା । ଆକ୍ରମଣ ଯୋଗୁଁ ପାକିସ୍ତାନୀ ନୌସେନାର ଡେଷ୍ଟ୍ରୟର୍ ପିଏନ୍ଏସ୍ ଖାଇବର ଓ ମାଇନ୍ ସ୍ୱିପର ପିଏନ୍ଏସ୍ ମୁହାଫିଜ ଧ୍ୱଂସ ହୋଇଯାଇଥିଲା । ଏଥିରେ ୭୨୦ ପାକିସ୍ତାନୀ ନୌସୈନିକ ପ୍ରାଣ ହରାଇଥିଲେ । ଶେଷରେ ପାକିସ୍ତାନ ନୌସେନା ଭାରତ ନିକଟରେ ଆତ୍ମସମର୍ପଣ କରିଥିଲା । ତେବେ ଭାରତୀୟ ନୌସେନାର ଏହି ବଡ଼ ବିଜୟକୁ ମନେ ପକାଇବା ସହ ସେମାନଙ୍କ ବୀରତ୍ୱକୁ ସଲାମ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ନୌସେନା ଦିବସ ପାଳନ କରାଯାଇ ଆସୁଛି । ଏହି ଦିନ ଆମ ସୁରକ୍ଷା ବାହିନୀ ପ୍ରତି କୃତଜ୍ଞତା ଜଣାଇବା ଓ ସେମାନଙ୍କର ଅବଦାନ ବୁଝିବା ପାଇଁ ଏକ ସୁଯୋଗ ପ୍ରଦାନ କରିଥାଏ । ଭାରତୀୟ ନୌସେନାର ଏହି ଅବଦାନକୁ ସମ୍ମାନ ଦେବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ।

## ଆଜିର ଇତିହାସ

- ୧୮୮୮- ଐତିହାସିକ ରମେଶ ଚନ୍ଦ୍ର ମଜୁମଦାରଙ୍କ ଜନ୍ମ ।
- ୧୯୨୪- ଗେଟ୍ ୱେ ଅଫ୍ ଇଣ୍ଡିଆର ଉଦ୍‌ଘାଟନ ।
- ୧୯୬୭- ଦେଶର ପ୍ରଥମ ରକେଟ୍ 'ରୋହିଣୀ ଆର୍‌ଏଚ୍-୭୫' ଉତ୍କ୍ଷେପଣ କରାଗଲା ।
- ୧୯୯୬- ନାସା ମଙ୍ଗଳ ଗ୍ରହ ପାଇଁ ମହାକାଶଯାନ 'ମାର୍ସ ପାଥ ଫାଉଣ୍ଡର'କୁ ପ୍ରକ୍ଷେପିତ କଲା ।
- ୨୦୦୬- ଫିଲିପାଇନ୍ସର ଏକ ଗାଁରେ ତୋଫାନ ପରେ ମାଟି ଧସିଯିବାରୁ ୧୦୦୦ ଲୋକଙ୍କ ପ୍ରାଣହାନି ।

# ବିଶ୍ୱର ସବୁଠୁ ଛୋଟ ଘୋଡ଼ା

## ଉଚ୍ଚତା ୨୧ ଇଞ୍ଚ



ସାଧାରଣତଃ ଗୋଟିଏ ବ୍ୟାଗ୍‌ର ଆକାର ୨୧ ଇଞ୍ଚରୁ ଅଧିକ ହୋଇଥାଏ । ଏବେ ପୁମୁକେଲ ନାମକ ଘୋଡ଼ା ବିଶ୍ୱର ସବୁଠୁ ଛୋଟ ଘୋଡ଼ା ଭାବେ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି । ଜର୍ମାନୀରେ ରହୁଥିବା ପୁମୁକେଲର ଲମ୍ବ ୨୧.୧ ଇଞ୍ଚ । ପୂର୍ବରୁ ଏହି ରେକର୍ଡ ପୋଲାଣ୍ଡର ବମ୍ବେଲ ନାମକ ଘୋଡ଼ା ନାମରେ ଥିଲା । ବମ୍ବେଲର ଲମ୍ବ ୫୬.୭ ସେଣ୍ଟିମିଟର ଅର୍ଥାତ୍ ୨୨.୩୬ ଇଞ୍ଚ ଥିଲା । ପୁମୁକେଲର ମାଲିକାଣୀ କୈରୋଲା ୱିଡେମାନ କହିବାନୁଯାୟୀ, 'ସେ ଜଣେ ବନ୍ଧୁଙ୍କଠାରୁ ପୁମୁକେଲ ବାବଦରେ ଜାଣିଥିଲେ । ଏହାପରେ ସେ ଗାଡ଼ି ଚଳାଇ ପୁମୁକେଲ ରହୁଥିବା ସ୍ଥାନକୁ ଯାଇଥିଲେ । ସେଠାରେ ସେ ଏତେ ଛୋଟ ଘୋଡ଼ାକୁ ଦେଖି ଚକିତ ହୋଇଯାଇଥିଲେ । ଏହି ଘୋଡ଼ାକୁ ସେ ଅକ୍ଟୋବର ୨୦୨୦ ମସିହାରେ ଘରକୁ ଆଣିଥିଲେ । ପୁମୁକେଲକୁ ସେ ଯେତେବେଳେ ଘରକୁ ଆଣିଥିଲେ ଏହା ମାତ୍ର ପାଞ୍ଚ ମାସର ହୋଇଥିଲା । ସେତେବେଳେ ତାର ଲମ୍ବ ୪୭ ସେଣ୍ଟିମିଟର ଥିଲା । କୈରୋଲା ପୁମୁକେଲକୁ ଥେରାପି ଘୋଡ଼ା ଭାବେ ତାଲିମ ପ୍ରଦାନ କରିଛନ୍ତି । ପୁମୁକେଲ ପ୍ରତିଦିନ ନର୍ସିଂ ହୋମ, ଧର୍ମଶାଳା, ସ୍କୁଲ୍, ଭିନ୍ନକ୍ଷମ ଲୋକଙ୍କ ନିକଟକୁ ଯାଇ ସେମାନଙ୍କୁ ଖୁସି କରିବାକୁ ଚେଷ୍ଟା କରେ ।

# କ୍ଷୀରରୁ ପୋଷାକ

କ୍ଷୀର ଛିଡ଼ିଗଲେ ସେଥିରୁ ଛେନା ତଥା ପନିର ତିଆରି ହେବା କଥା ସମସ୍ତେ ଜାଣନ୍ତି । ହେଲେ ଏବେ କ୍ଷୀରରୁ କପଡ଼ା ତିଆରି କରାଯାଉଛି । ଏହି କପଡ଼ାକୁ 'ମିଲ୍କ ଫ୍ୟାବ୍ରିକ୍' କୁହାଯାଉଛି । ଜର୍ମାନୀ କମ୍ପାନି 'କ୍ୟୁ ମିଲ୍କ' ଏହି ଟେକ୍ନିକ୍‌କୁ ପରିଚିତ କରାଇଛି । ତେବେ ଉକ୍ତ କମ୍ପାନି କେବଳ ଖରାପ ହୋଇଯାଉଥିବା କ୍ଷୀରକୁ ହିଁ ଏହି କାମ ଲାଗି ଉପଯୋଗ କରୁଛି । ଏହି ପଦ୍ଧତିରେ ଗୋଟିଏ ଲିଟର କ୍ଷୀରରୁ ୧୦ ଗ୍ରାମ୍ କପଡ଼ା ବାହାର କରାଯାଇପାରିବ । କହିବାକୁ ଗଲେ ଗୋଟିଏ ଟି-ସାର୍ଟ ବନାଇବାକୁ ୬୦-୭୦ ଲିଟର କ୍ଷୀର ଆବଶ୍ୟକ । ଏହି କାରଣ ଯୋଗୁଁ ଏହାର ଦାମ୍ ମଧ୍ୟ ଆକାଶଛୁଆଁ । ସେହିପରି ଗୋଟିଏ ମିଟର ମିଲ୍କ ଫ୍ୟାବ୍ରିକର ଦାମ୍ ୧୫ ହଜାରରୁ ୪୫ ହଜାର ଟଙ୍କା ମଧ୍ୟରେ ହୋଇଥାଏ । ପ୍ରଥମେ କ୍ଷୀରକୁ ଛିଡ଼ାଯାଇ ସେଥିରୁ କେସିନ ପ୍ରୋଟିନ୍ ବାହାର କରାଯାଏ । ଏହି ପ୍ରୋଟିନ୍‌କୁ ପାଣିରେ ମିଶାଇ ଲିକ୍ୱିଡ୍ ତିଆରି କରାଯାଏ । ଏହାପରେ ସ୍ପିନିଂ ମେସିନ୍‌ରେ ଏହାକୁ ତନ୍ତୁରେ ରୂପାନ୍ତରିତ କରାଯାଏ । ଏହି ତନ୍ତୁ ଚମକଦାର ଏବଂ ମୁଲାୟମ ହୋଇଥାଏ । ଏହାପରେ ଏହାକୁ ବୁଣି କପଡ଼ା ତିଆରି କରାଯାଏ । ଏହି ପୂରା ପ୍ରକ୍ରିୟାରେ କୌଣସି ରସାୟନ ବ୍ୟବହାର କରାଯାଏ ନାହିଁ । ତେଣୁ ଏହା ପରିବେଶ ଅନୁକୂଳ ହେବା ସହ ଚର୍ମ ପାଇଁ ମଧ୍ୟ ଭଲ ହୋଇଥାଏ । ତେବେ କ୍ଷୀରରୁ କପଡ଼ା ତିଆରି କରିବା ଟେକ୍ନୋଲୋଜି ନୂଆ ନୁହେଁ । ୧୯୩୦ ମସିହାରେ ଇଟାଲିରେ ଯେତେବେଳେ ଉଲ୍‌ର ଅଭାବ ଦେଖାଯାଇଥିଲା ସେତେବେଳେ ସେଠାକାର ବୈଜ୍ଞାନିକ କ୍ଷୀରରୁ କପଡ଼ା ତିଆରି କରିବା ଆରମ୍ଭ କଲେ । ସେତେବେଳେ ଏହାକୁ 'ଲାନିଟାଲ' କୁହାଯାଉଥିଲା । ହେଲେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଶେଷବେଳକୁ ଉଲ୍ ଏବଂ ସିନ୍ଥେଟିକ୍ କପଡ଼ା ଆସିବାରୁ ଏହା ହଜିଗଲା । ଏବେ ପୁଣି ୨୦୨୫ରେ ଏହା ଫେରିଛି । ଅନ୍ୟପଟେ ମିଲ୍କ ଫ୍ୟାବ୍ରିକ୍ ରେଶମଠାରୁ ତିନି ଗୁଣ ଅଧିକ ନରମ । ଝାଳରେ ବି ଏହା ଦୁର୍ଗନ୍ଧ ହେବ ନାହିଁ । ଏହା ଶୀତରେ ଗରମ ଏବଂ ଗରମରେ ଶରୀରକୁ ଶୀତଳତା ପ୍ରଦାନ କରେ । ସବୁଠୁ ବଡ଼ କଥା ହେଉଛି, ଏହା ଦୁଇ ବର୍ଷ ମଧ୍ୟରେ ମାଟିରେ ମିଶିଯିବ ।






# କେଉଁ ପ୍ଲେଟ୍‌ରେ ଖାଇବା ସୁରକ୍ଷିତ



ସାଧାରଣତଃ ଲୋକେ ପ୍ରତିଦିନ ଯେଉଁ ପ୍ଲେଟ୍ ବା ଥାଳିରେ ଖାଦ୍ୟ ଖାଆନ୍ତି, ତାହାର ସିଧା ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ ବୋଲି ହୁଏତ ଅନେକ ଜାଣି ନଥିବେ । ଅନେକ ସମୟରେ ଲୋକେ ସହଜ, ସୁବିଧା, ଷ୍ଟାଇଲିସ୍ ପାଇଁ ନିଜ ହିସାବର ବାସନ ଚୟନ କରନ୍ତି । ହେଲେ ପ୍ରତ୍ୟେକ ବାସନ ଶରୀର ଉପରେ ଅଲଗା ଅଲଗା ପ୍ରଭାବ ପକାଏ । କିଛି ପ୍ଲେଟ୍‌ର ବ୍ୟବହାର ସୁରକ୍ଷିତ ହୋଇଥିବାବେଳେ ଆଉ କିଛି ପ୍ଲେଟ୍‌ରେ ଖାଦ୍ୟ ଖାଇବା ଦ୍ୱାରା ଶରୀରକୁ କ୍ଷତି ପହଞ୍ଚେ । ଏଭଳି କ୍ଷେତ୍ରରେ କାଚ, ପିତ୍ତଳ, ପ୍ଲାଷ୍ଟିକ୍, ପତ୍ର ଭଳି କେଉଁ ପ୍ଲେଟ୍‌ରେ ଖାଇବା ସୁରକ୍ଷିତ, ସେ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ । ତେବେ କାଚ ପ୍ଲେଟ୍‌କୁ ସବୁଠୁ ସୁରକ୍ଷିତ ବୋଲି କୁହାଯାଏ । ଏହା ବିଷାକ୍ତ ହୋଇ ନ ଥିବା ବେଳେ ଏଥିରେ ରାସାୟନିକ ପ୍ରତିକ୍ରିୟା ହେବା ଆଶଙ୍କା ନଥାଏ । ଏପରିକି ଏଥିରେ ଜୀବାଣୁ ବୃଦ୍ଧିର ଆଶଙ୍କା କମ୍ । ଏହାସହ କାଚ ପ୍ଲେଟ୍‌କୁ ଦୀର୍ଘ ଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରିବ ଏବଂ ଏହାକୁ ସଫା କରିବା ବି ସହଜ । ଏଣୁ କାଚ ପାତ୍ରରେ ଖାଦ୍ୟ ଖାଇବା ସବୁଠୁ ସୁରକ୍ଷିତ । ସେହିପରି ପତ୍ର ପ୍ଲେଟ୍ ପରିବେଶ ପାଇଁ ଅନୁକୂଳ । ଏହା ପରିବେଶ ଅନୁକୂଳ ହେବା ସହ ଏବଂ ଏଥିରେ କୌଣସି ପ୍ରକାର କ୍ଷତିକାରକ ରସାୟନ ନ ଥାଏ । ତେବେ ପତ୍ର ପ୍ଲେଟ୍ ପରିଷ୍କାର ଥିବା ସହ ଏହା ଖରାପ ହୋଇ ନ ଥିବା ଆବଶ୍ୟକ । ଅନ୍ୟପଟେ ପତ୍ର ପ୍ଲେଟ୍ ଖରାପ ହୋଇଯାଇ ଥିଲେ ଏଥିରୁ ଜୀବାଣୁଜନିତ ସଂକ୍ରମଣ ହେବା ଆଶଙ୍କା ବୃଦ୍ଧି ପାଏ । ଏ ଦୃଷ୍ଟିରୁ ପତ୍ରରେ ବେଳେବେଳେ ଖାଦ୍ୟ ଖାଇବା ସୁରକ୍ଷିତ । ସବୁବେଳେ ଏହାକୁ ବ୍ୟବହାର କରିବା ଅନୁଚିତ । ଅନ୍ୟପଟେ କଂସା ପିତ୍ତଳ ବାସନ ସ୍ୱାସ୍ଥ୍ୟ ପକ୍ଷେ ହିତକର । ଏହା ଖାଦ୍ୟକୁ ଗରମ ରଖିବାରେ ସାହାଯ୍ୟ କରେ ଏବଂ ଏଥିରୁ କିଛି ପୋଷକ ତତ୍ତ୍ୱ ବି ମିଳିଥାଏ । ସେହିପରି ପିତ୍ତଳ ବାସନରେ ଟିଣ କୋଟିଂ ନ ଥିଲେ ଏବଂ ଏହା ପୁରୁଣା ହୋଇଯାଇଥିଲେ, ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ । ଏହାବାଦ୍ ପ୍ଲାଷ୍ଟିକ୍ ପ୍ଲେଟ୍‌ରେ ଗରମ ଖାଦ୍ୟ ରଖିଲେ ଏଥିରେ ଥିବା ରସାୟନ ଖାଦ୍ୟରେ ମିଶି ଯାଇପାରେ । ଫଳରେ ଏହାଦ୍ୱାରା ହରମୋନ ଅସନ୍ତୁଳନ, ପାଚନ ସମସ୍ୟା ଏବଂ ଗମ୍ଭୀର ରୋଗ ଆଶଙ୍କା ବୃଦ୍ଧି କରେ । ବିଶେଷକରି ମାଇକ୍ରୋୱେଭ୍‌ରେ ପ୍ଲାଷ୍ଟିକ୍ ପ୍ଲେଟ୍ ବ୍ୟବହାର ଅଧିକ ବିପଜ୍ଜନକ ହୋଇଥାଏ । ତେଣୁ ପ୍ଲାଷ୍ଟିକ୍ ପ୍ଲେଟ୍‌ରେ ଖାଦ୍ୟ ଖାଇବା ଅନୁଚିତ । ଯଦି ସବୁଠୁ ସୁରକ୍ଷିତ ପ୍ଲେଟ୍ କଥା କୁହାଯିବ, ତେବେ କାଚ ପ୍ଲେଟ୍‌ରେ ଖାଦ୍ୟ ଖାଇବାକୁ ସବୁଠୁ ସୁରକ୍ଷିତ ବୋଲି କୁହାଯିବ । ସେହିପରି ପତ୍ର ପ୍ଲେଟ୍ ବି ସୁରକ୍ଷିତ । ହେଲେ ଏହା ସଫା ଓ ତାଜା ହୋଇଥିବା ଆବଶ୍ୟକ ।

# ୧୦ ବର୍ଷ ପରେ ଏକାଠି ଆସିବେ ରଣବୀର-ଦୀପିକା



ଏକଦା ରଣବୀର କପୁର ଓ ଦୀପିକା ପାଦୁକୋନ୍‌ଙ୍କ ପ୍ରେମ ସମ୍ପର୍କ ବଲିଉଡ୍‌ରେ ବେଶ୍ ଚର୍ଚ୍ଚାରେ ରହିଥିଲା । ଉଭୟ ଶେଷଥର ପାଇଁ ୨୦୧୫ରେ 'ତମାସା' ଫିଲ୍ମରେ ନଜର ଆସିଥିଲେ । ତେବେ ବଲିଉଡ୍‌ର ଏହି ହଟ୍ ଯୋଡ଼ିଙ୍କୁ ପୁଣି ଥରେ ପରଦା ଉପରେ ଦେଖିବା ପାଇଁ ତାଙ୍କ ପ୍ରଶଂସକମାନେ ଦୀର୍ଘ ଦିନ ଧରି ଅପେକ୍ଷା କରିଥିଲେ । ଏବେ ଏହି ଯୋଡ଼ି ପୁଣି ଥରେ ଏକାଠି ପରଦାକୁ ଫେରୁଛନ୍ତି । ରଣବୀର ତାଙ୍କ ଫିଲ୍ମ 'ରାମାୟଣମ୍'କୁ ନେଇ ଚର୍ଚ୍ଚାରେ ଥିବାବେଳେ ଦୀପିକା ଏବେ ଶାହାରୁଖ୍ ଖାନ୍‌ଙ୍କ ସହ 'କିଙ୍ଗ୍'ରେ କାମ କରୁଛନ୍ତି । କିଛି ଦିନ ପୂର୍ବରୁ ଦୀପିକା ଓ ରଣବୀର ଏକାଠି ମୁମ୍ବାଇ ବିମାନବନ୍ଦରରେ ନଜର ଆସିଥିଲେ । ସେବେଠାରୁ ଉଭୟ କୌଣସି ଫିଲ୍ମରେ କାମ କରୁଛନ୍ତି ବୋଲି ଦର୍ଶକେ ଅନୁମାନ କରୁଥିଲେ । ଏବେ ଏହା ଉପରୁ ପରଦା ଉଠିଛି । ଅୟାନ ମୁଖାର୍ଜୀ କ୍ଲାସିକ୍ ଫିଲ୍ମ 'ଚୋରି ଚୋରି'(୧୯୫୬) ରୁ ପ୍ରେରିତ ହୋଇ ଏକ ଫିଲ୍ମ ନିର୍ମାଣ କରିବାକୁ ଚାହୁଁଛନ୍ତି । ଏହି ଫିଲ୍ମରେ ରାଜ୍ କପୁର ଓ ନରଗିସ୍ ଦତ୍ତ ଲିଡ୍‌ରୋଲରେ ଦେଖାଯାଇଥିଲେ । ଅୟାନ୍ ଏହାକୁ ରିମେକ୍ କରିବା ବଦଳରେ ମୂଳ ଫିଲ୍ମରେ କେବଳ ନୂଆ ସ୍ପର୍ଶ ଦେବାକୁ ଚାହୁଁଛନ୍ତି । ତେବେ ଏହି ଫିଲ୍ମ ରାଜ୍ କପୁରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ କରାଯାଉଥିବାରୁ ରଣବୀରଙ୍କ ପାଇଁ ଭାବନାତ୍ମକ ରୂପେ ଏହା ବେଶ୍ ସ୍ୱତନ୍ତ୍ର ହେବ । ରଣବୀର ଓ ଦୀପିକା ଏହି ଫିଲ୍ମ ମାଧ୍ୟମରେ ଏକ ରୋମାଣ୍ଟିକ୍ କାହାଣୀକୁ ହାଲ୍‌କା ଫୁଲ୍‌କା ଭାବେ ପରଦାରେ ଦେଖାଇବେ । ଏଠାରେ ପ୍ରକାଶ ଥାଉ କି, ୨୦୦୮ ରେ 'ବଚନା ଏ ହସିନୋ' ଫିଲ୍ମ ମାଧ୍ୟମରେ ରଣବୀର ଓ ଦୀପିକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଉଭୟ ୨୦୧୦ରେ ଅଲଗା ହୋଇଯାଇଥିଲେ । ଏହି ସମ୍ପର୍କ ଭାଙ୍ଗିବା ପରେ ଦୀପିକା ଦୀର୍ଘ ଦିନ ଧରି ଅବସାଦ ମଧ୍ୟରେ ରହିଥିଲେ ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି । ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ହେବ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଲୋକ ସମ୍ପର୍କ ବୃଦ୍ଧି ପାଇବ । ଆର୍ଥିକ ସମସ୍ୟା ଦୂର ହୋଇପାରେ ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ନିଜକୁ କମଜୋର ଭାବନ୍ତୁ ନାହିଁ । ଧୈର୍ଯ୍ୟ ରଖନ୍ତୁ । ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ । ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ । ପାରିବାରିକ ସୁଖ ଶାନ୍ତି ମିଳିବ । ଯାନବାହନ କ୍ରୟ କରିପାରନ୍ତି ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଜୀବନସାଥିଙ୍କ ସହଯୋଗ ଲୋଡ଼ିବେ । ରାଜନୀତିରେ ସକ୍ରିୟ ରହିପାରନ୍ତି । ଅଚାନ ଖୁସି ଖବର ପାଇବେ ।

**ସିଂହ:** ଭାବିଚିନ୍ତି କାର୍ଯ୍ୟ କରନ୍ତୁ । ଧନପ୍ରାପ୍ତି ଯୋଗ ରହିଛି । ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ । କିଣା-ବିକାରେ ସମୟ ବିତିବ । ବୈବାହିକ ଜୀବନ ସୁଖମୟ ହେବ । ନୂତନ ଜମି କ୍ରୟ କରିପାରନ୍ତି ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ । ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ । ଅକସ୍ମାତ ଖୁସି ଖବର ପାଇପାରନ୍ତି । ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ । ବ୍ୟବସାୟରୁ ଲାଭ ପାଇବେ । ହାତେ ମାପି ଚାଖଣ୍ଡେ ଚାଲନ୍ତୁ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ । ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ । ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ । ମହିଳାମାନେ ଧର୍ମପରାୟଣା ହେବେ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ । ପରିବାର ସହିତ ହସଖୁସିର ସମୟ ବିତାଇପାରନ୍ତି । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି । ଚକ୍ଷୁ ସମସ୍ୟା ଭୋଗିପାରନ୍ତି ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି । ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ । ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ବୈବାହିକ ଜୀବନ ମଧୁମୟ ହେବ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ ।

# ରାଜ୍ୟରେ ୧୩୩ ଶୀତଳ ଭଣ୍ଡାରରୁ ୯୮ ଅଚଳ

■ ବଜେଟରେ ଥିଲା ୨୫୨ କୋଟିର ବ୍ୟୟବରାଦ
■ ୫ଟି ପ୍ରସ୍ତାବକୁ ରାଜ୍ୟ ସରକାର ଦେଇଛନ୍ତି ମଞ୍ଜୁରୀ

ଭୁବନେଶ୍ୱର,୩।୧୨(ସମିସ): ରାଜ୍ୟରେ ସମୁଦାୟ ୧୩୩ଟି ଶୀତଳ ଭଣ୍ଡାର ଥିବାବେଳେ ସେଥିମଧ୍ୟରୁ ମାତ୍ର ୩୫ଟି କାର୍ଯ୍ୟକ୍ଷମ ଅଛି। ବଳକା ୯୮ଟି ଅଚଳ ହୋଇ ପଡ଼ିଛି। ୩୫ଟି କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାର ମଧ୍ୟରୁ ୨ଟି ସରକାରୀ



ଏବଂ ୩୩ଟି ବେସରକାରୀ ଶୀତଳ ଭଣ୍ଡାର ରହିଛି ବୋଲି ବୁଧବାର ବିଧାନସଭାରେ କୃଷି ବିଭାଗର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ପକ୍ଷରୁ ଉତ୍ତର ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପରୋକ୍ତ ସୂଚନା ପ୍ରଦାନ କରିଛନ୍ତି।

ବୁଧବାର ପ୍ରଶ୍ନକାଳରେ କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ ରାଜ୍ୟରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ନେଇ ପ୍ରଶ୍ନ କରିଥିଲେ। ସରକାର ସବୁ ସବଡିଭିଜନରେ ଗୋଟିଏ ଲେଖାଏଁ ମୋଟ ୫୧ଟି ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ଘୋଷଣା କରିଥିଲେ। ଏହାର ସ୍ଥିତି ଏବେ କଣ। ସରକାର ସବୁ ଜିଲ୍ଲାରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପଦକ୍ଷେପ ନେବେ କି ବୋଲି ସେ ଜାଣିବାକୁ ଚାହିଁଥିଲେ।

ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଗତ ଜାନୁଆରୀ ମାସରୁ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଡିଭିଜନରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର କରାଯିବ। ଆବଶ୍ୟକ ହେଲେ ବ୍ଲକରେ ମଧ୍ୟ ଶୀତଳ ଭଣ୍ଡାର ହେବ। ଏଥିପାଇଁ ଚଳିତ ବଜେଟରେ ୨୫୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ଯୋଜନା ଆସନ୍ତା ୨୦୨୯-୩୦ ଯାଏଁ ଜାରି ରହିବ। ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ବେସରକାରୀ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଏସସି, ଏସଟି ବର୍ଗ ଓ ମହିଳାଙ୍କୁ ୬୦ ପ୍ରତିଶତ ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି। ଏ ବାବଦରେ ସେମାନଙ୍କୁ ୬.୫୦ କୋଟି ଟଙ୍କା ସବ୍‌ସିଡି ବାବଦରେ ଅର୍ଥ ଦିଆଯାଉଛି। ଅନ୍ୟ ବର୍ଗଙ୍କୁ ଏକ୍ଷେତ୍ରରେ ୬ କୋଟି ଟଙ୍କା ବ୍ୟବସ୍ଥା ରହିଛି। ସେହିପରି ବିଦ୍ୟୁତ୍ ବିଲ୍ ବାବଦରେ ମଧ୍ୟ ରାଜ୍ୟ ସରକାର ଯୋଜନା ଅଧୀନରେ ୫୦ ପ୍ରତିଶତ ରିଆତି ବ୍ୟବସ୍ଥା ରଖିଛନ୍ତି। ଅଚଳ ଶୀତଳ ଭଣ୍ଡାରକୁ ସଚଳ କରିବା ପାଇଁ ସରକାର ଷ୍ଟୋରେଜ ପିଛା ୧.୫ କୋଟି ଟଙ୍କା ପ୍ରଦାନ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ନୂଆ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ବେସରକାରୀ ସ୍ତରରେ ୧୫ଟି ଆବେଦନ କରାଯାଇଥିବା ବେଳେ ତନ୍ମଧ୍ୟରୁ ୫ଟିକୁ ମଞ୍ଜୁରୀ ମିଳିଛି। ବାକି ପ୍ରକ୍ରିୟା ମଧ୍ୟରେ ଅଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

ଅତିରିକ୍ତ ପ୍ରଶ୍ନକର୍ତ୍ତାମାନେ ନିଜ ନିଜ ଅଞ୍ଚଳରେ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଦାବି କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ବିଧାୟକମାନେ ନିଜ ନିଜ ଅଞ୍ଚଳର ଉଦ୍ୟୋଗୀମାନଙ୍କୁ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ଉତ୍ସାହିତ କରନ୍ତୁ। ବିଧାୟକଙ୍କ ସୁପାରିସକୁ ସରକାର ସର୍ବାଧିକ ପ୍ରାଥମିକତା ଦେବେ। ସେହିପରି ଅଚଳ ସରକାରୀ ଶୀତଳଭଣ୍ଡାରକୁ ସଚଳ କରିବା ପାଇଁ ବିଧାୟକମାନେ କରିଥିବା ଦାବିକୁ ସରକାର ବିଚାରକୁ ନେବେ ବୋଲି ସେ ଗୃହରେ ଅବଗତ କରିଥିଲେ।



ଜୟନ୍ତୀ ଅବସରରେ ବୁଧବାର ବିଧାନସଭା ପରିସରରେ ଥିବା ମା' ରମାଦେବୀଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବରିଷ୍ଠ ମନ୍ତ୍ରୀ ଓ ନେତୃବୃନ୍ଦ ଶ୍ରଦ୍ଧା ସୁମନ ଅର୍ପଣ କରୁଛନ୍ତି।

## ମନୋଜ ମିଶ୍ରଙ୍କ ପ୍ରୟାସକୁ ପ୍ରଶଂସା କଲେ ଅମିର ଖାନ୍

ଭୁବନେଶ୍ୱର,୩।୧୨(ସମିସ): ବଲିଉଡ ଅଭିନେତା ଅମିର ଖାନ୍‌ଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି ଓଡ଼ିଆ ଅଭିନେତା ମନୋଜ ମିଶ୍ର। ଅମିରଙ୍କୁ ଭେଟିବା ପରେ ଭାବପ୍ରବଣ ହୋଇ ମନୋଜମିଶ୍ର କହିଛନ୍ତି ଯେ, ମୋତେ କିଏ କ'ଣ ବୁଝୁଛି, ମୁଁ ଜାଣିନି କିନ୍ତୁ ଆଜି ଅମିର ଖାନ୍‌ଙ୍କ ସହ ଦେଢ଼ଘଣ୍ଟା ଆଲୋଚନା ଭିତରେ ମୁଁ ବୁଝିଗଲି ଯେ, ଓଡ଼ିଶାରେ ତିଆରି ସିନେମାକୁ ନେଇ ମୋ ମୁଣ୍ଡରେ କ'ଣ ରହିଛି, ସେ କଥାକୁ ଅମିର ଖାନ୍ ଭଲ ଭାବରେ ବୁଝିଗଲେ। ୧୦ ମିନିଟ୍ ସମୟ ଦେଇଥିଲେ କିନ୍ତୁ ଦେଢ଼ଘଣ୍ଟା ଧରି ଏବିଷୟରେ ଆଲୋଚନା ହେଲା। ଏତେ ବଡ଼ ଷ୍ଟାର ହୋଇ ମଧ୍ୟ ତାଙ୍କର କଳାପ୍ରତି ଭଲ ପାଇବା ରହିଛି ବୋଲି ମୋ କଥାକୁ ସେ ବୁଝି ପାରିଛନ୍ତି ବୋଲି ମନୋଜ ମିଶ୍ର କହିଛନ୍ତି। ତେବେ ଏହି ଆଲୋଚନାରେ ଅମିର ଖାନ୍ ମଧ୍ୟ ମନୋଜଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ଓଡ଼ିଶାର କଳା ସଂସ୍କୃତି ସହ ଓଡ଼ିଆ ସିନେମାକୁ ଆଗକୁ ନେବାକୁ ମନୋଜଙ୍କ ପ୍ରୟାସକୁ ବେଶ୍ ପ୍ରଶଂସା କରିଛନ୍ତି। ସିନେମା ପ୍ରତି ଲୋକଙ୍କୁ ଆକୃଷ୍ଟ କରିବାକୁ ତୃଣମୂଳସ୍ତରରେ ସେ ଯେଉଁଭଳି ଉଦ୍ୟମ କରିଛନ୍ତି ତାଙ୍କର ପ୍ରୟାସ ନିଶ୍ଚିତ ସଫଳ ହେବ ବୋଲି କହିବା ସହ ଆଗାବମ ଦିନରେ ତାଙ୍କୁ ସହଯୋଗ କରିବେ ବୋଲି ଅମିର ପ୍ରତିଶ୍ରୁତି ଦେଇଛନ୍ତି।

**ତୃଣମୂଳ ସ୍ତରରରେ ସିନେମା ପ୍ରତି ଲୋକଙ୍କୁ ଆକୃଷ୍ଟ କରିବାକୁ କରୁଛନ୍ତି ପ୍ରୟାସ**

## ମାଧୁରୀ ଦୀକ୍ଷିତଙ୍କ ଶାଢ଼ୀ ପିନ୍ଧା ଖର୍ଚ୍ଚ ୧.୬ କୋଟି

■ ବିମାନ ଭଡ଼ା, ରହିବା ଓ ଖାଇବା ଖର୍ଚ୍ଚ ଅଲଗା
■ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ଦେଲେ ବିସ୍ତୃତ ସୂଚନା

ଭୁବନେଶ୍ୱର,୩।୧୨(ସମିସ): ଓଡ଼ିଶା ହସ୍ତତନ୍ତର ଚାହିଦା ସାରା ବିଶ୍ୱରେ ରହିଛି। ସମ୍ବଲପୁରୀ ବାନ୍ଧ, ବରଗଡ଼ ଓ ବ୍ରହ୍ମପୁରୀ ପାଟ ସାଙ୍ଗକୁ ମାଣିଆବନ୍ଧ ପାଟବସ୍ତ୍ରକୁ ଲୋକେ ଅନଲାଇନରେ ଖୋଜିଖୋଜି କିଣୁଛନ୍ତି । ସାରା ଦେଶରେ ଶ୍ରେଷ୍ଠ ୫ଟି ହସ୍ତତନ୍ତ ଶାଢ଼ୀ ବା ସାମଗ୍ରୀ ସୂଚୀରେ ଓଡ଼ିଶାର ହସ୍ତତନ୍ତ ରହିଛି । ଏହାକୁ ଆହୁରି ଅଧିକ ପ୍ରଚାର କରିବାକୁ ରାଜ୍ୟ ସରକାରଙ୍କ ବୟନ ଶିଳ୍ପ ବିଭାଗ ବଲିଉଡ଼ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଦେଇଛି ୧.୬ କୋଟି ଟଙ୍କା। ଓଡ଼ିଶାକୁ ମାଧୁରୀ ଓ ତାଙ୍କ ସହାୟକମାନଙ୍କ ଯିବା ଆସିବା ନିମନ୍ତେ ବିମାନ ଖର୍ଚ୍ଚ, ତାରକା ହୋଟେଲରେ ରହିବା, ଖାଇବା ପିଇବା ଖର୍ଚ୍ଚ ମଧ୍ୟ ବିଭାଗ ବହନ କରିଛି। ମୋଟାମୋଟି ଦେଖିଲେ ମୋଟାମୋଟି ଖର୍ଚ୍ଚ ୨ କୋଟି ଟପିବ । ପୂର୍ବରୁ ଓଡ଼ିଆ ଅଭିନେତ୍ରୀମାନେ ଓଡ଼ିଶା ହସ୍ତତନ୍ତର ବିଜ୍ଞାପନ କରୁଥିଲେ। ମାତ୍ର ଏବେ ମାଧୁରୀ ଦୀକ୍ଷିତଙ୍କୁ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡ଼ାର ନିଯୁକ୍ତି ଦିଆଯାଇଛି ଏବଂ ଓଡ଼ିଆ ହସ୍ତତନ୍ତ ଶାଢ଼ୀ ପିନ୍ଧିବାକୁ ତାଙ୍କୁ ୧.୬ କୋଟି ଟଙ୍କା ସହ ତାଙ୍କ ପାଇଁ ଅନ୍ୟାନ୍ୟ ବ୍ୟଞ୍ଜ ମଧ୍ୟ ହସତନ୍ତ ଓ ହସ୍ତଶିଳ୍ପ ବିଭାଗକୁ ବହନ କରିବାକୁ ପଡ଼ିଛି।



ଅତୀତରେ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ, ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓଡ଼ିଶାର ହସ୍ତତନ୍ତ ଶାଢ଼ୀ ପିନ୍ଧୁଥିଲେ, ତାହାକୁ ଆଦର କରୁଥିଲେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓଡ଼ିଶା ହସ୍ତତନ୍ତ ଶାଢ଼ୀ ପିନ୍ଧି ବଜେଟ୍ ଆଗତ କରିଥିବା ଦେଖାଯାଇଛି। ସୋନପୁରର ପ୍ରସିଦ୍ଧ ହସ୍ତତନ୍ତ ଶିଳ୍ପୀଙ୍କ ଦ୍ୱାରା ଓଡ଼ିଆ ବର୍ଣ୍ଣମାଳା ଲିଖିତ ଶାଢ଼ୀକୁ ଅଭିନେତ୍ରୀ ବିଦ୍ୟାବାଲାନ୍ ପିନ୍ଧି ଶକୁନ୍ତଳା ଦେବୀଙ୍କ ଚରିତ୍ରରେ ଅଭିନୟ କରି ବିନାମୂଲ୍ୟରେ ଓଡ଼ିଆ ହସ୍ତତନ୍ତର ପ୍ରଚାର ପ୍ରସାର କରିଛନ୍ତି। ମାତ୍ର ଏବେ ମାଧୁରୀ ଓଡ଼ିଆ ହସ୍ତତନ୍ତକୁ ପ୍ରଚାର କରିବା ଦ୍ୱାରା ଆଗାମୀ ଦିନରେ ଓଡ଼ିଶାର ହସ୍ତତନ୍ତ ଶାଢ଼ୀ ଓ ସାମଗ୍ରୀ ବହୁଗୁଣ ବୃଦ୍ଧି ପାଇବ ବୋଲି ବିଭାଗ ଆଶା ରଖିଛି ଓ ରାଜକୋଷରୁ ପାଖାପାଖି ୨ କୋଟି ଟଙ୍କା ବ୍ୟୟ କରାଯାଇଛି। ଆଜି ବିଧାନସଭାରେ ବିଧାୟକ ଅରୁଣ କୁମାର ସାହୁଙ୍କ ଏକ ପ୍ରଶ୍ନରେ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ, ମାଧୁରୀଙ୍କୁ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡ଼ାର ନିଯୁକ୍ତି ଦ୍ୱାରା ଓଡ଼ିଶା ବୁଣାକାର ମାନଙ୍କର ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ। ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ କଳା ଓ ସୁନାମ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚି ଯାଇପାରିବ ଏବଂ ଓଡିଶାର ବୁଣାକାର ମାନଙ୍କର ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ। ଏହି ନିଯୁକ୍ତି ପାଇଁ ମାଧୁରୀଙ୍କୁ ରାଜ୍ୟ ରାଜକୋଷରୁ ୧କୋଟି ୬୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବିମାନ ଯାତାୟତ ସହ ରହିବା ଓ ଖାଇବା ଖର୍ଚ୍ଚ ବାବଦରେ ଅଲଗା ବ୍ୟୟ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

ଅନ୍ୟପକ୍ଷରେ ମାଧୁରୀ ଦୀକ୍ଷିତ ଆମ ଓଡ଼ିଆ ହସ୍ତତନ୍ତର କ'ଣ ପ୍ରଚାର ପ୍ରସାର କରିଛନ୍ତି ଓ ଏହାପରେ ଓଡ଼ିଶାରେ ଏହାର ପ୍ରଭାବ କେତେ ପଡ଼ିଛି ତାହାର ତର୍ଜମା କରିବାକୁ ପ୍ରସ୍ତାବ ଦେଇଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ଏହା ସହିତ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ଏହି ପଦକ୍ଷେପ ଦ୍ୱାରା ବିକ୍ରିବଟା କେତେ ପରିମାଣରେ ବଢ଼ିଛି ଓ ବୁଣାକାର କେତେ ଲାଭବାନ ହୋଇଛନ୍ତି ସେ ସମ୍ପର୍କରେ ଅନୁଧ୍ୟାନ କରିବା ଆବଶ୍ୟକ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି ।

■ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

## ଶିକ୍ଷା କର୍ମଚାରୀ ସଂଘଙ୍କ ଦାବି ଅନୁଧ୍ୟାନ କରିବାକୁ ଗଠନ ହେଲା କମିଟି

■ ପୂର୍ବତନ ଆଇଏଏସ୍ ଅଶୋକ ତ୍ରିପାଠୀ କମିଟି ଅଧ୍ୟକ୍ଷ ନିଯୁକ୍ତ
■ ୬ ମାସରେ ସରକାରଙ୍କୁ ଅନୁଶୀଳନ ରିପୋର୍ଟ ଦେବ କମିଟି

ଭୁବନେଶ୍ୱର,୩।୧୨(ସମିସ): ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡ଼ିକର କର୍ମଚାରୀ ସଂଘଙ୍କ ଦାବିର ଅନୁଶୀଳନ କରିବେ ସରକାର। ସେମାନଙ୍କ ଦାବି ଅନୁଶୀଳନ ପାଇଁ ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗ ଅଧିନରେ ବିଭିନ୍ନ ପ୍ରକାର ସରକାରୀ ଏବଂ ଅନୁଦାନପ୍ରାପ୍ତ ଓ ଅଣ-ଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି। ଏହି ଶିକ୍ଷାନୁଷ୍ଠାନ ଗୁଡିକର ବିଭିନ୍ନ ଶିକ୍ଷକ, ଅଧ୍ୟାପକ ଏବଂ କର୍ମଚାରୀ ସଂଘ ସେମାନଙ୍କର ବିଭିନ୍ନ ପ୍ରକାରର ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଆସୁଛନ୍ତି। ସେମାନଙ୍କର ଏହି ଦାବି ଉପରେ ବିଭିନ୍ନ ସମୟରେ ଆଲୋଚନା ମଧ୍ୟ କରାଯାଇଛି। ଏହାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ବିଚାର କରି ଶିକ୍ଷକ, ଅଧ୍ୟାପକ ଏବଂ କର୍ମଚାରୀମାନଙ୍କର ଦାବି ସମୂହର ଅନୁଶୀଳନ ନିମନ୍ତେ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ କମିଟି ୬ ମାସ ମଧ୍ୟରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

**ଚାଲିଥିଲା ଆନ୍ତଃରାଜ୍ୟ ହାତୀ ଦାନ୍ତ କାରବାର; ଜଗିଥିଲା ବନ ବିଭାଗର ସ୍ୱତନ୍ତ୍ର ଟିମ୍**

## ୩ ଚୋରା ବେପାରୀ ଗିରଫ, ୧୫ କିଲୋ ଓଜନର ୩ଟି ହାତୀ ଦାନ୍ତ ଜବତ

କେନ୍ଦୁଝର/ଚମ୍ପୁଆ/ତୁରୁମୁଙ୍ଗା, ୩।୧୨(ସମିସ): ଚାଲିଥିଲା ହାତୀ ଦାନ୍ତର ବେଆଇନ କାରବାର। ମାଡ଼ିବସିଲା ବନ ବିଭାଗର ସ୍ୱତନ୍ତ୍ର ଚଢ଼ଉ ଟିମ୍। ଚଢ଼ଉରେ ୧୫ କିଗ୍ରା ଓଜନର ହାତୀ ଦାନ୍ତ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିବାରେ ବନ ବିଭାଗ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ତିନି ଜଣ ହେଉଛନ୍ତି ଢେଙ୍କାନାଳ ଜିଲ୍ଲାର କୌଳାସ ତିରିୟା, ଝାଡ଼ଖଣ୍ଡ ରାଜ୍ୟର ଗୁରୁଚରଣ କେରାଇ ଏବଂ ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଅନ୍ତର୍ଗତ ବଳଭଦ୍ରପୁର ଗାଁର ମିଶ୍ର ମୁଣ୍ଡା।



ସୂଚନା ଅନୁସାରେ, ଅବୈଧ ବନ୍ୟଜୀବ ବ୍ୟବସାୟ ବିରୋଧରେ ଜେଟିଏଫ୍ (ପିସିସିଏଫ୍, ବନ୍ୟଜନ୍ତୁ) ପକ୍ଷରୁ ଏକ ବିଶ୍ୱସ୍ତ ସୂଚନା ରହିଥିଲା। ଏହି ଆଧାରରେ କେନ୍ଦୁଝର ଡିଏଫଓ ଏର୍‌ଡି ଧନରାଜଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ରେଞ୍ଜ ରାମଲା ଫଗୁ ପୋଲ ନିକଟବର୍ତ୍ତୀ ଏକ ଘରୁ ଉକ୍ତ ଚଢ଼ଉ ଦଳ ୧୫ କି.ଗ୍ରା ଓଜନର ହାତୀ ଦାନ୍ତକୁ ଜବତ କରିଥିଲେ। ଯାଞ୍ଚ ବେଳେ ସମ୍ପୃକ୍ତ ୩ ଜଣ ଆନ୍ତରାଜ୍ୟ ହାତୀ ଦାନ୍ତ ବେପାରୀଙ୍କୁ ମଧ୍ୟ ବନ ବିଭାଗ କାବୁ କରି ନେଇଛି। ଚମ୍ପୁଆ ବନବିଭାଗ କାର୍ଯ୍ୟାଳୟରେ ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ଡିଏଫଓ ଏହି ସୂଚନା ଦେଇଛନ୍ତି। ଏସିଏଫ୍ ଅଶୋକ ଦାସ, ଅକ୍ଷୟ ଛତ୍ରିୟା, ବଡ଼ବିଲ ରେଞ୍ଜର ସଞ୍ଜୀବ ରାଉତଙ୍କ ସମେତ କେନ୍ଦୁଝର ଓ ଶୁଆକାଟିର ବନାଞ୍ଚଳ ଅଧିକାରୀମାନେ ଉପସ୍ଥିତ ଥିଲେ। ବନ ବିଭାଗର ଯୁଗ୍ମ ଟାସ୍କଫୋର୍ସ, ସ୍ଥାନୀୟ ପୁଲିସ ଓ ରାଜସ୍ୱ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ବଳରେ ଏହି କାରବାରକୁ ପର୍ଦ୍ଦାଫାସ କରାଯାଇଛି। ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ରାମଲା ଫଗୁ ପୋଲ ନିକଟବର୍ତ୍ତୀ ରାମକୃଷ୍ଣ ହେସାଙ୍କ ଘରେ ପୂଜା ପାଠ ଆଳରେ ହାତୀ ଦାନ୍ତ ବିକ୍ରି ପାଇଁ ଯୋଜନା ଚାଲିଥିଲା। ଏ ସମ୍ପର୍କରେ ଓଆର୍ ମାମଲା ନମ୍ବର ୧୨ ସିଏଚ୍/୨୦୨୫-୨୬ ଏବଂ ବନ୍ୟଜୀବ ସୁରକ୍ଷା ଅଧିନିୟମ ୧୯୭୨ର ଧାରା ୯,୩୯(୩) ଏବଂ ୪୯ (ଖ) ଅନୁଯାୟୀ ଏକ ମାମଲା ପଞ୍ଜିକୃତ କରାଯାଇଛି। ଚଢ଼ଉ ସମୟରେ ସେମାନଙ୍କଠାରୁ ୧୫ କି.ଗ୍ରା ଓଜନର ୨ଟି ହାତୀ ଦାନ୍ତ, ୩ଟି ମୋବାଇଲ, ୨ଟି ମଟର ସାଇକଲ ଓ ୧ଟି ସ୍କୁଟି ଜବତ କରାଯାଇଛି। ପୁଲିସ ସହାୟତାରେ ବନ ବିଭାଗ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଶିମିଳିପାଳରେ କଳା ବାଘ ବଂଶବୃଦ୍ଧି

**ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**

ବାରିପଦା,୩।୧୨(ସମିସ): ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ଜୈବ ମଣ୍ଡଳ ଭାବେ ପ୍ରସିଦ୍ଧିଲାଭ କରିଥିବା ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ମେଲାନାଷ୍ଟିକ୍ କଳା ବାଘଙ୍କ ବଂଶବୃଦ୍ଧି ପାଇବାରେ ଲାଗିଛି। କଳା ବାଘ ବିଚରଣ କରୁଥିବାର ଭିଡିଓ ପୁଣି ସମ୍ମୁଖକୁ ଆସିଛି। ଶିମିଳିପାଳ ଅଭୟାରଣ୍ୟକୁ ଆସିଥିବା ପର୍ଯ୍ୟଟକ ଉକ୍ତ କଳାବାଘକୁ ଦେଖିଥିବାବେଳେ ଭିଡିଓ ଉତ୍ତୋଳନ କରିଥିଲେ। ଯାହାକି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯାହାକି ଶିମିଳିପାଳରେ କଳା ବାଘଙ୍କ ଉପସ୍ଥିତି ସହ ତାଙ୍କ ବଂଶବୃଦ୍ଧିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିରଳ ମେଲାନିଷ୍ଟ ପ୍ରଜାତିର କଳାବାଘ ଚିତ୍ର ଅତ୍ୟନ୍ତ ମନୋରମ ରହିଛି। ଏହାକୁ ନେଇ ବନ୍ୟଜନ୍ତୁ ପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

ଗତ କିଛିଦିନ ପୂର୍ବେ ବାଘ ଛୁଆ ବିଚରଣ କରୁଥିବାର ଭିଡିଓ ପୂର୍ବତନ ପିସିସିଏଫ୍ ସୋସିଆଲ ମିଡିଆରେ ସେୟାର କରିଥିଲେ। ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା ପରେ କାଠ ମାଫିଆ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କଫୋର୍ସ, ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଯାହା ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘମାନେ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି। ସମଗ୍ର ଭାରତର ସମସ୍ତ କଳାବାଘ କେବଳ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୂର୍ବରୁ ସଂସଦରେ ତଥ୍ୟ ଉପସ୍ଥାପନ କରିଥିଲେ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପାଇଁ ଏକ ଉପଯୁକ୍ତ ସ୍ଥାନ ବୋଲି ପୂର୍ବରୁ ଏନ୍‌ଟିସିଏ ଘୋଷଣା କରିସାରିଛି। କଳାବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱ ଦରବାରରେ ପ୍ରଶଂସା ସାଉଁଟିଥିବାବେଳେ ଏହାର ବଂଶବୃଦ୍ଧି ଓ ସୁରକ୍ଷାକୁ ନେଇ ଅଧିକରୁ ଅଧିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।



**ଯବାନ-ପୁଲିସ ଗୁଳି ବିନିମୟ**

## ୩ ଯବାନ ସହିଦ , ୧୨ ମାଓବାଦୀ ନିହତ

ମାଲକାନଗିରି, ୩।୧୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି। ଏହି ଗୁଳିମାଡ଼ରେ ୩ ଜଣ ଯବାନ ସହିଦ ହୋଇଥିବା ବେଳେ ୧୨ଜଣ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ଗତ କିଛିଦିନ ପୂର୍ବେ ଛତିଶଗଡ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ମାଓ କମିଟି ପକ୍ଷରୁ ଅସ୍ତ୍ର ତ୍ୟାଗ ସହ ପିଏଲଜିଏ ସପ୍ତାହ ପାଳିବୁ ନାହିଁ, ଖୁବ୍‌ଶୀଘ୍ର ମାଓବାଦୀ ମାନେ ଆତ୍ମସମର୍ପଣ କରିବେ ବୋଲି ଏକ ଅଡିଓ ଟେପ୍‌ରେ ପ୍ରକାଶ କରିଥିଲେ। କିନ୍ତୁ କିଛିମାଓବାଦୀଙ୍କ ଆତ୍ମସମର୍ପଣ ପରେ ପୁଣି ମାଓବାଦୀ ମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଛନ୍ତି। ଯାହାକି ମାଓବାଦୀଙ୍କ ଅସଲ ଚେହେରାକୁ ସାମ୍ନାକୁ ଆଣିଛି। ସୂଚନା ଅନୁଯାୟୀ ମାଓ ପ୍ରଭାବିତ ବିଜାପୁର ଜିଲ୍ଲାର ଘଞ୍ଚ ଜଙ୍ଗଲରେ



ମାଓବାଦୀ ମାନେ ଲୁଚି ରହିଥିବା ଖବର ପାଇ ଯବାନ ମାନେ ତଲାସି ଅଭିଯାନରେ ବାହାରିଥିଲେ। ଯବାନଙ୍କୁ ଦେଖି ମାଓବାଦୀ ମାନେ ଗୁଳି ଚଳାଇଥିଲେ। ଯବାନ ମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଉଭୟ ପକ୍ଷରୁ ଗୁଳି ବିନିମୟ ଜାରି ରହିଥିବା ବେଳେ ମାଓବାଦୀଙ୍କ ଗୁଳିମାରେ ୩ ଜଣ ଯବାନ ସହିଦ ହୋଇଥିବା କୁହାଯାଉଛି। ସେହିପରି ଘଟଣା ସ୍ଥଳରୁ ୧୨ ଜଣ ମାଓବାଦୀଙ୍କ ମର ଶରୀର, ଏସ୍‌ଏଲଆର, ଇନ୍ସାସ ଭଳି ବନ୍ଧୁକ, ଅନ୍ୟ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସାମଗ୍ରୀ ଆଦି ଜବତ ହୋଇଛି। ବର୍ତ୍ତମାନ ମଧ୍ୟ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଥିବା ଜଣାପଡିଛି। ଡିଆରଜି, ଏସ୍‌ଟିଏଫ୍, ସିଆରପିଏଫ୍ ଏବଂ କୋବ୍ରା ବାହିନୀର ମିଳିତ ଦଳ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ପଶ୍ଚିମ ବସ୍ତର ମାଓ ଡିଭିଜନର ମାଓବାଦୀ ସେଠାରେ ରହିଛନ୍ତି। ଜଣେ ଯବାନ ଆହତ ହୋଇଥିବା ଓ ୩ ଯବାନ ସହିଦ ହୋଇଥିବା ବସ୍ତର ଆଇଜି ସୁନ୍ଦରରାଜ ପି ସୂଚନା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ଯବାନ ମାନେ ତଲାସି ଅଭିଯାନରୁ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ସ୍ପଷ୍ଟ ହେବ।

**ରମାଦେବୀଙ୍କ ଜୟନ୍ତୀ ପ୍ରସଙ୍ଗ**

## ନାରୀନେତ୍ରୀଙ୍କୁ ଭୁଲିଯିବା ଅକ୍ଷମଣୀୟ ଅପରାଧ: ବିରୋଧୀ

### ବର୍ଷବ୍ୟାପୀ ଜୟନ୍ତୀ ପାଳିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି: ଶାସକ

ଭୁବନେଶ୍ୱର,୩।୧୨(ସମିସ): ଓଡ଼ିଶାରେ ସର୍ବୋଦୟ ଆନ୍ଦୋଳନର ପ୍ରମୁଖ ନେତ୍ରୀ ମା' ରମାଦେବୀ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ କ୍ରମେ ତାଙ୍କର ପୂରା ପରିବାର ସ୍ୱାଧୀନତା ଆନ୍ଦୋଳନରେ ଜୀବନ ସମର୍ପି ଦେଇଥିଲେ। ଜଣେ ସମାଜ ସଂସ୍କାରକ, ସାରସ୍ୱତ ସାଧିକ ଭାବେ ମଧ୍ୟ ମା' ରମାଦେବୀ ଅନନ୍ୟା। ତାଙ୍କ ୧୨୫ତମ ଜନ୍ମବାର୍ଷିକକୁ ସରକାର ବର୍ଷବ୍ୟାପୀ ପାଳନ କରିବା ଲାଗି ଘୋଷଣା କରି ଚୁପ୍ ବସିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ବୁଧବାର ଶୂନ୍ୟକାଳରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ବିଧାୟକ। ଏପରି ନାରୀନେତ୍ରୀଙ୍କୁ ଭୁଲିଯାଇ ସରକାର ଅକ୍ଷମଣୀୟ ଅପରାଧ କରିଛନ୍ତି। କେବଳ ମା' ରମାଦେବୀ ନୁହଁନ୍ତି; ସହିଦ ଲକ୍ଷ୍ମଣ ନାଏକଙ୍କର ୧୫୨ ତମ ଜୟନ୍ତୀ ପାଳନ କରାଯାଇ ନାହିଁ। ସରକାର ତୁରନ୍ତ ବର୍ଷବ୍ୟାପୀ ଜୟନ୍ତୀ ପାଳନ କରନ୍ତୁ ବୋଲି ଶୂନ୍ୟକାଳରେ ଦାବି ହୋଇଛି।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଲେ ଯେ ଆଜି ଥିଲା ମା' ରମାଦେବୀଙ୍କ ୧୨୬ତମ ଜୟନ୍ତୀ ଅର୍ଥାତ ୧୨୫ତମ ଜନ୍ମବାର୍ଷିକୀର ବର୍ଷପୂର୍ତ୍ତିର ଦିନ। ଗତ ଜାନୁଆରୀ ୨ ତାରିଖରେ ନିଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ ସରକାର ପାଳନ କରିବେ ବୋଲି ଘୋଷଣା କରିଥିଲେ; କିନ୍ତୁ ତାହା କଲେନାହିଁ। ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ ଏ ସରକାର ଯାହା କଥା ଦିଅନ୍ତି, ତାହା କରନ୍ତି ବୋଲି ସ୍ଲୋଗାନ ଦେଉଛନ୍ତି। କିନ୍ତୁ ଦୁଃଖ ଓ ଦୁର୍ଭାଗ୍ୟର ବିଷୟ ସରକାର ସେଭଳି ଜଣେ ମହିୟସୀ ମହିଳାଙ୍କ ଜୟନ୍ତୀ ପାଳନ କରିବାକୁ ଘୋଷଣା କରି ମଧ୍ୟ ଭୁଲିଗଲେ। ବର୍ଷତମାମ୍ ଦିନଟିଏ ତାଙ୍କ କଥା ମନେପକାଇଲେ ନାହିଁ। ଏପରିକି ସହିଦ ଲକ୍ଷ୍ମଣ ନାଏକଙ୍କୁ ମଧ୍ୟ ଏ ସରକାର ଭୁଲି ଯାଇଛନ୍ତି। ତାଙ୍କର ୧୨୫ତମ ଜୟନ୍ତୀ ପାଳନ କରାଗଲା ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

**ପୂଜ୍ୟପୂଜାରେ ଉପଯୁକ୍ତ ପଦକ୍ଷେପ ନେବାକୁ ସରକାରଙ୍କୁ ବାଚସ୍ପତିଙ୍କ ପରାମର୍ଶ**

ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅରୁଣ କୁମାର ସାହୁ କହିଥିଲେ ଯେ ମା' ରମାଦେବୀଙ୍କର ୧୨୫ତମ ଜନ୍ମବାର୍ଷିକୀ ଆଜି ସରିଗଲା। ଏବେ ତାଙ୍କର ୧୨୬ତମ ଜୟନ୍ତୀ ପାଳନ ହେବ। ଓଡ଼ିଆ ଅସ୍ମିତାକୁ ଯିଏ ତୋଳିଧରି ଆତ୍ମୋତ୍ସର୍ଗ କରିଥିଲେ, ତାଙ୍କୁ ଏ ସରକାର ସମ୍ମାନ ଦେଇପାରିଲେ ନାହିଁ।

ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ କହିଥିଲେ ଯେ ଅନ୍ୟମାନଙ୍କର ଜନ୍ମଦିନରେ ରାଜଧାନୀଠାରୁ ଗାଁ ଗହଳି ଯାଏଁ ଫଟୋ, ହୋର୍ଡିଂ ଛାଇ ହୋଇ ଯାଉଛି। ମାତ୍ର ରମାଦେବୀଙ୍କ ପାଇଁ ଗୋଟିଏ ଫଟୋ ମଧ୍ୟ ଲାଗି ପାରିଲା ନାହିଁ। ମା' ରମାଦେବୀ କଂଗ୍ରେସ ସହିତ ସମ୍ପୃକ୍ତ ଥିଲେ ବୋଲି ତାଙ୍କ ଜୟନ୍ତୀକୁ ସରକାର ପାଳନ କରି ନ ଥିବା ଶୁଣିବାକୁ ମିଳୁଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

ଭୋଗରାଇର ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ମଧ୍ୟ ସମାନ କ୍ଷୋଭ ପ୍ରକଟ କରି କହିଥିଲେ ଯେ ମା' ରମାଦେବୀଙ୍କ ୧୨୬ତମ ଜୟନ୍ତୀ ସରକାର କଳିଙ୍ଗ ଷ୍ଟାଡିୟମ ଟେନିସ୍ କୋର୍ଟରେ କରିବାକୁ ନିଷ୍ପତ୍ତି କରିଛନ୍ତି। ସରକାରଙ୍କୁ ଏଥିପାଇଁ ଭୁବନେଶ୍ୱରରେ ଅଡିଟୋରିୟମଟିଏ ମିଳିଲା ନାହିଁ। ବିଧାନସଭାରେ ହରେକୃଷ୍ଣ ମହତାବ, ସହିଦ ଲକ୍ଷ୍ମଣ ନାଏକ ଓ ମା' ରମାଦେବୀଙ୍କର ଜୟନ୍ତୀ ଉପଲକ୍ଷେ ଏକ ସ୍ୱତନ୍ତ୍ର ଆଲୋଚନା କରିବାକୁ ଦାବି କରିଥିଲେ।

ଶାସକ ଦଳ ବିଧାୟକ ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଥଲଲେ ଯେ ମା' ରମାଦେବୀଙ୍କ ତ୍ୟାଗ ଓ ବଳିଦାନକୁ ସରକାର ଭୁଲିନାହାନ୍ତି। ସରକାର ବର୍ଷବ୍ୟାପୀ ତାଙ୍କ ଜୟନ୍ତୀ ପାଳନ କରିବେ। ଏ ସମ୍ପର୍କରେ ଓଡ଼ିଆ ଭାଷା-ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଗତକାଲି ଆଲୋଚନା କରିଛନ୍ତି। କଳିଙ୍ଗ ଷ୍ଟାଡିୟମର ଟେନିସ ଅଡିଟୋରିୟମରେ ଜୟନ୍ତୀ ଉତ୍ସବର ଆୟୋଜନ କରାଯାଇଛି। ମା' ରମାଦେବୀଙ୍କ ସାମଗ୍ରିକ ଜୀବନୀକୁ ନେଇ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକ ପୁସ୍ତକ ପ୍ରକାଶନର ନିଷ୍ପତ୍ତି ହୋଇଛି। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଏହି ପ୍ରସଙ୍ଗରେ ତାଙ୍କର ମତ ରଖି କହିଥିଲେ ଯେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟର ବରପୁତ୍ରମାନଙ୍କର ଜୟନ୍ତୀ ତଥା ଶ୍ରାଦ୍ଧତିଥି ପାଳନ କରାଯାଉଛି। ଏଥିପାଇଁ ଯେଉଁ ସୂଚୀ ରହିଛି, ତାକୁ ସରକାର ଆଉଥରେ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବେ। ପୂଜ୍ୟପୂଜା କ୍ଷେତ୍ରରେ ସରକାର ଉପଯୁକ୍ତ ପଦକ୍ଷେପ ନେବା ପାଇଁ ବାଚସ୍ପତି ପରାମର୍ଶ ଦେବା ସହ ସମସ୍ତେ ଏ ଦିଗରେ ସଚେତନ ହେବାକୁ କହିଥିଲେ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମ

**ସମ୍ବଲପୁର, ୩।୧୨ (ସମିସ)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଆଜି ପୂର୍ବାହ୍ଣରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ -୨୦୨୫ ଉପଲକ୍ଷେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଏସଏସଓ ସୌରଚନ୍ଦ୍ର ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗ ଦେଇଥିବାବେଳେ ମହାନଗର ନିଗମ ଡେପୁଟି କମିଶନର ସୀମା ସବିତା କୁଲ୍ଲୁ, ଡିଏସ୍‌ଡବ୍ଲୁଓ ସଂଯୁକ୍ତା ସାହୁ ସମ୍ମାନିତ ଅତିଥି ଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଲରମ୍ବା କଲେଜ ଅର୍ଥନୀତି ବିଭାଗ ମୁଖ୍ୟ ଡଃ ଦିଗାମ୍ବର ଚାନ୍ଦ, ହୀରାକୁଦ କଲେଜ ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର ଡଃ ମଞ୍ଜୁଲତା ପଣ୍ଡା, ଭିମସାର ବୁର୍ଲାର ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର, ସୁଟିଂରେ ପାରା ଅଲିମ୍ପିଆନ ପୁଲିସ ବିଭାଗର ସୁକାନ୍ତ ସାହୁ ଏବଂ କୁଚିଣ୍ଡା ନବୋଦୟର




୧୦ମ ଶ୍ରେଣୀ ଛାତ୍ର ସୌମ୍ୟକାନ୍ତ ମହାକୁଡ଼ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶାନ୍ତନୁ ସାନବଡ଼ ଓ ରେଶ୍ମା ବେହେରାଙ୍କୁ ବିବାହ ପ୍ରୋତ୍ସାହନ ରାଶି ଅଢ଼େଇ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସମସ୍ତଙ୍କ ପାଖରେ ସାମର୍ଥ୍ୟ ଅଛି, ଦୃଢ଼ତାର ସହ ଚେଷ୍ଟା କଲେ ସଫଳତାର ଶିଖର ଛୁଇଁ ପାରିବେ। ସେମାନଙ୍କୁ କେବଳ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଭିନ୍ନକ୍ଷମଙ୍କ ସୁବିଧା ସୁଯୋଗ ପ୍ରଦାନ କଲେ ହେବନାହିଁ ବରଂ ସେମାନଙ୍କ ପ୍ରତିଭା କିଭଳି ଦକ୍ଷତାର ସହ ବିକଶିତ ହୋଇପାରିବ ସେଥିପ୍ରତି ଚେଷ୍ଟା କରିବାକୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସେମାନେ ସ୍ୱାବଲମ୍ବୀ ହୋଇ ସାମାଜିକ, ଅର୍ଥନୈତିକ ବିକାଶର ଅଂଶ ହେବାସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ପାରିବେ। ସମ୍ବଲପୁର ଜିଲ୍ଲା ସବୁ ସମୟରେ ଭିନ୍ନକ୍ଷମ ସଶକ୍ତିକରଣ କ୍ଷେତ୍ରରେ ଆଗୁଆ ରହିଥିବାବେଳେ ଭିନ୍ନକ୍ଷମଙ୍କ ଦକ୍ଷତା ବିକାଶ ଏବଂ ନିଯୋଜନ ସହ ଉଦ୍ୟୋଗୀ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଶ୍ରୀ ବୋନ୍ଦର ସୂଚନା ଦେଇଛନ୍ତି। ଏହି ଅବସରରେ ୧୦ ଜଣଙ୍କୁ ଶ୍ରବଣ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ଦୌଡ଼, ଗୀତ, ସଟ୍‌ପୁଟ୍, ରଚନା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଦିବ୍ୟାଙ୍ଗ ମାନଙ୍କ ସହ ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନ ତଥା ଜନସାଧାରଣ ସାମିଲ ହୋଇଥିଲେ।

# ଏନ୍‌ଏସି ଅବସରପ୍ରାପ୍ତ କର୍ମଚାରୀଙ୍କ ଅନଶନ



**କୁଚିଣ୍ଡା, ୩।୧୨(ସମିସ):** କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ବାରମ୍ବାର ଆବେଦନ କରିବା ସତ୍ତ୍ୱେ ସେମାନଙ୍କର ବୈଧ ଅବସରକାଳୀନ ସୁବିଧା ନପାଇବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସମ୍ପୃକ୍ତ କର୍ମଚାରୀମାନେ କହିଛନ୍ତି ଯେ ସେମାନେ ରାଜ୍ୟ ପ୍ରଶାସନ, ଜିଲ୍ଲା ପ୍ରଶାସନ, ସ୍ଥାନୀୟ ପ୍ରଶାସନ ଏବଂ ମୁଖ୍ୟମନ୍ତ୍ରୀଙ୍କ ସାଧାରଣ ଅଭିଯୋଗ ଶୁଣାଣିରେ ମଧ୍ୟ ବହୁବାର ଲିଖିତ ଅଭିଯୋଗ ଦାଖଲ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଅବସରର ବହୁ ବର୍ଷ ପରେ ମଧ୍ୟ କର୍ତ୍ତୃପକ୍ଷଙ୍କ ନିରନ୍ତର ଅବହେଳା ଯୋଗୁଁ ସେମାନଙ୍କୁ ଗ୍ରାଚ୍ୟୁଇଟି ଏବଂ ଅବ୍ୟବହୃତ ଛୁଟି ପାଇଁ ଦେୟ ଭଳି କୌଣସି ଆର୍ଥିକ ସୁବିଧା ଯୋଗାଇ ଦିଆଯାଇ ନାହିଁ। ତେଣୁ, କ୍ଷତିଗ୍ରସ୍ତ ଅବସରପ୍ରାପ୍ତ କର୍ମଚାରୀ ମିଳିତ ଭାବରେ ବୁଧବାରରୁ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ରିଲେ ଅନଶନ ବସିଛନ୍ତି। ସେମାନଙ୍କର ପ୍ରାପ୍ୟ ସମାଧାନ ନହେବା ପର୍ଯ୍ୟନ୍ତ ପ୍ରତିବାଦରେ ସ୍ୱେଚ୍ଛାକୃତ ଅଂଶଗ୍ରହଣ ଘୋଷଣା କରିଛନ୍ତି।ଅନଶନରେ ଉପେନ୍ଦ୍ର କୁମାର ପାତ୍ର, ଶିବା ଚନ୍ଦ୍ର ମାଝୀ, କୃତାର୍ଥ ବେହେରା, ମଦନ ମୋହନ ମାଝୀ, ଖୁସିରାମ କଉଡ଼ି, ମାଧବ ତ୍ରିପାଠୀ, ବିନୋଦ ବିହାରୀ ଚଲାନଙ୍କ ସମେତ ବହୁ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ପାରୁଆଭାଡି ମଣ୍ଡିରୁ ଉଠିଲା ଧାନ

**କୁଚିଣ୍ଡା, ୩।୧୨(ସମିସ):** ଗତ ଶୁକ୍ରବାର ୨୮ ତାରିଖରୁ ଆରମ୍ଭ ହୋଇଥିବା ଖରିପ ଧାନ କିଣା ପାରୁଆଭାଡି ମଣ୍ଡିରେ ପ୍ରଥମ ଥର କୌଣସି ମିଲ ଟ୍ୟାଗ୍ ହୋଇ ନଥିବା ବେଳେ ଧାନ ଆସିନଥିଲା। ସୋମବାର ଦ୍ୱତୀୟ ଥର ରେ ବି ଧାନ ଆସିନଥିବା ବେଳେ ବୁଧବାର ତୃତୀୟ ପାଳିରେ ମିଲ ଟ୍ୟାଗ୍ ହେବା ପରେ ଧାନ କିଣା ଆରମ୍ଭ ହୋଇଯାଇଥିଲା। ମଣ୍ଡିକୁ ଆସିଥିବା ୩୨ ଜଣ ଚାଷୀ ୩୬୮୦ବସ୍ତା ଧାନ ଆଣିଥିଲେ। ସେହି ୩୬୮୦ବସ୍ତା ଧାନ କୁ ପାରୁଆଭାଡି ଲେମ୍ପ କିଣି ଟ୍ୟାଗ୍ ହୋଇଥିବା ଆରବିଏଣ୍ଡସନ, ସାଲେଶ୍ୱର ମିଲକୁ ଧାନ ପଠେଇ ଥିଲେ।



# ଜୁନିୟର ରେଡକ୍ରସ କାଉନସେଲର ତାଲିମ ଶିବିର

**ସମ୍ବଲପୁର, ୩।୧୨ (ସମିସ) :** ସମ୍ବଲପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ତିନୋଟି ବ୍ଲକ ପାଇଁ ଏକଦିବସୀୟ ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ କାଉନସେଲର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଧନକଉଡ଼ା ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ବିଶ୍ୱାମିତ୍ର ଦୀପ ଅଧ୍ୟକ୍ଷତା କରିଥିଲେ। ଶିବିରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଯୋଗଦେଇ ରେଡକ୍ରସ ପତାକା ଉତ୍ତୋଳନ କରିବା ସହିତ ପ୍ରଶିକ୍ଷାର୍ଥୀ ମାନଙ୍କୁ ବିଦ୍ୟାଳୟସ୍ତରରେ ପ୍ରଶିକ୍ଷିତ ଜ୍ଞାନକୁ ପ୍ରୟୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିବିରଟି ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଧନକଉଡ଼ା ବ୍ଲକ ଶିକ୍ଷାଧିକାରୀ କରନ ଶର୍ମା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆଇ.ସି.ଟି.ସି କାଉନସେଲର ବିଭୁତି ଭୂଷଣ ଭୋଇ, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷିକା ଗୀତାଞ୍ଜଳି ସା, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଜାତା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ବଲପୁର ଜିଲ୍ଲାର ଧନକଉଡ଼ା, ରେଙ୍ଗାଲି ଏବଂ ବାମରା ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ମୋଟ ୭୦ ଜଣ କାଉନସେଲର ଯୋଗ ଦେଇଥିଲେ।

କାଉନସେଲର ବିଭୁତି ଭୂଷଣ ଭୋଇ ଏଚ.ଆଇ.ଭି.-ଏଡ୍‌ସ ସମ୍ବନ୍ଧରେ ସବିଶେଷ ପ୍ରଶିକ୍ଷଣ ପ୍ରଦାନ କରିଥିବାବେଳେ ଆନନ୍ଦ ତନସନା ପ୍ରାଥମିକ ଉପଚାର ଏବଂ ସିପିଆର ଦିଆଯିବା ପ୍ରକ୍ରିୟା ପ୍ରଦର୍ଶନ କରିଥିଲେ। ସାଧନକର୍ମୀ ସମୀର ଭୋଇ ଜଳବାୟୁ ପରିବର୍ତ୍ତନ, ଦୀପିକା ପ୍ରଧାନ ଘର ବଗିଚା ଏବଂ ବିକାଶ ରଞ୍ଜନ ସାହୁ ବିଦ୍ୟାଳୟସ୍ତରରେ ରେଡକ୍ରସ କାର୍ଯ୍ୟକ୍ଷମ କରିବା ନେଇ ପ୍ରଶିକ୍ଷଣ ଦେଇଥିଲେ। ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ସଂଯୋଜନା କରିଥିଲେ। ଜୁନିୟର ରେଡକ୍ରସ କାଉନସେଲର ଲକ୍ଷ୍ମଣ ମେହେର, ସୁଧାଂଶୁ ଭୂଷଣ ଷଣ୍ଢ ତଥା ଧନକଉଡ଼ା ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ଜିଲ୍ଲାର ତିନୋଟି ଲେଖାଏ ବ୍ଲକ ସକାଶେ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ।

# ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ ମହାବିଦ୍ୟାଳୟସ୍ତରୀୟ ଅଭିଯାନ




**ସମ୍ବଲପୁର, ୩।୧୨ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟଠାରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ପକ୍ଷରୁ ନିରନ୍ତର ବିକାଶ ଲକ୍ଷ୍ୟ (ସସ୍‌ଟେନେବଲ୍ ଡେଭଲପମେଣ୍ଟ ଗୋଲ୍ ବା ଏସ୍‌ଡିଜି) ଉପରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଏବଂ ପ୍ରଦର୍ଶନୀ ଉପନିର୍ଦ୍ଦେଶକ ପ୍ରକାଶ କୁମାର ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟଅତିଥି ଏବଂ କୁଳସଚିବ ସନତ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏସ୍‌ଡିଜି ସମ୍ବନ୍ଧୀୟ ମଡେଲ ପ୍ରଦର୍ଶନୀ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପଦାର୍ଥ ବିଜ୍ଞାନ ପ୍ରଫେସର ଡଃ ଶଙ୍କର ପ୍ରସାଦ ପତି, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ନିର୍ଦ୍ଦେଶକ ଡଃ ସଚିଦାନନ୍ଦ ବକ୍ସି ଓ ରାଜନୀତି ବିଜ୍ଞାନ ବିଭାଗୀୟ ମୂଖ୍ୟ ଡଃ ବିଭୂତି କଲ୍ୟାଣ ମହାକୁଲ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଡଃ ଉମାଚରଣ ପତି ବିଚାରକ ଭାବେ ପ୍ରତିଯୋଗିତା ଗୁଡ଼ିକୁ ପରିଚାଳନା କରିଥିଲେ। ଏହି ତିନୋଟି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ସହକାରୀ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ରେଢ଼ାଖୋଲ ସୁରଘୁଙ୍ଗୁର ମହୋତ୍ସବ ପ୍ରସ୍ତୁତି ବୈଠକ



**ରେଢ଼ାଖୋଲ, ୩।୧୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲର ସାଂସ୍କୃତିକ ଅନୁଷ୍ଠାନ ସୁରଘୁଙ୍ଗୁର ପକ୍ଷରୁ ସୋମବାର ଦିନ ସ୍ଥାନୀୟ ପିଡବ୍ଲୁଡି ବଙ୍ଗଳାରେ ସୁରଘୁଙ୍ଗୁର ମହୋତ୍ସବ-୨୦୨୬ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଂଘର ଉପଦେଷ୍ଟା କେକେ ସାହୁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ସଭାପତି ସୁଶାନ୍ତ କୁମାର ନାଗ ସଭାପତିତ୍ୱ କରି ମହୋତ୍ସବରେ ଲିଭି ଯାଉଥିବା ନୃତ୍ୟ, କଳା ସଂସ୍କୃତିକୁ ପ୍ରାଧାନ୍ୟ ଦିଆଯାଇ କିପରି ଆକର୍ଷଣୀୟ କରାଯାଇପାରିବା ବିଷୟରେ ଆଲୋଚନା କରିଥଲେ। ଜାନୁଆରୀ ୨୮ରୁ ଫେବୃୟାରୀ ୧ ତାରିଖ ପର୍ଯ୍ୟନ୍ତ କରାଯାଇ ଆରମ୍ଭରେରୁ ମିନି ମାରାଥନ, ଦଣ୍ଡ କୃଷ୍ଣଗୁରୁ, ପାଲା, ସମ୍ବଲପୁରୀ ଫେସନ ସୋ, କବିତା ପାଠୋତ୍ସବ, ନୃତ୍ୟ, ଗୀତ, ଡ୍ରଇଁ, ଝୋଟି ଇତ୍ୟାଦି ପ୍ରତିଯୋଗିତା କରାଯାଇ ବିଭିନ୍ନ ଜିଲ୍ଲାର ଲୋକଗୀତ, ଲୋକନୃତ୍ୟ, ଲୋକବାଦ୍ୟର ଦଳଗତଙ୍କୁ ନେଇ ମହୋତ୍ସବ ଓ ଜିଲ୍ଲାର କଳା, କ୍ରୀଡା, ଚାଷୀ, ଶିକ୍ଷା କ୍ଷେତ୍ରରେ ଥିବା ବ୍ୟକ୍ତି ବିଶେଷମାନଙ୍କୁ ସମ୍ମାନିତ କରାଯିବା ନେଇ ଆଲୋଚନା ହୋଇଥିଲା। ପ୍ରସ୍ତୁତି ବୈଠକରେ ଉପଦେଷ୍ଟା ଉମାକାନ୍ତ ମହାନନ୍ଦ, ସୁଭଦ୍ର ଭବସାଗର, ପ୍ରସନ୍ନ ପ୍ରଧାନ, ସୁଧାଂଶୁ ପୁରୋହିତ, ପ୍ରକାଶ ମୁଖି, ଉପସଭାପତି ରଶ୍ମିରଞ୍ଜନ ଖଡିରତ୍ନ ସହ ସମ୍ପାଦକ ଗଜାନନ ଭେସରା ଓ ସଭ୍ୟ ସ ବିଶ୍ୱରଞ୍ଜନ, ଜିତେନ୍ଦ୍ର ବାଘ, ସୁକାନ୍ତ ବେହେରା, ଦେବେନ୍ଦ୍ର ବେହେରା, ଶରତ ସୁନା, ପ୍ରକାଶ ମେହେର, ସୁଧୀର ସୁନା, ଜାଗା ସିଂ, ହିମାଂଶୁ ସାହୁ, ସୁମନ୍ତ ସାହୁଙ୍କ ସହିତ ସୁରଘୁଙ୍ଗୁର ପରିବାରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ରାଜେନ୍ଦ୍ର ବୈଠାରୁ ଧନ୍ୟବାଦ୍ ଦେଇଥିଲେ।

## କୁସୁମୀ ଲ୍ୟାମ୍ପର ଏମଡିଙ୍କୁ ନିଲମ୍ବନ ପ୍ରସଙ୍ଗ

# ବେଆଇନ ଦର୍ଶାଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**କୁଚିଣ୍ଡା, ୩।୧୨(ସମିସ)**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କୁସୁମୀ ଲ୍ୟାମ୍ପ ସମିତିର ସଭାପତି ବେଆଇନ ଭାବେ ଏବଂ ପାତରଅନ୍ତର ନୀତି ଅବଲମ୍ବନ କରି କୁସୁମୀ ଲ୍ୟାମ୍ପର ନିଲମ୍ବିତ ଏମଡି କୈଳାସ ମାଝୀଙ୍କୁ ନିଲମ୍ବନ କରିଥିବା ନେଇ ସମ୍ବଲପୁର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, କୁଚିଣ୍ଡା ସମବାୟ ବିଭାଗର ସହକାରୀ ନିବନ୍ଧକ (ଏଆରସିଏସ୍)ଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣାଧିନ କୁସୁମୀ ଲ୍ୟାମ୍ପ ସମିତିରେ କୈଳାସ ମାଝୀ ଦୀର୍ଘ ବର୍ଷ ହେବ ପରିଚାଳନା ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରି ଆସୁଛନ୍ତି। ତେବେ ସେ ସମିତିର ପ୍ରାୟ ୧୩ ଲକ୍ଷ ୫୪ ହଜାର ୬୮ ଟଙ୍କା ହେରଫେର କରିଥିବା ଅଭିଯୋଗ କରି ଲ୍ୟାମ୍ପର ସଭାପତି ବିପ୍ର ଚରଣ ବାଘ ତାଙ୍କୁ ପତ୍ର ସଂଖ୍ୟା ୧୨/୪.୯.୨୦୨୪ ଦିନ ଚାକିରିରୁ ନିଲମ୍ବନ କରିଥିଲେ।ଏହି ନିଲମ୍ବନକୁ ବେଆଇନ ବୋଲି ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି। କାରଣ ସମବାୟ ନିୟମ ଅନୁସାରେ କୌଣସି କର୍ମଚାରୀଙ୍କୁ ନିଲମ୍ବନ କରିବା ପୂର୍ବରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା କଥା ମାତ୍ର ଏ କ୍ଷେତ୍ରରେ ସଭାପତି ଏହାର ଖୋଲା ଉଲ୍ଲଂଘନ କରିଛନ୍ତି। କୌଣସି ନୋଟିସ ପ୍ରଦାନ କରି ନାହାଁନ୍ତି।ଏହା ବ୍ୟତୀତ ସଭାପତି ତାଙ୍କର ନିଲମ୍ବନ ଆଦେଶକୁ ସମିତିର ପରିଚାଳନା ପରିଷଦର ବୈଠକରେ ମଞ୍ଜୁର କରାଇବା ପାଇଁ ନିୟମ ରହିଛି, ପରିଚାଳନା ପରିଷଦର ମଞ୍ଜୁରୀ ବିନା କୌଣସି କର୍ମଚାରୀଙ୍କୁ ନିଲମ୍ବନ କରିବା ପାଇଁ ସଭାପତି କ୍ଷମତା ପ୍ରାପ୍ତ ଅଧିକାରୀ ନୁହଁନ୍ତି। ମାତ୍ର ସଭାପତି ସବୁ ନିୟମକୁ ବେଖାତିର କରି ତାଙ୍କୁ ବେଆଇନ ଭାବେ ନିଲମ୍ବନ କରାଯାଇଥିବା ଶ୍ରୀ ମାଝୀ ଅଭିଯୋଗ କରିଛନ୍ତି। ସେ ସମିତିର କୌଣସି ଟଙ୍କା ହେରଫେର କରି ନ ଥିବା କଥା ବି ଉଲ୍ଲେଖ କରିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ଏହି ସମିତିର ଆକାଉଣ୍ଟାଣ୍ଟ ଅଲେଖ ଚନ୍ଦ୍ର ନାୟକ ସମିତିର ୨୭ ଲକ୍ଷ ୨୮ ହଜାର ଟଙ୍କା ଆତ୍ମସାତ କରିଥିବାରୁ ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ କୁଚିଣ୍ଡା ଏଆରସିଏସ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସଭାପତି ଆକ୍ରୋଶ ମନୋଭାବ ରଖି ଶ୍ରୀ ମାଝୀଙ୍କୁ ନିଲମ୍ବନ କରିଥିଲେ ମଧ୍ୟ ଅଲେଖ ନାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ଏଣୁ ସଭାପତିଙ୍କ ଏପରି ବେଆଇନ କାମରେ ତଦନ୍ତ କରି ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଶ୍ରୀ ମାଝୀ ଜିଲ୍ଲାପାଳଙ୍କୁ ଦରଖାସ୍ତ ମାଧ୍ୟମରେ ଅନୁରୋଧ କରିଛନ୍ତି।

# ମହିଳା ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ

**ରେଢ଼ାଖୋଲ, ୩।୧୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ବିବସ ପାଳିତ ହୋଇଯାଇଛି। ୱାଇଆରସି ସଂଯୋଜିକା ବାସନ୍ତୀ ଭୋଇ ସଭା ପରିଚାଳନା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଏଡ୍‌ସ ରୋଗର ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ସୁନୀତା ମିଶ୍ର ଏଡସ୍ ରୋଗର କାରଣ, ଲକ୍ଷଣ ଏବଂ ନିରାକରଣ ବିଷୟରେ ସମ୍ୟକ ଧାରଣା ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ ନଗର ପରିକ୍ରମା ସମେତ ବରିଷ୍ଠ ନାଗରିକଙ୍କୁ ରେଡ ରିବନ ପିନ୍ଧାଇ ସଚେତନତା ସୃଷ୍ଟି କରିଥିଲେ। ଶେଷରେ ଏନଏସ୍‌ଏସ୍ ସଂଯୋଜକ ଅଧ୍ୟାପକ ପ୍ରହଲ୍ଲାଦ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ।









# ଉଚ୍ଚକାପାଟ ଓ ରଙ୍ଗିଆଟିକ୍ରା ପଞ୍ଚାୟତରେ ମଣ୍ଡି ଉଦ୍‌ଘାଟିତ



**କୁଚିଣ୍ଡା, ୩।୧୨(ସମିସ):** ବାମରା ବ୍ଲକ ଉଚ୍ଚକାପାଟ ଓ ରଙ୍ଗିଆଟିକ୍ରା ପଞ୍ଚାୟତରେ ଚଳିତ ବର୍ଷ ଖରିଫ ଧାନ କ୍ରୟ ପାଇଁ ବୁଧବାର ମଣ୍ଡି ଉଦ୍‌ଘାଟିତ ହୋଇଛି। ଭଗପଡ଼ା ଛକ ନିକଟରେ ଥିବା ମଣ୍ଡିରେ ଚାଷୀ ନେତା ଯୋଗ ବିହାରୀ ପରିଡ଼ା, ସରପଞ୍ଚ ସୁବନ୍ତି କେଛୁ, ସମିତି ସଭ୍ୟା ସୌଦାମିନୀ ନାଏକ, ନୋଡାଲ ଅଧିକାରୀ ପ୍ରତାପ କୁମାର ସା, ଲାମ୍ପ ପରିଚାଳନା ନିର୍ଦ୍ଦେଶକ ପ୍ରଦିପ ଭାଇଁସା, ସଭାପତି ଲକ୍ଷ୍ମୀନାରାୟଣ ଛତ୍ରିଆ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏସ ଓ ଏଲପିସି ସଭ୍ୟ ସୁକାନ୍ତ ନାଏକ, ପ୍ରଦୀପ ପଟେଲ, ଆଲୋକ ଚୌଧୁରୀ, ବିକାଶ ଚୌଧୁରୀ, ଶଙ୍କର ନିଖଣ୍ଡିଆ, ମିତ୍ରଭାନୁ କେଛୁ ଓ ଅନିଲ ପୁରୋହିତଙ୍କ ସହ ମାନେ ଚାଷୀ ଉପସ୍ଥିତ ଥିଲେ।ଉଚ୍ଚକାପାଟ ମଣ୍ଡିରେ ପ୍ରଥମ ଦିନରେ ୩ ଜଣ ଚାଷୀଙ୍କ ୨୭୨ ବସ୍ତା ଧାନ ଆସି ପହଞ୍ଚି ଥିବା ଜଣାପଡ଼ିଛି। ସେହିପରି ରଙ୍ଗିଆଟିକ୍ରା ଠାରେ ମଣ୍ଡି ଉଦ୍‌ଘାଟିତ ହୋଇଛି।

# ସିଆର୍‌ପିଏଫ୍ ଗ୍ରୁପ ସେଣ୍ଟରରେ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ

**ସମ୍ବଲପୁର, ୩।୧୨ (ସମିସ) :** ସମ୍ବଲପୁର ଗୋଶାଳାସ୍ଥିତ ସିଆର୍‌ପିଏଫ୍ ଗ୍ରୁପ ସେଣ୍ଟରରେ ଆଜି ଡେପୁଟି ଇନ୍ସପେକ୍ଟର ଜେନରାଲ ସଞ୍ଜୟ କୁମାର ସିଂହଙ୍କ ମାର୍ଗଦର୍ଶନ ତଥା ଅଧିକାରୀ ଏବଂ କର୍ମଚାରୀ / ଯବାନଙ୍କ ଉପସ୍ଥିତିରେ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାକୁ ଆହ୍ୱାନ କରି ସ୍ୱଚ୍ଛତା ପକ୍ଷ-୨୦୨୫ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ସ୍ୱଚ୍ଛତା ପକ୍ଷ-୨୦୨୫ର ମୁଖ୍ୟ ଉଦ୍ଦେଶ୍ୟ ରହିଛି ସ୍ୱଚ୍ଛତା ପ୍ରତିଜ୍ଞା ସହିତ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ଏହି ଅବସରରେ ଭାରତ ସରକାରଙ୍କ ସ୍ୱଚ୍ଛତା ଅଭିଯାନର ବିଶେଷ ବୈଶିଷ୍ଟ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରାଯାଇଥିଲା ଏବଂ ସ୍ୱଚ୍ଛତା ବିଷୟରେ ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟରେ ବ୍ୟାଖ୍ୟା କରାଯାଇଥିଲା। ଡେପୁଟି ଇନ୍ସପେକ୍ଟର ଜେନେରାଲ ଶ୍ରୀ ସିଂହ ଉଲ୍ଲେଖ କରିଥିଲେ ଯେ ସ୍ୱଚ୍ଛତା ପକ୍ଷ-୨୦୨୫ ସମୟରେ, ଆମେ ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ମାରାଥନ, ଦୌଡ଼, ସ୍ୱଚ୍ଛତା ଅଭିଯାନ ଇତ୍ୟାଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବୁ ଯାହାଦ୍ୱାରା ଲୋକଙ୍କୁ ସ୍ୱଚ୍ଛତାର ଗୁରୁତ୍ୱ ବିଷୟରେ ଶିକ୍ଷା ଦିଆଯିବ ଏବଂ ସମାଜରେ ସ୍ୱଚ୍ଛତା ବିଷୟରେ ସଚେତନତା ସୃଷ୍ଟି କରିବାକୁ ଚେଷ୍ଟା କରାଯିବ। ଏହି କ୍ରମରେ ଆଜି ସିଆରପିଏଫ ଦ୍ୱାରା ଗୋଶାଳାସ୍ଥିତ ଶନି ମନ୍ଦିରରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆଖପାଖ ଅଞ୍ଚଳର ଗ୍ରାମବାସୀ ତଥା ଜନସାଧାରଣଙ୍କୁ ସ୍ୱଚ୍ଛତାରେ ଯୋଗଦାନ ଦେବାକୁ ଅନୁରୋଧ କରାଯାଇଥିଲା ଯାହାଦ୍ୱାରା ଏକ ଶକ୍ତିଶାଳୀ ଏବଂ ସ୍ୱଚ୍ଛ ଦେଶ ଗଠନ ହୋଇପାରିବ।




# ଆଇଆଇଏମ୍‌ରେ ବ୍ରାଣ୍ଡ ଇନ ଇଣ୍ଡିଆ କନ୍‌କ୍ଲେଭ

**ସମ୍ବଲପୁର, ୩।୧୨(ସମିସ)**

ଆଇଆଇଏମ୍ ସମ୍ବଲପୁର ରିଟେଲର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ସହ ମିଳିତ ସହଯୋଗରେ ବ୍ରାଣ୍ଡ ଇନ୍ ଇଣ୍ଡିଆ କନ୍‌କ୍ଲେଭ୍‌ର କର୍ଟେନ୍ ରେଜର୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ଭାରତୀୟ ଜନସଞ୍ଚାର ସଂସ୍ଥାନ ଆଇଆଇଏମ୍‌ସି ଦିଲ୍ଲୀ ଓ ଢେଙ୍କାନାଳ ସହ ବୁଝାମଣାପତ୍ର ସ୍ୱାକ୍ଷରିତ କରାଯାଇଛି। ଏହି ସହାଯାଗିତା ଅନ୍ତଃ ଶୃଙ୍ଖଳା ଶିକ୍ଷାର ପ୍ରସାର, ଦକ୍ଷତା ବିକାଶରେ ଉନ୍ନତି ଓ ଯୁଗ୍ମ ଶିକ୍ଷା-ଶିଳ୍ପ ଅଭିଯାନ ଜରିଆରେ ବ୍ରାଣ୍ଡ ଇନ୍ ଇଣ୍ଡିଆ ଭିଜନକୁ ସଶକ୍ତ କରିବ। କନ୍‌କ୍ଲେଭ୍‌ରେ ରିଟେଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ଅଧକ୍ଷ ବିଜଉ କୁରିଏନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରିଟେଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ଡକ୍ଟର ଲରେନ୍ସ ଜର୍ଜ ଫର୍ଣ୍ଣାଡିସ୍, ଆଇଆଇଏମ୍‌ସି ରେଜିଷ୍ଟ୍ରାର୍ ଓ ଏଡିଜି ମଧୁ ଏଲ୍ ନାଗ, ଆଇଆଇଏମ୍‌ସି ଢେଙ୍କାନାଳର ଆଞ୍ଚଳିକ ନିର୍ଦ୍ଦେଶକ ଆନନ୍ଦ ପ୍ରଧାନ ଓ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ଉପସ୍ଥିତ ଥିଲେ। ଏହି ସହଯୋଗିତା ଅଧୀନରେ ଅନୁଷ୍ଠାନଗୁଡିକ ମିଳିତ ଭାବେ ଗଣମାଧ୍ୟମ ବ୍ୟବସାୟ ପରିଚାଳନା, କର୍ପୋରେଟ୍ ଯୋଗାଯୋଗ, ବ୍ରାଣ୍ଡ ପରିଚାଳନା, ଡିଜିଟାଲ୍ ମାର୍କେଟିଂ, ସଙ୍କଟ ଯୋଗାଯୋଗ, ନିରନ୍ତର ଯୋଗାଯୋଗ, ବ୍ୟବସାୟ ସାମ୍ବାଦିକତା ଭଳି ବିଷୟ ଉପରେ ଶିକ୍ଷା କାର୍ଯ୍ୟକ୍ରମ, ପେସାଦାର ତାଲିମ, ଫାକଲ୍‌ଟି ଓ ଛାତ୍ରଛାତ୍ରୀ ବିନିମୟ ଓ ଗବେଷଣା ପ୍ରକଳ୍ପ ପ୍ରଦାନ କରିବେ। ପ୍ରଫେସର ଜୟସ୍ୱାଲ କହିଛନ୍ତି, ଭାରତ କିଭଳି ଭାବୁଛି, ସୃଷ୍ଟି କରୁଛି ଓ ବିଶ୍ୱସ୍ତରୀୟ ମଞ୍ଚରେ ଅଗ୍ରଣୀ ରହିଛି ତାହାକୁ 'ବ୍ରାଣ୍ଡ ଇନ୍ ଇଣ୍ଡିଆ' ଉପସ୍ଥାପନ କରୁଛି। ଆଇଆଇଏମ୍‌ସି ସହ ସହଯୋଗିତା ଗବେଷଣା, ତାଲିମ ଓ ପେସାଦାର ଅଭିବୃଦ୍ଧି ପାଇଁ ଅର୍ଥପୂର୍ଣ୍ଣ ଉପାୟ ଖୋଲିବ ଯାହା ଦ୍ୱାରା ଛାତ୍ରଛାତ୍ରୀ, ଫାକଲ୍‌ଟି, ବ୍ୟାପକ ଗଣମାଧ୍ୟମ ଓ ପରିଚାଳନା ସମୁଦାୟ ଉପକୃତ ହେବେ। ମୁଖ୍ୟଅତିଥି କହିଛନ୍ତି ଯେ ଭାରତ ଭଳି ଏକ ଜଟିଳ ଓ ବହୁ ସଂସ୍କୃତିର ଦେଶରେ ଆମେ ସ୍ୱାଭାବିକ ଭାବେ ବିବିଧ ଗ୍ରାହକ ବର୍ଗକୁ ଭଲ ଭାବେ ବୁଝିଛୁ। ପୂର୍ବାପେକ୍ଷା ଆଜିର ଦିନରେ ଭାରତ ସୁଯୋଗର ଏକ ଶକ୍ତିଶାଳୀ ମୁହୂର୍ତ୍ତରେ ଠିଆ ହୋଇଛି। ଆମେ କେବଳ ଆମ ବଜାର ପାଇଁ ବ୍ରାଣ୍ଡ ଗଠନ କରୁନାହୁଁ, ବରଂ ଏଭଳି ବ୍ରାଣ୍ଡ ଗଢୁଛୁ ଯାହା ସାରା ଦୁନିଆକୁ ଅନୁପ୍ରାଣିତ ଓ ପ୍ରଭାବିତ କରୁଛି। ଆଇଆଇଏମ୍‌ସିର ରେଜିଷ୍ଟ୍ରାର୍ ଓ ଏଡିଜି କହିଛନ୍ତି, ଆଇଆଇଏମ୍‌ସି ଦିଲ୍ଲୀ ଓ ଆଇଆଇଏମ୍ ସମ୍ବଲପୁର ସହ ଏହି ଏମଓୟୁ ଦୁଇ ଅନୁଷ୍ଠାନ ମଧ୍ୟରେ ଶିକ୍ଷାଗତ ଉତ୍କର୍ଷ, ଜ୍ଞାନ ଓ ଦକ୍ଷତା ଗଠନ ଦିଗରେ ଏମ୍‌ଓୟୁ ଏକ ପଦକ୍ଷେପ।

**ଆଇଆଇଏମସି ସହ ଏମଓୟୁ ସ୍ୱାକ୍ଷର**



# ଜିଲ୍ଲାକୁ ପ୍ରତିନିଧିତ୍ୱ କରିଥିବା ଫୁଟବଲ ଖେଳାଳି ନାମ ପଞ୍ଜୀକରଣ କରିବାକୁ ବିଜ୍ଞପ୍ତି

**ସମ୍ବଲପୁର, ୩।୧୨ (ସମିସ) :** ଆନ୍ତଃଜିଲ୍ଲା ଏବଂ ଆନ୍ତଃରାଜ୍ୟ ଫୁଟବଲ ଖେଳରେ ସମ୍ବଲପୁର ଜିଲ୍ଲାକୁ ପ୍ରତିନିଧିତ୍ୱ କରିଥିବା ଫୁଟବଲ ଖେଳାଳିଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଉଛି। ଜିଲ୍ଲା କ୍ରୀଡ଼ା ସଂଘ, ସମ୍ବଲପୁର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି ଯେ, ଓଡ଼ିଶା ଫୁଟବଲ ଆସୋସିଏସନ ପକ୍ଷରୁ ସମ୍ବଲପୁର ଜିଲ୍ଲାର ଆନ୍ତଃଜିଲ୍ଲା ସ୍ତରରେ ଜିଲ୍ଲାକୁ ଏବଂ ଆନ୍ତଃରାଜ୍ୟସ୍ତରରେ ଓଡ଼ିଶା ରାଜ୍ୟକୁ ପ୍ରତିନିଧିତ୍ୱ କରିଥିବା ସମସ୍ତ ପୂର୍ବତନ ଫୁଟବଲ ଖେଳାଳୀ (ଉଭୟ ପୁରୁଷ ଓ ମହିଳା)ଙ୍କ ତାଲିକା ପ୍ରଦାନ କରିବା ନିମନ୍ତେ ଜିଲ୍ଲା କ୍ରୀଡ଼ା ସଂଘକୁ ଅନୁରୋଧ କରିଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ପୂର୍ବତନ ଫୁଟବଲ ଖେଳାଳି (ପୁରୁଷ / ମହିଳା) ନିଜର ପ୍ରତିନିଧିତ୍ୱ ପ୍ରମାଣପତ୍ର ସହିତ ଜିଲ୍ଲା କ୍ରୀଡ଼ା ସଂଘର ଫୁଟବଲ ସମ୍ପାଦକ ଅବଦୁଲ ଗଫର (ମୋବାଇଲ ନଂ. ୮୭୭୩୪୨୯୭୮୬)ଙ୍କ ସହିତ ଯୋଗାଯୋଗ କରି ଆସନ୍ତା ୬ ତାରିଖ ଅପରାହ୍ଣ ୨ଟା ସୁଦ୍ଧା ନିଜର ନାମ ପଞ୍ଜିକରଣ କରାଇନିଅନ୍ତୁ। ଏନେଇ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, କ୍ରୀଡ଼ାନୁଷ୍ଠାନ ଏବଂ କ୍ରୀଡ଼ାପ୍ରେମୀ ତତ୍ପରତା ପ୍ରକାଶ କରିବାକୁ ଅନୁରୋଧ କରାଯାଇଛି।

# ଭିନ୍ନକ୍ଷମଙ୍କ ଅଧିକାରକୁ ନେଇ ସଚେତନତା




**ସମ୍ବଲପୁର, ୩।୧୨ (ସମିସ) :** ହୀରାକୁଦ ମହାବିଦ୍ୟାଳୟର ସମାନ ସୁଯୋଗ କକ୍ଷ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ଅଧ୍ୟକ୍ଷା ସୁମିତ୍ରା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଭିନ୍ନକ୍ଷମ ମାନଙ୍କ ଅଧିକାରକୁ ନେଇ ସଚେତନତାମୂଳକ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୌରଭ ଚନ୍ଦ୍ର ପାଣି ମୁଖ୍ୟ ଅତିଥି ଏବଂ ସୁଶାନ୍ତ କୁମାର ବେହେରା ଭାବେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଭିନ୍ନକ୍ଷମ ମାନଙ୍କ ଅଧିକାର ସମ୍ପର୍କରେ ଅବଗତ କରିଥିଲେ। ସମାନ ସୁଯୋଗ କକ୍ଷର ସଂଯୋଜିକା ଡଃ ମଞ୍ଜୁଲତା ପଣ୍ଡା, ଆଇକ୍ୟୁଏସି ସଂଯୋଜକ ଡଃ ଅକ୍ଷୟ କୁମାର ସୁତାର, ଇଂରାଜୀ ବିଭାଗ ମୁଖ୍ୟ ସୀମନ୍ତିକା ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିବୃନ୍ଦ ଛାତ୍ରଛାତ୍ରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଜେନ୍ଦ୍ର ମାଝୀ ପରିଚାଳନା କରିଥିବାବେଳେ ଶେଷରେ ଡଃ ରଶ୍ମିଲତା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ଛାତ୍ରଛାତ୍ରୀମାନଙ୍କ କାନ ପରୀକ୍ଷା କରାଯାଇଥିଲା।

# 'ଆମ ସଂସ୍କୃତି, ଆମ ଇତିହାସ' ଆଲୋଚନାଚକ୍ର

**ସମ୍ବଲପୁର, ୩।୧୨ (ସମିସ) :** ଓଡ଼ିଶା ସାଂସ୍କୃତିକ ସମାଜ ଓ ଗାୟତ୍ରୀ ସନ୍ତୋଷ ଦାତବ୍ୟ ଟ୍ରଷ୍ଟ ଆନୁକୂଲ୍ୟରେ ପାର୍ବତୀ ଗିରି ଡିଗ୍ରୀ କଲେଜ, ମହୁଲପାଲିଠାରେ 'ଆମ ସଂସ୍କୃତି, ଆମ ଇତିହାସ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ଛାତ୍ରଛାତ୍ରୀ ମାନଙ୍କୁ ନିଜ ସଂସ୍କୃତି, ଇତିହାସ ତଥା ନିଜ ଅଞ୍ଚଳର ଭାଷା, ସାହିତ୍ୟ, ପର୍ବପର୍ବାଣୀ, ନୃତ୍ୟ ସଙ୍ଗୀତ, ବେଶଭୂଷା, ହସ୍ତଶିଳ୍ପ ଓ କଳା ସାହିତ୍ୟକୁ ନେଇ ସମସ୍ତେ ଗର୍ବ ଅନୁଭବ କରିବା ଉଚିତ। ପ୍ରଥମେ ପାର୍ବତୀ ଗିରିଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡ଼ିଶା ସାଂସ୍କୃତିକ ସମାଜ ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡ଼ିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ ଉପରେ ଆଲୋକପାତ କରି କଳା, ସଂସ୍କୃତି ଓ ଇତିହାସ ଉପରେ ନୂଆ ପିଢ଼ିକୁ ସଚେତନତା ସୃଷ୍ଟି କରିବା ପାଇଁ ଏପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ଡଃ ସନ୍ତୋଷ ଦାଶ ତାଙ୍କ ଟ୍ରଷ୍ଟ ଏପରି କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ସହଯୋଗ କରିଥାଏ। ପ୍ରତ୍ୟେକ ନାଗରିକ ନିଜ ସଂସ୍କୃତି ଓ ଇତିହାସ ବିଷୟରେ ଜାଣିବା କଥା ବୋଲି କହିଥିଲେ। ମୁଖ୍ୟଅତିଥି କଲେଜ ଅଧ୍ୟକ୍ଷ ଗିରୀଶ କୁମାର ପଟ୍ଟନାୟକ ଏଭଳି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଓଡ଼ିଶା ସାଂସ୍କୃତିକ ସମାଜ ଓ ଗାୟତ୍ରୀ ସନ୍ତୋଷ ଦାତବ୍ୟ ଟ୍ରଷ୍ଟକୁ କୃତଜ୍ଞତା ଜ୍ଞାପନ କରିଥିଲେ। ବରିଷ୍ଠ ସଭ୍ୟ ବିରେନ୍ଦ୍ର କୁମାର ପଣ୍ଡା ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ବବିତା ବାଗ ପ୍ରଥମ, ନିଳଣି ହାତୀ ଦ୍ୱିତୀୟ ଓ ଜୟନ୍ତୀ କିଲେଇ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଶାନ୍ତନୁ କୁମାର ପ୍ରଧାନ ସଂଯୋଜନା କରିଥିବାବେଳେ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ଲୋକ ମହୋତ୍ସବ ଚୟନ ପୂର୍ବରୁ ତାଲିକା ଭାଇରାଲ

**ସମ୍ବଲପୁର, ୩।୧୨ (ସମିସ) :** ରାଜ୍ୟର ସର୍ବପୁରାତନ ଲୋକକଳା ଉତ୍ସବ ସମ୍ବଲପୁରର ଲୋକମହୋତ୍ସବ ପାଇଁ ଗତକାଲି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସନ୍ତା ଜାନୁଆରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଲୋକ ମହୋତ୍ସବକୁ ଗତବର୍ଷ ଅପେକ୍ଷା ଅଧିକ ଭବ୍ୟ ଓ ଆକର୍ଷଣୀୟ କରିବା ପାଇଁ ମତାମତ ପ୍ରକାଶ ପାଇଥିଲା। ଏହାପରେ ମୁଖ୍ୟ ସଂଯୋଜକ, ଉପ ସଂଯୋଜକ ଏବଂ ବିଭିନ୍ନ କମିଟି ଆବାହକ ଚୟନ ସକାଶେ ଫର୍ମ ବଣ୍ଟନ କରାଯାଇଥିଲା। ଜଣେ ବ୍ୟକ୍ତି ଏକସମୟରେ ୫ଟି ପଦ ପାଇଁ ଆବେଦନ କରିପାରିବ। ବିଭିନ୍ନ ପଦରେ ଯୋଗ୍ୟ କଳାକାର ଓ ସଂଗଠକ ମାନଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି କୁହାଗଲା। ତେବେ, ଏହି ଚୟନ ପ୍ରକ୍ରିୟା ହେବା ପୂର୍ବରୁ ସଂଯୋଜକ ଓ ଆବାହକ ମାନଙ୍କ ଏକ ତାଲିକା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏଥିରେ ପୂର୍ବବର୍ଷ ଗୁଡ଼ିକରେ ପଦପଦବୀରେ ରହିଥିବା ବ୍ୟକ୍ତିବିଶେଷ ତଥା ଏକ ରାଜନୈତିକ ଦଳ ସହ ସମ୍ପୃକ୍ତ ଥିବା ବ୍ୟକ୍ତି ମାନଙ୍କ ନାମ ଉଲ୍ଲେଖ ରହିଛି ବୋଲି କଳାକାର ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଜିଲ୍ଲାପାଳ ଲୋକ ମହୋତ୍ସବର ଅଧ୍ୟକ୍ଷ ହିସାବରେ କୌଣସି ଚାପର ବଶବର୍ତ୍ତୀ ନହୋଇ ନିରପେକ୍ଷ ଭାବେ ସଂଯୋଜକ ଓ ଆବାହକ ଚୟନ କରିବା ଉଚିତ ବୋଲି ବରିଷ୍ଠ କଳାକାରମାନେ ମତବ୍ୟକ୍ତ କରିଛନ୍ତି।

## ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

# ଘର ସମ୍ମୁଖ ଡ୍ରେନରୁ ମୃତଦେହ ଉଦ୍ଧାର

**ସମ୍ବଲପୁର, ୩।୧୨ (ସମିସ) :** ସମ୍ବଲପୁରର କେନ୍ଦ୍ରସ୍ଥଳୀ ଶାନ୍ତିନଗର ଅଞ୍ଚଳରେ ଆଜି ସକାଳେ ଜଣେ ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଅଇଁଠାପାଲି ଥାନା ଅନ୍ତର୍ଗତ ଶାନ୍ତିନଗରର ଏକ ଡ୍ରେନରୁ ଜଣେ ୧୫ ବର୍ଷୀୟା ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଥିବା କୁହାଯାଉଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପରିବାରର ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁକରି ଅଧିକ ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ଆଜି ସକାଳେ ସ୍ଥାନୀୟ ଲୋକମାନେ ଜଣେ ଯୁବତୀ ଡ୍ରେନ ଭିତରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ତାଙ୍କୁ ଡ୍ରେନରୁ ବାହାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହର କିଛି ଦୂରରେ ସ୍କୁଟି ପଡ଼ି ରହିଥିଲା। ତେଣୁ ଦୁର୍ଘଟଣା ଘଟି ମୃତ୍ୟୁ ହୋଇଥାଇପାରେ ବୋଲି ମଧ୍ୟ ଅନୁମାନ କରାଯାଉଛି। ପରିବାରବର୍ଗଙ୍କ ଅଭିଯୋଗକ୍ରମେ ଅନ୍ୟ ଦିଗରେ ମଧ୍ୟ ତଦନ୍ତ କରାଯାଉଛି ବୋଲି ଏସଡିପିଓ ତୋଫାନ ବାଗ କହିଛନ୍ତି।

# ବ୍ଲକ୍‌ସ୍ତରୀୟ ବିଶ୍ୱ ଦିବ୍ୟାଙ୍ଗ ଦିବସ

**ଜମନକିରା, ୩।୧୨ (ସମିସ):** ଜମନକିରା ବ୍ଲକରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଦିବସ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁକ୍ମଣ ପଧାନଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ସେଠୀ ଯୋଗଦାନ କରି ସବୁଜ ପତାକା ଦେଖାଇ ରାଲିକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଦିଲ୍ଲୀପ ବହିଦାର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଦେବକୀ ନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମହିମା ସାହୁ, କଦଳୀମୁଣ୍ଡା ସିଆରସିସି ସନ୍ତୋଷ କୁମାର ସାହୁ, କଦଳୀମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସିଂ ଯୋଗଦାନ କରିଥିଲେ। ପରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୮୫ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ତାଙ୍କର ଅଭିଭାବକ ଯୋଗଦାନ କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଆରପି ଚିତ୍ତରଞ୍ଜନ ବାରିକ ଓ ଅଂଶୁମାନ ମହାକୁଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଏସ୍‌ଡିଜି ମଡେଲ ପ୍ରଦର୍ଶନୀରେ ବୈଦିକ ଡିଗ୍ରୀ କଲେଜର ସଫଳତା

**ସମ୍ବଲପୁର, ୩।୧୨ (ସମିସ) :** ଜିଲ୍ଲା ପ୍ଲାନିଂ ଆଣ୍ଡ ମନିଟରିଂ ୟୁନିଟ୍, ସମ୍ବଲପୁର ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ସସ୍‌ଟେନେବଲ୍ ଡେଭଲପମେଣ୍ଟ ଗୋଲ୍' (ଏସ୍‌ଡିଜି) କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଆୟୋଜନରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ସମେତ ବହୁ ବରେଣ୍ୟ ଅତିଥି ଯୋଗଦାନ କରିଥିଲେ। ତିନୋଟି ସ୍ତରରେ ପ୍ରତିଯୋଗିତା ହୋଇଥିଲା। ଏସଡିଜି ମଡେଲ ପ୍ରଦର୍ଶନୀ, ଏସ୍‌ଡିଜି ବକ୍ତୃତା ଏବଂ ଏସ୍‌ଡିଜି ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ନିଜର ବୁଦ୍ଧିଦୀପ୍ତ ବିବେକର ପରିଚୟ ଦେବାପାଇଁ ସୁଯୋଗ ପାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁରସ୍ଥିତ ବୈଦିକ ଡିଗ୍ରୀ କଲେଜର ଛାତ୍ରଛାତ୍ରୀ ମଧ୍ୟ ଯୋଗଦାନ କରି ସଫଳତା ଅର୍ଜନ କରିଥିଲେ। ଏସ୍‌ଡିଜି ମଡେଲ ପ୍ରଦର୍ଶନୀରେ ବୈଦିକ ଡିଗ୍ରୀ କଲେଜର ପଦାର୍ଥ ବିଜ୍ଞାନ ଛାତ୍ରୀ ରୀତୁପର୍ଣ୍ଣା ବାରିକ ଏବଂ ଜୀବ ବିଜ୍ଞାନର ଛାତ୍ରୀ ଅନ୍ୱେଷା ପ୍ରଧାନ ପ୍ରଥମ ସ୍ଥାନରେ ସଫଳତା ଅର୍ଜନ କରିଥିଲେ। ସେହିପରି ବକ୍ତୃତା ପ୍ରତିଯୋଗୀତାରେ ବ୍ୟବସାୟ ପ୍ରଶାସନିକ ବିଭାଗ ଛାତ୍ରୀ ଚାଲବୀ ଚାଓ୍ୱଡା ଦ୍ୱିତୀୟ ସ୍ଥାନରେ କୃତିତ୍ୱର ସହିତ ସଫଳତା ଅର୍ଜନ କରିଥିଲେ। ଶିକ୍ଷାର୍ଥୀଙ୍କ ଏଭଳି ସଫଳତା ପାଇଁ ବୈଦିକ ଡିଗ୍ରୀ କଲେଜ ଅଧ୍ୟକ୍ଷା ଡଃ ଶ୍ୱେତା ମିଶ୍ରଙ୍କ ସହିତ ସମସ୍ତ ଅଧ୍ୟାପକ ଅଧ୍ୟାପିକା କୃତି ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




# ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିବସ

**ସମ୍ବଲପୁର, ୩।୧୨ (ସମିସ)**

ସମ୍ବଲପୁରରେ ଗତକାଲି ଉଦ୍‌ଘାଟିତ ହୋଇଥିବା ୩୦ତମ ଜାତୀୟ ରୋଡ୍ ସାଇକ୍ଲିଂ ଚମ୍ପିଆନସିପ୍‌୨୦୨୫ର ବୁଧବାର ଦ୍ୱିତୀୟ ଦିନରେ ବିଭିନ୍ନ ଇଭେଣ୍ଟ ଆୟୋଜିତ ହୋଇଯାଇଛି। ଏହା ଡିସେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଜାତୀୟସ୍ତର ପ୍ରତିଯୋଗିତା ସମ୍ବଲପୁରର ନକ୍ସାପାଲିରୁ ଝାଙ୍କରପାଲି ପର୍ଯ୍ୟନ୍ତ ୧୦ କିମି ଲମ୍ବା ଜାତୀୟ ରାଜପଥରେ ଆୟୋଜିତ ହେଉଛି। ଓଡ଼ିଶା ସମେତ ସାରା ଦେଶରୁ ପ୍ରାୟ ୮୫୦ରୁ ଉର୍ଦ୍ଧ୍ୱ ସାଇକଲ ଚଳାଳୀ (ରାଇଡର୍ସ) ଏବଂ ୧୨୨ଜଣ ଟିମ୍ ଅଫିସିଆଲ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ମିକ୍ସଡ୍ ଟିମ୍ ରିଲେ-ଏଲିଟ ବର୍ଗ, କନିଷ୍ଠ ମହିଳା ବ୍ୟକ୍ତିଗତ (ଡବ୍ଲୁଜେ-ଇଣ୍ଡ ଟାଇମ୍ ଟ୍ରାଏଲ) ବର୍ଗର ୨୦ କିମି, କନିଷ୍ଠ ପୁରୁଷ ବ୍ୟକ୍ତିଗତ (ଏମ୍‌ଜେ-ଇଣ୍ଡ ଟାଇମ୍ ଟ୍ରାଏଲ) ବର୍ଗର ୩୦ କିମି, ଦଳୀୟ କନିଷ୍ଠ ବାଳକ (ୟୁଥ୍ ବଏଜ୍-ଟିମ୍ ଟାଇମ୍ ଟ୍ରାଏଲ) ବର୍ଗରେ ୨୦ କିମି, ଦଳୀୟ କନିଷ୍ଠ ବାଳିକା (ୟୁଥ୍ ଗାର୍ଲସ-ଟିମ୍ ଟାଇମ୍ ଟ୍ରାଏଲ) ବର୍ଗରେ ୨୦ କିମି, ଦଳୀୟ ଉପକନିଷ୍ଠ ବାଳକ (ସବ୍ ଜୁନିଅର ବଏଜ୍-ଟିମ୍ ଟାଇମ୍ ଟ୍ରାଏଲ) ବର୍ଗର ୩୦ କିମି, ଦଳୀୟ ଉପକନିଷ୍ଠ ବାଳିକା (ସବ୍ ଜୁନିଅର ଗାର୍ଲସ-ଟିମ୍ ଟାଇମ୍ ଟ୍ରାଏଲ) ବର୍ଗର ୨୦ କିମି ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ସୂଚନା ଅନୁଯାୟୀ, ମିକ୍ସଡ୍ ଟିମ୍ ରିଲେ-ଏଲିଟ ବର୍ଗର ୬୦ କିମି ସାଇକ୍ଲିଂ ରେସ୍‌ରେ ଆର୍‌ଏସ୍‌ପିବି ଦଳ ୧.୨୨.୪୪ ଘଣ୍ଟା ସମୟ ନେଇ ସ୍ୱର୍ଣ୍ଣର୍, ରାଜସ୍ଥାନ ଦଳ ୧.୨୪.୦୮ ଘଣ୍ଟା ସମୟ ନେଇ ରୌପ୍ୟ ଏବଂ ମହାରାଷ୍ଟ୍ର ଦଳ ୧.୨୫.୫୬ ସମୟ ନେଇ କାଂସ୍ୟ ପଦକ ହାସଲ କରିଛନ୍ତି। କନିଷ୍ଠ ମହିଳା ବ୍ୟକ୍ତିଗତ (ଡବ୍ଲୁଜେ-ଇଣ୍ଡ ଟାଇମ୍ ଟ୍ରାଏଲ) ବର୍ଗର ୨୦ କିମି ସାଇକ୍ଲିଂ ରେସ୍‌ରେ ରାଜସ୍ଥାନର ଅଞ୍ଜଳି ଜାଖର ୩୦.୩୨.୬୪୩ ମିନିଟ ସମୟ ନେଇ ସ୍ୱର୍ଣ୍ଣ, ହରିୟାଣାର ଶୋଭା ୩୨.୨୨.୦୮୫ ମିନିଟ ସମୟ ନେଇ ରୌପ୍ୟ ଏବଂ ମହାରାଷ୍ଟ୍ରର ଜୁଇ ନାରକର ୩୨.୩୫.୮୨୫ ମିନିଟ ନେଇ କାଂସ୍ୟ ପଦକ ହାସଲ କରିଛନ୍ତି। କନିଷ୍ଠ ପୁରୁଷ ବ୍ୟକ୍ତିଗତ (ଏମ୍‌ଜେ-ଇଣ୍ଡ ଟାଇମ୍ ଟ୍ରାଏଲ) ବର୍ଗର ୩୦ କିମି ସାଇକ୍ଲିଂ ରେସ୍‌ରେ ହରିୟାଣାର ମନିଶ ନେହେରା ୪୧.୪୫.୧୪୮ ମିନିଟ ସମୟ ନେଇ ସ୍ୱର୍ଣ୍ଣ, କର୍ଣ୍ଣାଟକର ଶ୍ରୀନିବାସ ରାଜପୁତ ୪୧.୫୫.୬୯୬ ମିନିଟ ସମୟ ନେଇ ରୌପ୍ୟ ଏବଂ ରାଜସ୍ଥାନର ରାଧାକିଷନ ହୁଡ୍ଡା ୪୨.୦୯.୧୯୪ ମିନିଟ ସମୟ ନେଇ କାଂସ୍ୟ ପଦକ ହାସଲ କରିଛନ୍ତି। ଦଳୀୟ କନିଷ୍ଠ ବାଳିକା (ୟୁଥ୍ ଗାର୍ଲସ-ଟିମ୍ ଟାଇମ୍ ଟ୍ରାଏଲ) ବର୍ଗରେ ୨୦ କିମି ସାଇକ୍ଲିଂ ରେସ୍‌ରେ ହରିୟାଣା ଦଳ ୨୯.୫୪.୩୩୧ ମିନିଟ ସମୟ ନେଇ ସ୍ୱର୍ଣ୍ଣ, ରାଜସ୍ଥାନ ଦଳ ୩୦.୨୬.୨୨୮ ମିନିଟ ସମୟ ନେଇ ରୌପ୍ୟ ଏବଂ ତାମିଲନାଡୁ ଦଳ ୩୦.୪୬.୧୧୭ ମିନିଟ ସମୟ ନେଇ କାଂସ୍ୟ ପଦକ ହାସଲ କରିଛନ୍ତି। ଦଳୀୟ କନିଷ୍ଠ ବାଳିକା (ୟୁଥ୍ ଗାର୍ଲସ-ଟିମ୍ ଟାଇମ୍ ଟ୍ରାଏଲ) ବର୍ଗରେ ୨୦ କିମି ସାଇକ୍ଲିଂ ରେସ୍‌ରେ ରାଜସ୍ଥାନ ଦଳ ୩୨.୫୨.୦୧୮ ମିନିଟ ସମୟ ନେଇ ସ୍ୱର୍ଣ୍ଣ, ହରିୟାଣା ଦଳ ୩୪.୦୨.୯୩୩ ମିନିଟ ସମୟ ନେଇ ରୌପ୍ୟ ଏବଂ ଓଡ଼ିଶା ଦଳ ୩୪.୩୯.୧୭୮ ମିନିଟ ସମୟ ନେଇ କାଂସ୍ୟ ପଦକ ହାସଲ କରିଛନ୍ତି। ଦଳୀୟ ଉପକନିଷ୍ଠ ବାଳକ (ସବ୍ ଜୁନିଅର ବଏଜ୍-ଟିମ୍ ଟାଇମ୍ ଟ୍ରାଏଲ) ବର୍ଗର ୩୦ କିମି ସାଇକ୍ଲିଂ ରେସ୍‌ରେ ରାଜସ୍ଥାନ ଦଳ ୪୦.୦୦ ମିନିଟ ସମୟ ନେଇ ସ୍ୱର୍ଣ୍ଣ, କର୍ଣ୍ଣାଟକ ଦଳ ୪୧.୫୩.୯୭୯ ମିନିଟ ସମୟ ନେଇ ରୌପ୍ୟ ଏବଂ ହରିୟାଣା ଦଳ ୪୧.୫୫.୯୦୫ ମିନିଟ ସମୟ ନେଇ କାଂସ୍ୟ ପଦକ ହାସଲ କରିଛନ୍ତି। ଦଳୀୟ ଉପକନିଷ୍ଠ ବାଳିକା (ସବ୍ ଜୁନିଅର ଗାର୍ଲସ-ଟିମ୍ ଟାଇମ୍ ଟ୍ରାଏଲ) ବର୍ଗର ୨୦ କିମି ସାଇକ୍ଲିଂ ରେସ୍‌ରେ ମହାରାଷ୍ଟ୍ର ଦଳ ୩୧.୩୬.୪୬୬ ମିନିଟ ସମୟ ନେଇ ସ୍ୱର୍ଣ୍ଣ, ରାଜସ୍ଥାନ ଦଳ ୩୨.୩୬.୬୫୫ ମିନିଟ ସମୟ ନେଇ ରୌପ୍ୟ ଏବଂ ମଣିପୁର ଦଳ ୩୩.୧୦.୬୩୫ ମିନିଟ ସମୟ ନେଇ କାଂସ୍ୟ ପଦକ ହାସଲ କରିଛନ୍ତି।

ପ୍ରତିଯୋଗିତାର ଦଳୀୟ କନିଷ୍ଠ ବାଳିକା (ୟୁଥ୍ ଗାର୍ଲସ-ଟିମ୍ ଟାଇମ୍ ଟ୍ରାଏଲ) ବର୍ଗରେ ୨୦ କିମି ସାଇକ୍ଲିଂ ରେସ୍‌ରେ ଓଡ଼ିଶା ଦଳ ୩୪.୩୯.୧୭୮ ମିନିଟ ସମୟ ନେଇ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ଦଳରେ ସ୍ନେହା ଦାସ, ସସ୍ମିତା ପଣ୍ଡା ଓ ପୂର୍ବାୟୀ ମହାନ୍ତି ସାମିଲ ଥିଲେ।








SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/17 | |
|---|---|
| ପୋଷ୍ଟର ନାମ | ଖାଲି ପଦବୀ |
| ଭିପି ୱେଲ୍ଥ (ଏସଆରଏମ) | 506 |
| ଏଭିପି ୱେଲ୍ଥ (ଆରଏମ) | 206 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 23.12.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 02.12.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ସମ୍ପାଦକୀୟ



ଖର୍ଚ୍ଚ କରିସାରିବା ପରେ ଯାହା ବଳିଲା, ତାକୁ ସଞ୍ଚୟ କର ନାହିଁ। ବରଂ, ସଞ୍ଚୟ କରି ସାରିବା ପରେ ଯାହା ବଳିଲା, ତାକୁ ଖର୍ଚ୍ଚ କର !
-ୱାରେନ୍ ବଫେଟ୍

ସକାଳ
THE SAKALA

## ଜେଲ୍ ବଦଳରେ ଜୋରିମାନା

ଓଡ଼ିଶା ନଦୀମାତୃକାର ରାଜ୍ୟ। ରାଜ୍ୟର ୭ଟି ପ୍ରମୁଖ ନଦୀ ଜଳ ଉପରେ ରାଜ୍ୟବାସୀଙ୍କ ନିର୍ଭରଶୀଳତା ଓ ଅଗ୍ରାଧିକାରକୁ ଉପେକ୍ଷା କରାଯାଇପାରିବ ନାହିଁ। ଅଥଚ କ୍ରମବର୍ଦ୍ଧିଷ୍ଣୁ ଶିଳ୍ପସଂସ୍ଥାମାନଙ୍କରୁ ନିର୍ଗତ ବର୍ଜ୍ୟ ଯୋଗୁଁ ନଦୀଜଳ ବିଷାକ୍ତ ହେବାରେ ଲାଗିଛି। ଏହାର ପ୍ରତିକାର ପରିବର୍ତ୍ତେ ଶିଳ୍ପ ସ୍ୱପ୍ନରେ ବିଭୋର ରାଜ୍ୟ ସରକାର ନଦୀଜଳକୁ ଶିଳ୍ପସଂସ୍ଥାଙ୍କ ହାତକୁ ସହଜରେ ଟେକି ଦେବାକୁ ମନସ୍ଥ କରିଥିବା ଭଳି ମନେ ହେଉଛି। ଜଳ ପ୍ରଦୂଷଣ ସକାଶେ ଦଣ୍ଡବିଧାନ ପାଇଁ ନ୍ୟାୟପାଳିକା ହାତରେ ଥିବା କ୍ଷମତାକୁ ସରକାର କାର୍ଯ୍ୟପାଳିକାକୁ ହସ୍ତାନ୍ତର କରିଛନ୍ତି। ଏଣିକି ଜଳପ୍ରଦୂଷଣକାରୀ ସଂସ୍ଥାଙ୍କ ପାଇଁ ଜେଲ୍ ଦଣ୍ଡ ବଦଳରେ ସରକାରଙ୍କ ନିର୍ଦ୍ଦେଶରେ ପ୍ରଶାସକ ଜୋରିମାନା ନିର୍ଦ୍ଧାରଣ କରିବେ। ନ୍ୟାୟପାଳିକା ଉପରେ ସରକାରଙ୍କ କର୍ତ୍ତୃତ୍ୱ ନାହିଁ କି ଓକିଲ ଓ ଅଦାଲତ ପଛରେ ଧାଇଁବାର ସମୟ ନାହିଁ। ତେଣୁ ଏହି ଜଞ୍ଜାଳରୁ ମୁକ୍ତ ହେବା ପାଇଁ ସରକାର ଉପରୋକ୍ତ ପଦକ୍ଷେପ ନେଇଥିବା ବେଳେ ନିୟମ ଖିଲାପକାରୀ ଶିଳ୍ପସଂସ୍ଥାଙ୍କ ପାଇଁ ଜେଲ୍ ଦଣ୍ଡର ଆଶଙ୍କା ଦୂର ହୋଇଛି। ଅପରପକ୍ଷରେ ନଦୀ କୂଳରେ ଗଢ଼ି ଉଠିଥିବା ସଭ୍ୟତା ପ୍ରତି ଆଗକୁ ଯେ ବିପଦ ମାଡ଼ି ଆସୁଛି, ତାହା ଅସ୍ୱୀକାର କରିହେବ ନାହିଁ।

ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଧାନପାଳିକା ସର୍ବାଗ୍ରେ। ବହୁମତରେ ନିର୍ବାଚିତ ସରକାର ଯାହା ଆଇନଗତ ବ୍ୟବସ୍ଥା ଏବଂ ସଂଶୋଧନ ପଦକ୍ଷେପ ଗ୍ରହଣ କରିବେ ତାହା ସପକ୍ଷରେ ରାଜ୍ୟର ବୃହତ୍ତର ଜନସମୁଦାୟଙ୍କ ସମର୍ଥନ ଅଛି ବୋଲି ଧରି ନିଆଯାଉଛି। କିନ୍ତୁ ପାଣି, ପବନ ଓ ପରିବେଶ ଜନିତ ପ୍ରତିକୂଳ ପରିସ୍ଥିତିକୁ ଯିଏ ସମ୍ମୁଖୀନ ହେବେ ସେମାନଙ୍କ ନିକଟରେ ସରକାର ଉତ୍ତରଦାୟୀ ହେବା ବିଧେୟ। 'ଜଳ ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ ସଂଶୋଧନ ଆଇନ ୨୦୨୪'ରେ ସରକାରଙ୍କ ଏହି ଉତ୍ତରଦାୟିତ୍ୱ ପରିଲକ୍ଷିତ ହୋଇପାରିନାହିଁ। ବିରୋଧୀ ଦଳର ପ୍ରତିବାଦ ମଧ୍ୟ ମୂଲ୍ୟହୀନ ହୋଇଛି।

ପରିସଂଖ୍ୟାନ ଅନୁଯାୟୀ ରାଜ୍ୟର ୫୭ଟି ଶିଳ୍ପାନୁଷ୍ଠାନ ଉପରେ ଦୁଇବର୍ଷରେ ୫୮ ୯୦.୬୫ କୋଟି ଟଙ୍କା ଜଳକର ବକେୟା ପଡ଼ିଛି। ତାହା ଆଦାୟ କରିବାକୁ ଯେଉଁ ସରକାର ଅସମର୍ଥ ସେ ଜୋରିମାନା କିଭଳି ଆଦାୟ କରିବେ? ପରିସ୍ଥିତି ଏପରି ହୋଇଛି ଯେ ଦ୍ରୁତ ଶିଳ୍ପାୟନ ନାମରେ କିଛି ସଂସ୍ଥାଙ୍କ ହାତକୁ ସରକାର ମୂଲ୍ୟବାନ ଜଙ୍ଗଲ ଓ ଜମି ଟେକି ଦେବା ସହିତ ରାଜ୍ୟବାସୀଙ୍କୁ ଜଳ ଓ ବାୟୁ ପ୍ରଦୂଷଣରେ ହନ୍ତସନ୍ତ କରିବେ। ଓଡ଼ିଆ ଅସ୍ମିତା ନାମରେ କ୍ଷମତାକୁ ଆସିଥିବା ସରକାର ସଂସ୍କୃତି ଓ ସଭ୍ୟତାର ପ୍ରତୀକ ଆମ ନଦୀକୁ ଯେଉଁମାନଙ୍କ ହାତରେ ଟେକିଦେବାକୁ ଯାଉଛନ୍ତି ସେମାନେ କ'ଣ ଆମ ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା କବଚ ହେବେ? ଦେଶ ରାଜନୀତିରେ ଉତ୍ତରାୟଣର ପ୍ରଭାବରେ ଯେଉଁ ବିଲକ୍ଷଣମାନ ଆମ ରାଜ୍ୟରେ ପରିଲକ୍ଷିତ ହେବା ଆରମ୍ଭ କରିଛି ତାହାର ସୁଦୂର ପ୍ରସାରୀ ପ୍ରଭାବ ଖୁବ୍‌ଶୀଘ୍ର ଅନୁଭୂତ ହେବ।

ଶିଳ୍ପ ନିବେଶକୁ ଆକର୍ଷଣ କରିବା ଉଦ୍ଦେଶ୍ୟରେ ଏହି ସଂଶୋଧିତ ଆଇନ ଅଣାଯାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ଶିଳ୍ପ ସଂସ୍ଥାଙ୍କୁ ଛୋଟଛୋଟ ଅପରାଧରୁ ମୁକ୍ତ କରିବା, ନିୟାମକ ବୋଝ ହ୍ରାସ ଏବଂ ଦଣ୍ଡ ବଦଳରେ ଅନୁପାଳନକୁ ଗୁରୁତ୍ୱ ଦିଆଯିବ ବୋଲି ସରକାର ସ୍ପଷ୍ଟ କରିବା ପରେ ଏ ନେଇ ଅଧିକ ବିତର୍କର ଆବଶ୍ୟକତା ନାହିଁ। କିନ୍ତୁ ବୁଝାମଣା ସ୍ୱାକ୍ଷର ବେଳେ ନିଯୁକ୍ତି ସୁଯୋଗର ଯେଉଁ ପରିସଂଖ୍ୟାନ ଦର୍ଶାଯାଇଛି ସେଥିରେ ମନେହୁଏ ଆମ ରାଜ୍ୟରେ ଆଉ କେହି ବେକାର ରହିବେନି। ସମଗ୍ର ଦେଶରେ ଯେଉଁ ସମସ୍ୟା ସମସ୍ତଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି, ତାହାକୁ ସତେଯେପରି ଓଡ଼ିଶା ହିଁ ପ୍ରଥମେ ସମାଧାନ କରିଦେବ। ହୁଏତ ସେଥିପାଇଁ ରାଜ୍ୟବାସୀଙ୍କୁ ଜୀବନଜୀବିକାର ଆଧାର ନଦୀ ଜଳ ପ୍ରଦୂଷଣ ଭଳି ବଡ଼ ବଳିଦାନ ଦେବାକୁ ହେବ।

## ସାଇବର ଅପରାଧ ଗୁମର ଖୋଲିଲା

ସାଇବର ଅପରାଧୀଙ୍କ ଦଲାଲ୍ ଓଡ଼ିଶାରେ ସକ୍ରିୟ। ଦୁଇଦିନ ତଳେ ରାଉରକେଲାରେ ହୋଇଥିବା ଧରପଗଡ଼ରୁ ଏହା ସ୍ପଷ୍ଟ ହୋଇଛି। ବ୍ୟାଙ୍କ କର୍ମଚାରୀଙ୍କ ସମ୍ପୃକ୍ତି ଓ ସହଯୋଗ ବିନା ଅଚଳ ଆକାଉଣ୍ଟକୁ ସଚଳ କରାଇ ସାଇବର ଅପରାଧୀ କିମ୍ବା ଦଲାଲ୍‌ଙ୍କ ହାତକୁ ଟେକିଦେବା ସମ୍ଭବ ନୁହେଁ। ତିନିଜଣ ବ୍ୟାଙ୍କ କର୍ମଚାରୀଙ୍କ ଗିରଫ ପରେ ସାଇବର ଅପରାଧୀଙ୍କ ସହିତ ବ୍ୟାଙ୍କର ମଧୁଚନ୍ଦ୍ରିକା ଥିବା ମଧ୍ୟ ପ୍ରମାଣିତ ହୋଇଛି।

ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ସହ ଉପଭୋକ୍ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ବାଧ୍ୟବାଧକତା ଏ କ୍ଷେତ୍ରରେ ସହାୟକ ହୋଇଛି। ଟଙ୍କା ଉଠାଇନେବା ପରେ ଅଚଳ ହୋଇପଡ଼ିଥିବା ସମ୍ପୃକ୍ତ ଆକାଉଣ୍ଟରେ ଭଲ-ମନ୍ଦ ନେଇ ସଚେତନ ନଥା'ନ୍ତି ଗ୍ରାହକମାନେ। ସେହିପରି ଜାଲ୍ କାଗଜପତ୍ର ମାଧ୍ୟମରେ କେୱାଇସି ପୂରଣ କରି ଅଚଳ ଆକାଉଣ୍ଟଗୁଡ଼ିକୁ ସଚଳ କରି ଦେଇଥା'ନ୍ତି ଅସାଧୁ ବ୍ୟାଙ୍କ କର୍ମଚାରୀମାନେ। ସାଇବର ଦଲାଲଙ୍କୁ ଏହି ଆକାଉଣ୍ଟ ବିକ୍ରି କରି ଦିଆଯାଇଥିବାରୁ ସେଥିରେ 'ଫୋନ୍ ପେ', 'ଗୁଗୁଲ୍ ପେ' ଓ 'ପେଟିଏମ୍' ଆଦି ପେ ଆପ୍ ମାଧ୍ୟମରେ ଡିଜିଟାଲ୍ କାରବାର ଉପଲବ୍ଧ ହେବାର କୌଣସି ପ୍ରତିବନ୍ଧକ ରହୁନାହିଁ। ସାଇବର ଅପରାଧୀମାନେ ସହଜରେ ସେହିସବୁ ଆକାଉଣ୍ଟ ଜରିଆରେ ସେମାନଙ୍କ କାରବାର ଜାରି ରଖିଛନ୍ତି। ଏହାର ଅନ୍ୟ ଏକ ରୋଚକ ଦିଗ ହେଲା କେତେକ ବ୍ୟାଙ୍କ ଖାତାଧାରୀ ନିଜ ଆକାଉଣ୍ଟକୁ ସାଇବର ଅପରାଧୀଙ୍କୁ ବିକ୍ରି କରି କିମ୍ବା ଭଡ଼ାରେ ଦେଇ ଅର୍ଥ ଉପାର୍ଜନ କରୁଛନ୍ତି। ରାଜ୍ୟରେ ଏ ପ୍ରକାର ୧୧୦୦ ରୁ ୧୨୦୦ ଜାଲ୍ ଆକାଉଣ୍ଟ ମାଧ୍ୟମରେ ସାଇବର ଅପରାଧୀ ସକ୍ରିୟ ଅଛନ୍ତି। ଏ କ୍ଷେତ୍ରରେ ଘରୋଇ ବ୍ୟାଙ୍କର ଭୂମିକା ସବୁଠାରୁ ଅଧିକ ସନ୍ଦିଗ୍ଧପୂର୍ଣ୍ଣ।

ସାଇବର ଅପରାଧର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି 'ଡିଜିଟାଲ୍ ଆରେଷ୍ଟ'। ଆଇନ ପ୍ରବର୍ତ୍ତନକାରୀ ଅଧିକାରୀ ଭାବେ ପରିଚୟ ଦେଇ ସାଇବର ଅପରାଧୀ ଅଡିଓ କିମ୍ବା ଭିଡିଓ କଲ୍ ମାଧ୍ୟମରେ ସାଧାରଣ ଲୋକଙ୍କୁ, ବିଶେଷକରି ବୟୋଜ୍ୟେଷ୍ଠ ନାଗରିକଙ୍କୁ ଲୁଟୁଛନ୍ତି। ୨୦୨୪ରେ ଏ ପ୍ରକାର ସାଇବର ଅପରାଧ ମାମଲା ଥିଲା ୧, ୨୩, ୬୭୨। କିନ୍ତୁ ଆମ ବ୍ୟବସ୍ଥା ଏ ପ୍ରକାର ଅପରାଧକୁ ରୋକିବାରେ ସମର୍ଥ ହେଉ ନଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ 'ଡିଜିଟାଲ୍ ଆରେଷ୍ଟ' ତଦନ୍ତ ପାଇଁ ଅତିରିକ୍ତ କ୍ଷମତା ଓ ଦାୟିତ୍ୱ ଦିଆଯାଇଛି। ପୁଞ୍ଜି ବିନିଯୋଗର ସୁଯୋଗ ଓ ଅସ୍ଥାୟୀ ନିଯୁକ୍ତି ସୁବିଧା ଯୋଗାଇ ଦେବା ଆଳରେ ହେଉଥିବା ବଡ଼ ଧରଣର ଦୁର୍ନୀତିକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କ ଉପରୋକ୍ତ ନିର୍ଦ୍ଦେଶ ସାଇବର ଅପରାଧକୁ ଅନେକାଂଶରେ ପ୍ରତିହତ କରିବାରେ ସହାୟକ ହେବ ବୋଲି ଆଶା ରହିଛି।

# ବାୟୁ ଗୁଣବତ୍ତା ସୂଚକ: ଦିଲ୍ଲୀ ବନାମ ଓଡ଼ିଶା

**ଡ. ବିଜୟ କେତନ ପଟ୍ଟନାୟକ**

ନଭେମ୍ବର ମାସ (୨୦୨୫) ପ୍ରଥମ ସପ୍ତାହରେ ଦେଶର ରାଜଧାନୀ ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକ 'ଅତିଖରାପ' ବା ଅତି ଅସ୍ୱାସ୍ଥ୍ୟକରରୁ 'ସାଂଘାତିକ' ସ୍ତରରେ ପହଞ୍ଚିଥିଲା। ସେହି ପରିପ୍ରେକ୍ଷୀରେ ଦିଲ୍ଲୀସ୍ଥିତ ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ପୂର୍ବତନ ନିର୍ଦ୍ଦେଶକ ତଥା ବିଶିଷ୍ଟ ଶ୍ୱାସରୋଗ ବିଶେଷଜ୍ଞ ଡାକ୍ତର ଗୋପୀଚାନ୍ଦ ଖିଲନାନୀ 'ଇଣ୍ଡିଆନ୍ ଏକ୍ସପ୍ରେସ୍'କୁ ସାକ୍ଷାତାକାରରେ ଯେଉଁ ପ୍ରସ୍ତାବ ଦେଇଥିଲେ, ତାହା ପ୍ରାୟତଃ ସବୁ ସମ୍ବାଦପତ୍ର ପୃଷ୍ଠା ମଣ୍ଡନ କରିବା ସହିତ ଦିଲ୍ଲୀବାସୀଙ୍କୁ ସ୍ତବ୍ଧ କରିଦେଇଥିଲା। ତାଙ୍କ ମତରେ ସମସ୍ତଙ୍କ ପାଇଁ ଦିଲ୍ଲୀ ଛାଡ଼ି ବାହାରକୁ ଯିବା ହୁଏତ ବିଭିନ୍ନ ଦୃଷ୍ଟିରୁ ସମ୍ଭବପର ହୋଇ ନପାରେ। କିନ୍ତୁ ଯେଉଁମାନେ ଦୀର୍ଘକାଳୀନ ଶ୍ୱାସରୋଗ କିମ୍ବା ହୃଦ୍‌ରୋଗରେ ପୀଡ଼ିତ, ଯେଉଁମାନେ ସମୟେ ସମୟେ ଅମ୍ଳଜାନ ନେବା ଆବଶ୍ୟକ କରିଥା'ନ୍ତି ଏବଂ ଯେଉଁମାନଙ୍କର ସୁବିଧା, ସୁଯୋଗ ଓ ଆର୍ଥିକ ସ୍ୱଚ୍ଛଳତା ରହିଛି, ସେମାନେ ବିଦେଶକୁ କିମ୍ବା ଆପେକ୍ଷାକୃତ କମ୍ ପ୍ରଦୂଷିତ ଅଞ୍ଚଳକୁ ଅନ୍ତତଃପକ୍ଷେ ୬ରୁ ୮ ସପ୍ତାହ ଚାଲିଯିବା ଉଚିତ।

ବାୟୁ ଗୁଣବତ୍ତା ସୂଚକ ୨୦୧-୩୦୦ ଭିତରେ ଥିଲେ ଏହା 'ଅତ୍ୟନ୍ତଖରାପ' ବା 'ଅସ୍ୱାସ୍ଥ୍ୟକର' ଏବଂ '୩୦୧-୫୦୦' ଭିତରେ ରହିଲେ 'ସାଂଘାତିକ' ବା 'ବିପଜ୍ଜନକ' ବୋଲି ଧରାଯାଏ। ଦେଶର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଶପଥ ଗ୍ରହଣ କରିବାର ପରଦିନ ଅଦାଲତରେ ଶୁଣାଣି ଅବସରରେ କ୍ଷୋଭ ପ୍ରକାଶ କରି କହିଥିଲେ, ପୂର୍ବଦିନ ସନ୍ଧ୍ୟାରେ ୫୫ ମିନିଟ୍ ବାହାରେ ଭ୍ରମଣ କରିବା ପରେ ସେ ଅଣନିଃଶ୍ୱାସୀ ହୋଇ ଅସୁସ୍ଥତା ଅନୁଭବ କରିଥିଲେ। ସେ ସମୟରେ ଦିଲ୍ଲୀ ସହରରେ ବାୟୁର ଗୁଣବତ୍ତା ସୂଚକ ୪୦୦ ରୁ ୫୦୦ ମଧ୍ୟରେ, ଅର୍ଥାତ୍ 'ବିପଜ୍ଜନକ' ସ୍ତରରେ ରହିଥିଲା। ଦିଲ୍ଲୀ ଏମ୍ସର ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଜାଟ୍‌ଙ୍କ ମତରେ, ଗର୍ଭବତୀମାନେ ପ୍ରଦୂଷିତ ବାୟୁ ସେବନ କରିବା ଦ୍ୱାରା ତାହା ତାଙ୍କ ରକ୍ତ ପ୍ରବାହରେ ସଂଚାରିତ ହୋଇ ଗର୍ଭସ୍ଥ ଭ୍ରୁଣକୁ ପ୍ରବାହିତ କରୁଛି। କାରଣ ଗର୍ଭସ୍ଥ ଶିଶୁର ଭ୍ରୁଣ ମା'ଦେହରେ ପ୍ରବାହିତ ରକ୍ତରୁ ଅମ୍ଳଜାନ ଓ ଆବଶ୍ୟକୀୟ ପୋଷକ ତତ୍ତ୍ୱ ପାଇଥାଏ। ଏହି କାରଣରୁ ଶ୍ୱାସକ୍ରିୟାରେ ପ୍ରଦୂଷିତ ବାୟୁ ସେବନ କରୁଥିବା ମା'ଙ୍କ ଠାରୁ ଜନ୍ମିତ ଶିଶୁର ଫୁସ୍‌ଫୁସ୍ ଅପେକ୍ଷାକୃତ ଛୋଟ ଆକାରର ହୋଇଥାଏ। ଶିଶୁମାନେ ନିଜ ଶରୀର ଓଜନ ଅନୁପାତରେ ଅଧିକ ପରିମାଣର ବାୟୁ ଶ୍ୱାସକ୍ରିୟାରେ ଗ୍ରହଣ କରିଥା'ନ୍ତି। ତେଣୁ ସେମାନେ ବୟସ୍କଙ୍କ ତୁଳନାରେ ସମାନ ପରିମାଣର ବାୟୁରୁ ଅଧିକ ମାତ୍ରରେ ପ୍ରଦୂଷକ ଗ୍ରହଣ କରିଥା'ନ୍ତି। ଏହାବ୍ୟତୀତ ସେମାନଙ୍କର ଶ୍ୱାସନଳୀ ମଧ୍ୟ ନିଃଶ୍ୱାସ ପ୍ରଶ୍ୱାସ ନେବା ସମୟରେ ବାୟୁରୁ ପ୍ରଦୂଷକ ଛାଣି ରଖିବାକୁ ସକ୍ଷମ ହୋଇ ନ ଥାଏ। ତେଣୁ ଆଜିକାଲି ଶିଶୁମାନେ ଥଣ୍ଡା, କାଶ, କଫ ଓ ଆଜ୍‌ମା ଭଳି ରୋଗରେ ଅଧିକ ଆକ୍ରାନ୍ତ ହେଉଛନ୍ତି।

ତିରିଶ ଚାଳିଶ ବର୍ଷ ପୂର୍ବେ ଦୀର୍ଘକାଳୀନ ଫୁସ୍‌ଫୁସ୍ ଅବରୋଧ ରୋଗର ମୁଖ୍ୟ କାରକ ଥିଲା ଧୂମପାନ ଓ ତମାଖୁ ସେବନ। ଏବେ ୫୦ ପ୍ରତିଶତ କ୍ଷେତ୍ରରେ ଫୁସଫୁସ୍ ସଂକ୍ରାନ୍ତୀୟ ରୋଗର ମୁଖ୍ୟ କାରଣ ହେଉଛି ଉଭୟ ଆନ୍ତଃ ଓ ବାହ୍ୟ ବାୟୁ ପ୍ରଦୂଷଣ। ପୂର୍ବରୁ ୮୦ ପ୍ରତିଶତରୁ ଅଧିକ ଫୁସ୍‌ଫୁସ୍ କର୍କଟ ଧୂମପାନ ବା ତମାଖୁ ସେବନ କାରଣରୁ ହେଉଥିବା ବେଳେ ଏବେ ୪୦ ପ୍ରତିଶତରୁ ଅଧିକ ବ୍ୟକ୍ତି, ଯେଉଁମାନେ କେବେ ବି ଧୂମପାନ କରନ୍ତି ନାହିଁ, ସେମାନଙ୍କୁ ଫୁସ୍‌ଫୁସ୍ କର୍କଟ ହେବାର ଦେଖାଯାଉଛି। ସେମାନଙ୍କ ଭିତରୁ ଅଧିକାଂଶ ଯୁବଗୋଷ୍ଠୀର। କେବଳ ଫୁସ୍‌ଫୁସ୍ ଜନିତ ରୋଗ ନୁହେଁ, ବାୟୁ ପ୍ରଦୂଷଣ କାରଣରୁ ଶରୀରର ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ଯଥା ହୃଦୟ, ମସ୍ତିଷ୍କ, ବୃକ୍କ ଓ ଖାଦ୍ୟନଳୀ ସଂକ୍ରମିତ ହୋଇଥାଏ। ୨୦୨୩ ମସିହାରେ ଆମେରିକାର ଚିକାଗୋ ବିଶ୍ୱବିଦ୍ୟାଳୟର ଶକ୍ତିନୀତି ସଂସ୍ଥା ପ୍ରାୟ ଲକ୍ଷାଧିକ ରୋଗୀଙ୍କ ଉପରେ ଗବେଷଣା କରି ପ୍ରକାଶ କରିଥିବା ରିପୋର୍ଟରେ ଦର୍ଶାଇଛି, ବାୟୁ ପ୍ରଦୂଷଣ କାରଣରୁ ଭାରତୀୟମାନଙ୍କର ଜୀବନ ଅବଧି କାଳ ୫.୩ ବର୍ଷ ହ୍ରାସ ପାଇଛି ଏବଂ ବିଶେଷକରି ଦିଲ୍ଲୀରେ ସ୍ଥାୟୀ ବସବାସ କରୁଥିବା ଅଧିବାସୀମାନଙ୍କର ଜୀବନ ଅବଧି ହ୍ରାସ ପାଇଛି ୧୧.୯ ବର୍ଷ। ଏହି କ୍ଷେତ୍ରରେ ସମଗ୍ର ଦେଶରେ ବାଂଲାଦେଶ ପଛକୁ ରହିଛି ଭାରତ। ୨୦୨୪ ମସିହାରେ ପ୍ରକାଶିତ ଲାନ୍ସେଟ ରିପୋର୍ଟ ମୁତାବକ ଭାରତରେ ପ୍ରତିବର୍ଷ ପ୍ରାୟ ୧୫ ଲକ୍ଷ ଲୋକ କେବଳ ବାୟୁ ପ୍ରଦୂଷଣ କାରଣରୁ ମୃତ୍ୟୁବରଣ କରିଥା'ନ୍ତି।

ବାୟୁ ପ୍ରଦୂଷଣ ଦୃଷ୍ଟିକୋଣରୁ ଦିଲ୍ଲୀର କୁଖ୍ୟାତି ସାରା ବିଶ୍ୱରେ ରହିଛି। ୨୦୨୪ ମସିହାରେ 'ସ୍ୱିସ୍ ବାୟୁ ଗୁଣବତ୍ତା ନିର୍ଦ୍ଧାରକ କମ୍ପାନୀ(ଆଇକ୍ୟୁଏୟାର) ଦ୍ୱାରା ପ୍ରସ୍ତୁତ ବିଶ୍ୱ ବାୟୁ ଗୁଣବତ୍ତା ସୂଚକ ରିପୋର୍ଟରେ ଦର୍ଶାଯାଇଥିଲା ଯେ ଦିଲ୍ଲୀ ବିଶ୍ୱରେ ସର୍ବାଧିକ ପ୍ରଦୂଷିତ ରାଜଧାନୀ ସହର ଏବଂ ଭାରତ ବିଶ୍ୱର ପଞ୍ଚମ ପ୍ରଦୂଷିତ ରାଷ୍ଟ୍ର। ୨୦୨୩ ମସିହାରେ ଭାରତ ତୃତୀୟ ସ୍ଥାନରେ ଥିଲା। ବିଶ୍ୱର ସର୍ବାଧିକ ପ୍ରଦୂଷିତ ୨୦ ଟି ସହର ମଧ୍ୟରୁ ୧୩ ଟି ସହର ଆମ ଦେଶର। ଏହି ୧୩ଟି ସହର ମଧ୍ୟରେ ରହିଛି ବିର୍ଣ୍ଣିହାଟ୍(ଆସାମ ମେଘାଳୟ ସୀମାନ୍ତ), ଦିଲ୍ଲୀ, ମୁଲାନ୍‌ପୁର(ପଞ୍ଜାବ), ଫରିଦାବାଦ ଓ ଗୁରୁଗ୍ରାମ (ହରିୟାଣା); ଲୋନି, ନୋଏଡ଼ା, ମୁଜାଫରଗର (ଉତ୍ତର ପ୍ରଦେଶ) ଏବଂ ଭିଲୱାଡ଼, ଗଙ୍ଗାନଗର, ହନୁମାନଗଡ଼(ରାଜସ୍ଥାନ)। ସାମଗ୍ରିକ ଭାବରେ ଆମଦେଶର ୩୫ ପ୍ରତିଶତ ସହରରେ ବାର୍ଷିକ ପାର୍ଟିକୁଲଟ ମ୍ୟାଟକୁଲଟ ମ୍ୟାଟର (ପି.ଏମ୍) ୨.୫ର ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରସ୍ତୁତ ନିରାପଦ ସୂଚକ ଠାରୁ ୧୦ ଗୁଣା ଅଧିକ ରହିଛି। ପିଏମ ୨.୫ ହେଉଛି ବାୟୁରେ ଥିବା ପ୍ରଦୂଷକ କଣିକା, ଯାହାର ଆକୃତି ୨.୫ ମାଇକ୍ରନ ବା ତା'ଠାରୁ କମ୍।

ଅନ୍ତଃତପକ୍ଷେ, ଆମ ପାଇଁ ଆଶ୍ୱାସନାର ବିଷୟ ଏହି ଯେ, ଉପରୋକ୍ତ ୧୩ଟି ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଆମ ଓଡ଼ିଶାର କୌଣସି ସହର ନାହିଁ। କିନ୍ତୁ ପରିବେଶ ଓ ପରିସ୍ଥିତି ଧୀରେ ଧୀରେ ବଦଳିବାରେ ଲାଗିଛି। ନିକଟରେ 'ଡାଉନ ଟୁ ଆର୍ଥ' ମାଗାଜିନରେ ଦିଲ୍ଲୀ ଓ ଓଡ଼ିଶାର ବାୟୁ ଗୁଣବତ୍ତା ସୂଚକର ୧ ନଭେମ୍ବରରୁ ୧୨ ନଭେମ୍ବର ପର୍ଯ୍ୟନ୍ତ ସଂଗୃହୀତ ତଥ୍ୟର ଏକ ଗ୍ରାଫ୍ ପ୍ରକାଶ ପାଇଥିଲା। ସବୁଠାରୁ ଅପ୍ରତ୍ୟାଶିତ ମନେ ହେଲା ନଭେମ୍ବର ୫ ତାରିଖ ଦିନ ଓଡ଼ିଶାର ବାୟୁ ଗୁଣବତ୍ତା ସୂଚକ ଦିଲ୍ଲୀଠାରୁ ଅଧିକ। ଅର୍ଥାତ୍ ପାଖାପାଖି ୨୩୦ ରହିଥିଲା। ଏହା ଅତ୍ୟଧିକ ଖରାପ ବା ଅସ୍ୱାସ୍ଥ୍ୟକର। ସେହି ମାଗାଜିନ୍‌ରେ ଓଡ଼ିଶାର ବିଭିନ୍ନ ସହରର ନଭେମ୍ବର ୧୨ ତାରିଖର ବାୟୁଗୁଣବତ୍ତା ସୂଚକ ଆକଳନ କରାଯାଇଛି। ସର୍ବାଧିକ ୩୦୩ ପିଏମ୍ ୨.୫ କଟକରେ ଏବଂ ୨୭୦ ଭୁବନେଶ୍ୱରରେ ରହିଥିଲା। ଏହା ପଛକୁ ଥିଲା ଅନୁଗୋଳ ୨୫୦, ବଡ଼ବିଲ ୨୧୬ ଏବଂ ଅନୁଗୋଳ ନିକଟସ୍ଥ ତାଳଚେର ସହର ୨୧୩ ପିଏମ ୨.୫।

ପୁନର୍ବାର ଗତ କିଛିଦିନ ତଳେ ଦେଶର ଦ୍ୱିତୀୟ ବା ତୃତୀୟ ପ୍ରଦୂଷିତ ସହର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକଠାରୁ ଓଡ଼ିଶାର ମାନକ ଟପିଯାଇଛି। ଏଥର ଏହା ଘଟିଛି ରାଜ୍ୟର ଅନ୍ୟତମ ଶିଳ୍ପାଞ୍ଚଳ ଅନୁଗୋଳ ସହରରେ। ଗତ ନଭେମ୍ବର ୨୫ ତାରିଖରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା ବୁଲେଟିନ ମୁତାବକ, ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୩୨୭ ଥିଲା ବେଳେ ଅନୁଗୋଳରେ ୩୩୭ ରେକର୍ଡ କରାଯାଇଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱର ଓ କଟକରେ ମଧ୍ୟ ସେଦିନ ଏକ୍ୟୁଆଇ ଥିଲା ୩୦୮। ତେଣୁ ସେଦିନ ଦେଶର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଓଡ଼ିଶାର ଅନୁଗୋଳ ସହର ଯୋଡ଼ି ହେବା ନିଶ୍ଚିତ ଭାବେ ଏକ ଚିନ୍ତାଜନକ ବିଷୟ। ଏହି ପ୍ରଦୂଷଣ ସ୍ତର ପରବର୍ତ୍ତୀ ଦୁଇଦିନ ପର୍ଯ୍ୟନ୍ତ ମଧ୍ୟ ଲାଗି ରହିଥିଲା।

ଚଳିତ ନଭେମ୍ବର ମାସରେ ତିନି/ଚାରିଦିନ ପାଇଁ ହେଉ ପଛେ ଓଡ଼ିଶାର ତିନୋଟି ସହର ଦେଶର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଧସେଇ ପଶିବାର ଉଦ୍ୟମ କରିଛି। ଅନୁଗୋଳରେ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି କଳକାରଖାନା, ବିଶେଷକରି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ, ନିର୍ଗତ ଧୂମ୍ର କଣିକା, କୋଇଲା ଖଣି ଓ ଆଲୁମିନିୟମ କାରଖାନାରୁ ନିର୍ଗତ ପ୍ରଦୂଷିତ ବାୟୁ। ଭୁବନେଶ୍ୱର ଓ କଟକରେ ବାୟୁ ପ୍ରଦୂଷଣ ମୁଖ୍ୟତଃ ଯାନବାହନରୁ ନିର୍ଗତ ଧୂଆଁ ଏବଂ ନିର୍ମାଣ କାର୍ଯ୍ୟରୁ ସୃଷ୍ଟି ହେଉଥିବା ଧୂଳିରୁ ହୋଇଥାଏ। ସବୁଠାରୁ ବିଡ଼ମ୍ବନାର ବିଷୟ ଏହି ଯେ ଗତ କିଛିଦିନ ତଳେ କେନ୍ଦ୍ର ସରକାରଙ୍କ ତରଫରୁ ଅନୁଗୋଳ ମ୍ୟୁନିସିପାଲିଟିକୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର ୨୦୨୫ ମିଳିଛି। ବାୟୁ ପ୍ରଦୂଷଣ ହ୍ରାସ କରିବାରେ ଅନୁଗୋଳ ଦେଶରେ ତୃତୀୟ ଓ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ତରଫରୁ ଏହି ଚୟନ କରାଯାଇଥିଲା। ଏବେ ବିଚାର କରିବାର କଥା ଏହି ଆତ୍ମତୃପ୍ତି ଭବିଷ୍ୟତରେ ଆମ ପାଇଁ ଆତ୍ମଘାତୀ ହେବ ନାହିଁ ତ?

(ଉପସଭାପତି, ଓଡ଼ିଶା ପରିବେଶ ସମିତି, ପୂର୍ବତନ ରାଜ୍ୟ ପରିବେଶ ନିର୍ଦ୍ଦେଶକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ସ୍ମାର୍ଟସିଟିରେ ନିରାଶ୍ରୟର ବ୍ୟଥା

**ପଞ୍ଚାନନ ଅଗ୍ରୱାଲ**

ଏବେ ଶୀତଋତୁ। ପ୍ରବଳ ଶୀତରେ ଥରି ଥରି ଫଟା ଚାଦରଟିଏ ଘୋଡ଼ାଇ ରାତିରେ ଫୁଟପାଥରେ କିଛି ଲୋକ ଶୋଇଥିବା ଦେଖାଯାଏ। ରାତି ଅନ୍ଧାର ମାଡ଼ି ଆସିଲେ କିଛି ବେସାହାରା ଲୋକ ପୋଲ ତଳେ, ଦୋକାନ ପିଣ୍ଡା ଉପରେ, ପାର୍କର ବେଞ୍ଚ ଉପରେ ଥରି ଥରି ରାତି କଟାଉଥିବା ଦେଖାଯାଏ। ସେମାନଙ୍କ ମଧ୍ୟରୁ କେହି ବୃଦ୍ଧବୃଦ୍ଧା ରୋଗୀଙ୍କ ଜୀବନଦୀପ ସେହି ଅନ୍ଧାର ରାତିରେ ଲିଭିଯାଇଥାଏ। ତାହା କୌଣସି ସମ୍ବାଦପୃଷ୍ଠାରେ ସ୍ଥାନ ପାଏ ନାହିଁ। ଏଭଳି ମୃତ୍ୟୁ ସାମାଜିକ ବ୍ୟବସ୍ଥାର ତ୍ରୁଟି ଏବଂ ସମ୍ବେଦନହୀନତାର କ୍ରୂର ଆଇନା।

କିଛିଦିନ ପୂର୍ବେ 'ସେଣ୍ଟର ଫର ହୋଲିଷ୍ଟିକ ଡେଭେଲପମେଣ୍ଟ' ପକ୍ଷରୁ ତଥ୍ୟ ମିଳିଥିଲା ଯେ ନଭେମ୍ବର ୨୦୨୪ରୁ ଜାନୁଆରୀ ୨୦୨୫ - ୫୬ ଦିନ ମଧ୍ୟରେ ଦିଲ୍ଲୀରେ ୪୭୪ ଜଣ ବାସହୀନ ଲୋକଙ୍କ ଥଣ୍ଡାରେ ମୃତ୍ୟୁ ହୋଇଛି। ଏହି ତଥ୍ୟ ଜିଲ୍ଲାସ୍ତରରୁ ଡାକ୍ତରଖାନାର ସର୍ବେକ୍ଷଣ ଦସ୍ତାବିଜ ଆଧାରିତ ଥିଲା। ରାଷ୍ଟ୍ରୀୟ ମାନବାଧିକାର ଆୟୋଗ ଏହି ନିମନ୍ତେ ଦିଲ୍ଲୀ ପ୍ରଶାସନକୁ ବିସ୍ତୃତ ରିପୋର୍ଟ ମାଗିଥିଲେ। ବାସ୍ତବିକ ତଥ୍ୟ ଆହୁରି ଅଧିକ ହେବ। ଫୁଟପାଥ ଉପରେ ପଡ଼ିଥିବା ଶବକୁ ଅଜ୍ଞାତ କହି ତା'ର ଦାହ କରାଯାଉଛି। ବିଶେଷଜ୍ଞମାନଙ୍କ ଅନୁମାନ ଯେ ଶତକଡ଼ା ୮୦ଭାଗ ମୃତ୍ୟୁ ପରିଚୟହୀନ ଭାବେ ହଜିଯାଉଛି। ୨୦୨୪ରେ ଭାରତରେ ୩୨୩୮ ମୃତ୍ୟୁ ହୋଇଥିଲା, ଯାହା ୨୦୨୨ର ତୁଳନାରେ ୧୮ଭାଗ ଅଧିକ ଥିଲା। ଅର୍ଥାତ୍ ଶୀତଲହରୀର ପ୍ରଭାବ ବଢ଼ି ଚାଲିଛି।

ଏହି ସଙ୍କଟ କେବଳ ଦିଲ୍ଲୀରେ ସୀମିତ ନୁହଁ। କାନପୁରରେ ୨୦୨୩ରେ ଗୋଟିଏ ସପ୍ତାହ ମଧ୍ୟରେ ୯୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଏନଏଚଆରସି ଅକ୍ଟୋବର ୨୦୨୫ରେ ୧୯ ରାଜ୍ୟ ଏବଂ ୪ଟି କେନ୍ଦ୍ର ଶାସିତ ପ୍ରଦେଶକୁ ଚେତାବନୀ ଜାରି କରିଥିଲେ, ଯେଉଁଥିରେ ବାସହୀନ, ନବଜାତ ଶିଶୁ, ବୟସ୍କ ଗରୀବ ଶ୍ରେଣୀର ଲୋକମାନଙ୍କୁ ଶୀତଦାଉରୁ ସୁରକ୍ଷା ଦେବା ପାଇଁ ଉଲ୍ଲେଖ ଥିଲା। କିନ୍ତୁ କାର୍ଯ୍ୟକାରିତା ସରକାରୀ କାଗଜ ଭିତରେ ହିଁ ସୀମିତ ରହିଯାଇଛି। ୨୦୧୧ ଜନଗଣନା ଅନୁସାରେ, ଦେଶର ସହରାଞ୍ଚଳମାନଙ୍କରେ ୯, ୩୮, ୩୪୮ ଲୋକ ବାସହୀନ ଥିଲେ। ବର୍ତ୍ତମାନ ଏହି ସଂଖ୍ୟା ଦେଢ଼କୋଟି ପାର ହୋଇଯାଇଛି। ଦିଲ୍ଲୀରେ କେବଳ ୩ଲକ୍ଷ ରୁ ୪ଲକ୍ଷ ବାସହୀନ ଅଛନ୍ତି, ଯେଉଁମାନେ ପ୍ରବାସୀ ଶ୍ରମିକ, ରିକ୍ସା ଚାଳକ, ପରିବା ବିକ୍ରେତା, ଘର କାର୍ଯ୍ୟରେ ନିଯୁକ୍ତ କର୍ମଚାରୀ। ଅଗଷ୍ଟ ୨୦୨୪ରେ କରାଯାଇଥିବା ଗଣତିରେ ୧, ୫୬, ୩୬୯ ଲୋକ ରାତି ୧୧ଟାରୁ ସକାଳ ୫.୩୦ ଯାଏଁ ସଡ଼କ ଉପରେ ଶୋଇଥିବା ଦେଖାଯାଇଥିଲା। ବନ୍ୟା, ମରୁଡ଼ି, ମହଙ୍ଗା, ବେରୋଜଗାର ଓ ଋଣଭାର ଯୋଗୁଁ ଅଧିକରୁ ଅଧିକ ଲୋକ ଏବେ ସହରମୁହାଁ ହେଉଛନ୍ତି। ସହରୀକରଣ ଯୋଗୁଁ ଗାଁ ଖାଲି ହେବାକୁ ଲାଗିଛି। ଦିଲ୍ଲୀ ମାଷ୍ଟର ପ୍ଲାନ ଅନୁସାରେ ୨୦୪୧ ସୁଦ୍ଧା ସ୍ମାର୍ଟ ହେବାର ସ୍ୱପ୍ନ ଦେଖୁଛି। କିନ୍ତୁ ବାସହୀନ ଲୋକଙ୍କୁ କେହି ଶୁଣିବାର ନାହିଁ।

ଭୁବନେଶ୍ୱର ସାଲିଆ ସାହି ଉଚ୍ଛେଦର ତୃତୀୟ ଦିନରେ ୫୫୬ ଘର ମାଟିରେ ମିଶିଛି। ନିଜ ଜିଦ୍‌ରେ ଅଟଳ ରହି କିଛି ପରିବାର ଖୋଲା ପଡ଼ିଆରେ ପାଲ ତଳେ ଦିନ କାଟୁଛନ୍ତି। ଓଳିଏ ଖାଇଲେ ଆଉ ଓଳିକୁ ଉପବାସ। ଛୋଟ ପିଲା, ବୃଦ୍ଧବୃଦ୍ଧା ଖରାକାକରରେ ପଡ଼ିରହିଛନ୍ତି। ପ୍ରଧାନମନ୍ତ୍ରୀ ଆବସ ଯୋଜନାର ଲକ୍ଷ୍ୟ ଥିଲା ସମସ୍ତଙ୍କୁ ଘର। ୨୦୧୫ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ୨୦୨୨ ପର୍ଯ୍ୟନ୍ତ ସମସ୍ତଙ୍କୁ ପକ୍କାଘର ଦେବାର ପ୍ରତିଶ୍ରୁତି ଥିଲା। ୨୦୨୫ ସରିବାକୁ ବସିଲାଣି। ଏହି ଯୋଜନାର ବିସ୍ତାର କରି ପିଏମୱାଇ ଅର୍ବାନ ୨-୦ ଅଣାଗଲା। କିନ୍ତୁ ବାସହୀନ ଲୋକଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ସରକାର କହୁଛନ୍ତି, ପ୍ରତି ୨୦ ମିନିଟରେ ୧୫୦ ଘର ନିର୍ମାଣ ଚାଲିଛି। କିନ୍ତୁ ଏ ସବୁ କାଗଜରେ ହିଁ ରହିଯାଉଛି। ସେପ୍ଟେମ୍ବର ୨୦୨୫ରେ ମନ୍ତ୍ରଣାଳୟ ରାଜ୍ୟମାନଙ୍କ ସହ ସମୀକ୍ଷା କଲେ। କିନ୍ତୁ ସମୟ ଅନୁସାରେ କେନ୍ଦ୍ରୀୟ ସହାୟତା ନ ମିଳିବାରୁ ପ୍ରଗତି କାର୍ଯ୍ୟ ବନ୍ଦ ହୋଇଥିବା ଜଣାପଡ଼ିଲା।

ରୈନବସେରା, ବାସହୀନଙ୍କ ପାଇଁ ତତ୍‌କାଳୀନ ସମାଧାନ କୁହାଯାଏ। କିନ୍ତୁ ଏହାର ଅବସ୍ଥା ଦେଖିଲେ ଆହୁରି ନୈରାଶ୍ୟଜନକ ମନେ ହୁଏ। 'ଦିଲ୍ଲୀ ଅର୍ବାନ ସେଲଟର ଇମ୍ପ୍ରୁଭମେଣ୍ଟ ବୋର୍ଡ'ର ତଥ୍ୟାନୁସାରେ ସହରରେ ୩୨୫ଟି ରୈନବସେରା ଅଛି। ଏଥିରେ ମୋଟ ୧୬୩୩୮ ଜଣ ଲୋକ ଶୋଇପାରିବେ। କିନ୍ତୁ 'ୱିଣ୍ଟର ଆକସନ ପ୍ଲାନ' ୨୦୨୪-୨୫ ଅନୁସାରେ ୧୯୭ ଗୋଟି ସ୍ଥାୟୀ ବସେରାରୁ ୮୨ଗୋଟି କାର୍ଯ୍ୟ କରୁଛି। କ୍ଷମତା ମାତ୍ର ୭୦୯୨ ଜଣଙ୍କର ଅଛି। ବାକି ସବୁ କ୍ୟାବିନ ଆଉ ତମ୍ବୁ ମାଧ୍ୟମରେ ଚାଲିଛି। ଏହି ସ୍ଥାନମାନଙ୍କରେ ଚୋରି, ନିଶା କାରବାର, ହିଂସା ସାଧାରଣ ଘଟଣା ପାଲଟିଛି। ମହିଳାଙ୍କ ପାଇଁ ୧୭ଟି ବସେରା ଅଛି। ମାଷ୍ଟର ପ୍ଲାନ ମୁତାବକ ୩୩୦ରୁ ୩୫୦ ସ୍ଥାୟୀ ରେନବସେରା ହେବା କଥା। କିନ୍ତୁ ବର୍ତ୍ତମାନ ୮୦ଗୋଟି ଅଛି।

ରାଷ୍ଟ୍ରୀୟ ମାନବାଧିକାର ଆୟୋଗଙ୍କ କହିବା ଅନୁଯାୟୀ, ବାସହୀନଙ୍କୁ ଭିକାରୀ କିମ୍ବା ନିଶାଖୋର କୁହାଯିବା ଦୁଃଖଦାୟକ। ସମାଧାନ ପାଇଁ ଇଚ୍ଛାଶକ୍ତି ଦରକାର। ପ୍ରତ୍ୟେକ ସହରର ବ୍ୟାପକ ସର୍ବେକ୍ଷଣ ଜରୁରୀ। ପ୍ରତ୍ୟେକ ଲୋକଙ୍କର ବଞ୍ଚିବାର ମୌଳିକ ଅଧିକାର ଅଛି।

ଭୁବନେଶ୍ୱର, ମୋ: ୯୭୭୭୭୪୦୭୧

# କଥାଶିଳ୍ପୀ ରାମପ୍ରସାଦ ସିଂହ: ସଂଗ୍ରାମ ଓ ସଂହତି

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ସାରା ଜୀବନ ନିରବଚ୍ଛିନ୍ନ ଲେଖନୀ ଚାଳନା କରିଥିଲେ ମଧ୍ୟ କାହାରିଠାରୁ ପଦେ ପ୍ରଶଂସା ଶୁଣିବାର ପ୍ରତ୍ୟାଶା କେବେହେଲେ ପୋଷଣ କରି ନଥିବା ଜଣେ ଉଚ୍ଚକୋଟୀର, ମର୍ଯ୍ୟାଦାପୂର୍ଣ୍ଣ ସଂସ୍କୃତିର ଉପାସକ ହେଉଛନ୍ତି ବିଶିଷ୍ଟ କଥାଶିଳ୍ପୀ ରାମ ପ୍ରସାଦ ସିଂହ। କେତେସଂଖ୍ୟକ ଉପନ୍ୟାସ ସେ ରଚନା କରିଛନ୍ତି, ତା' ସଠିକ ଭାବରେ ଉଲ୍ଲେଖ କରିବା ଆଦୌ ସମ୍ଭବ ନୁହେଁ। ଯେଉଁ ଉପନ୍ୟାସଗୁଡ଼ିକ ପାଇଁ ପାଠକମାନଙ୍କ ଶ୍ରଦ୍ଧାସିକ୍ତ ଦୃଷ୍ଟି ଦିନେ ସେ ଆକର୍ଷଣ କରିଥିଲେ, ତା' ମଧ୍ୟରେ ରହିଛି- 'ପୂଜାର ବଳୀ', 'ମରୁର ସାଥୀ', 'ମରୀଚିକା', 'ପ୍ରତିହିଂସା', 'ଛିନ୍ନମସ୍ତା', 'ହୋମଶିଖା', 'ଅଗ୍ନିପଥେ' ଆଦି। ପ୍ରଗତିବାଦର ଉଷ୍ମତା ତାଙ୍କ କଣ୍ଠରେ ପ୍ରକଟିତ ହୋଇଛି। ସେହିପରି ଗାନ୍ଧୀ-ବିବେକର ବାଣୀ ମଧ୍ୟ ଉଚ୍ଚାରିତ ହୋଇଯାଇଛି ପ୍ରଭାବଶାଳୀ ଭାବ ବହନ କରି। ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ ଅବିକଳ ରୂପାୟିତ କରିଛନ୍ତି ସେ ଜଣେ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରିଥିବା ସତ୍ୟାଗ୍ରହୀ ପରି। 'ପୂଜାର ବଳୀ' ସେଥିପାଇଁ ଆଦୌ ମନେ ହୁଏ ନାହିଁ କାଳ୍ପନିକ ବୋଲି!

'ହୋମଶିଖା' ରଚନା ବେଳେ ସେ ମାର୍କ୍ସୀୟ ଦର୍ଶନ ଦ୍ୱାରା ଅନୁପ୍ରାଣିତ। ତେଣୁ ଜମିଦାର ଗୋଷ୍ଠୀର ଶୋଷଣ ଓ ପ୍ରଜାବୃନ୍ଦଙ୍କ ପ୍ରତିଶୋଧ ପରାୟଣତା ଏଥିରେ ପ୍ରତିଫଳିତ। କ୍ଷୁଦ୍ରଗଳ୍ପ ରଚନାରେ ମଧ୍ୟ ସେ ପ୍ରଦର୍ଶନ କରିଦେଇଛନ୍ତି ଦୁଃସାହସିକ ପଦକ୍ଷେପ। 'ଶେଷରାତି' ଗଳ୍ପଟି ବୈପ୍ଳବିକ ଚେତନାର ପରିଚାୟକ।

ଗୋଟିଏ ପଟେ ଗାନ୍ଧିବାଦୀ ଦର୍ଶନ, ଅନ୍ୟପକ୍ଷରେ ସାମ୍ୟବାଦୀ ଚିନ୍ତନ, ତାଙ୍କୁ ପରିଣତ ପରିପକ୍ୱ କରିଦେଲା ଯେଉଁ ରୂପରେ, ତାହାକୁ 'ମାନବବାଦୀ' ବୋଲି ହିଁ ଅଭିହିତ କରିବା ହୋଇପାରେ ଯଥାର୍ଥ। ଏହି ଉଭୟ ଦର୍ଶନ ମଧ୍ୟରେ ବିଦ୍ୟମାନ ଯେଉଁ ସାମ୍ୟ ଓ ବୈଷମ୍ୟ, ତାହା କ'ଣ ରାମପ୍ରସାଦ ଅନୁଭବ କରି ନାହାନ୍ତି? ସେ ଥିଲେ ଏ ଦିଗରେ ସର୍ବଦା ସଚେତ, ମନ୍ଥିତ, ବ୍ୟଥିତ ଓ ଚିନ୍ତିତ ଏକ ଦରଦୀ, ଅନୁଭବୀ ସ୍ରଷ୍ଟା। ତାଙ୍କ ଜୀବନରେ ଓ ସାହିତ୍ୟରେ ଯେଉଁ ବୈଚିତ୍ର୍ୟ ବିଭାସିତ, ତାହା କାହାକୁ ବା ଚମତ୍କୃତ କରି ନ ଦେବ! ଅନେକ ଲେଖକ ଗାନ୍ଧୀବାଦରୁ ସାମ୍ୟବାଦ ମଧ୍ୟକୁ ପ୍ରବେଶ କରିଛନ୍ତି। ରାମ ପ୍ରସାଦ ସାମ୍ୟବାଦରୁ ଯାତ୍ରା କରୁଛନ୍ତି ଗାନ୍ଧୀ-ଚେତନା ଉଦ୍ଦେଶ୍ୟରେ। ଓଡ଼ିଆ ପାଠକୁ ପଛରେ ପକାଇ ଲୋକେ ଇଂରାଜୀ ମୋହଗ୍ରସ୍ତ। ଲେଖକ ଇଂରାଜୀ ଛାଡ଼ିଦେଇ ହୋଇଛନ୍ତି ମାତୃଭାଷାର ସାଧକ। କାରଣ ସେ ବହୁ ବିଳମ୍ବରେ ଓଡ଼ିଆ ଶିଖିବାର ସୁଯୋଗ ପାଇଥିଲେ। ପୁନଶ୍ଚ ଲୋକେ ଗ୍ରାମ୍ୟ ଆତ୍ମୀୟତା ପରିତ୍ୟାଗ କରି ରାଜଧାନୀ ଅଭିମୁଖୀ। ରାମ ପ୍ରସାଦ ସାମ୍ବାଦିକତା ଓ କଟକ ଭୁବନେଶ୍ୱର ଛାଡ଼ିଦେଇ ଆଶ୍ରୟ ଗ୍ରହଣ କରିଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମପୀଠ ବରପାଲିରେ। ସେଠି ଆବିଷ୍କାର କରିଛନ୍ତି 'ମଙ୍ଗଳେ ଅଇଲା ଉଷା'ର ରହସ୍ୟ। ପ୍ରତିଷ୍ଠା କରିଛନ୍ତି 'ଗଙ୍ଗାଧର ସାହିତ୍ୟ ପରିଷଦ'।

ସାରା ରାଜ୍ୟର କେତେ ପ୍ରତିଷ୍ଠିତ ଲେଖକଙ୍କୁ ସଭ୍ୟ ଶ୍ରେଣୀଭୁକ୍ତ କରି ଏହି ଅନୁଷ୍ଠାନକୁ ରାଜ୍ୟସ୍ତରୀୟ ସୋପାନକୁ କରିଦେଲେ ଉତ୍ତୋଳିତ। କବିପୁତ୍ର ଭଗବାନ ମେହେରଙ୍କ ଓ କବି ପରିବାର ସହ ତାଙ୍କ ସମ୍ପର୍କ ଜୀବନର ଆଉ ଏକ ଉତ୍ତରିତ ଅଧ୍ୟାୟ। ତାଙ୍କ ସହଧର୍ମିଣୀ ଶୈଳବାଳା ବାନାର୍ଜୀ କେତେ ସାଧାରଣ! ସରକାରୀ ଡାକ୍ତରଖାନାର ଥିଲେ ସାମାନ୍ୟ ଜଣେ ନର୍ସ। ଅଥଚ ସମଗ୍ର ବରପାଲିରେ ଘରେ ଘରେ ସେ ଅବତୀର୍ଣ୍ଣା 'ଧାତ୍ରୀ-ଦେବୀ' ଭାବରେ। ସ୍ନେହମୟୀ ମାତୃ ମମତାର ନିର୍ଝରିଣୀ। ରାମ ପ୍ରସାଦ ତାଙ୍କ ବରପାଲି ଅବସ୍ଥାନ କାଳରେ ରଚନା କରିଥିଲେ ଗବେଷଣାତ୍ମକ ଗ୍ରନ୍ଥ 'ଶ୍ରୀକୃଷ୍ଣ'। ଆତ୍ମଜୀବନୀ 'ଶତାବ୍ଦୀର ପଦଧ୍ୱନି' ରଚନାରେ ବି ଧ୍ୟାନମଗ୍ନ ହୋଇଛନ୍ତି। ଏହା ତାଙ୍କ ବ୍ୟକ୍ତିଗତ ଜୀବନ ପ୍ରସଙ୍ଗଠାରୁ ଆହୁରି ପରିବ୍ୟାପ୍ତ ହୋଇ ଗୋଟିଏ ଶତାବ୍ଦୀର ସମୟକୁ ସାକାର କରିବ-ଏହି ଭାବନାରେ ରହୁଥିଲେ ଏକାଗ୍ରଚିତ୍ତ। କିନ୍ତୁ ତାହା ରହିଗଲା ଅସମ୍ପୂର୍ଣ୍ଣ। କେତେ ଉପନ୍ୟାସ ବି ଦେଖିପାରିଲେ ନାହିଁ ଆଉ ଆଲୋକ। ଏକମାତ୍ର କ୍ଷୁଦ୍ରଗଳ୍ପ ସଂକଳନ 'କଲ୍ଲୋଳ' ସେଇ ସମୟର ପ୍ରକାଶନ। 'ସନ୍ଧ୍ୟାଦୀପ'ଛାତ୍ରଛାତ୍ରୀଙ୍କ ପାଇଁ କି ପ୍ରେରଣାଗର୍ଭିତ। ଉପନ୍ୟାସର ନାୟକ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିବା ବେଳେ ନିଜ ନାମଠାରୁ ସାଙ୍ଗିଆ ଉଠାଇ ଦେଇଛନ୍ତି, ଯାହା ଓଡ଼ିଆ ସାହିତ୍ୟରେ ସମ୍ଭବତଃ ପ୍ରଥମ।

ସେ ବୁଣି ଦେଇଛନ୍ତି ସାରସ୍ୱତ ଚେତନାର ଅଗଣିତ ଶକ୍ତିକଣିକା। ଆଜି ନିତାନ୍ତ ଆବଶ୍ୟକ ତାଙ୍କର ପୁନଃଆବିଷ୍କାର। ତାଙ୍କ ସାହିତ୍ୟ ଓ ବ୍ୟକ୍ତିତ୍ୱର ପୁନର୍ମୂଲ୍ୟାୟନ। ଏହା ହିଁ ସମାଜକୁ ଦେଇପାରିବ ଅଭିନ୍ନ ଦିଗଦର୍ଶନ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅନ୍ତର୍ଜାତୀୟ ଜର୍ଣ୍ଣାଲ ଡାଟାବେସ୍‌ରେ ତାଲିକାଭୁକ୍ତ ହେଲା କିମ୍ସ ଜର୍ଣ୍ଣାଲ

ଭୁବନେଶ୍ୱର,୩।୧୨(ସମିସ):ଶିକ୍ଷାଗତ ଏବଂ ଗବେଷଣା କାର୍ଯ୍ୟକଳାପକୁ ଆଗକୁ ନେବା ପାଇଁ କିମସ ପକ୍ଷରୁ ପ୍ରକାଶିତ ମେଡିକାଲ ଜର୍ଣ୍ଣାଲ ଜର୍ଣ୍ଣାଲ୍ ଅଫ୍ ଇଣ୍ଟିଗ୍ରେଟିଭ୍ ମେଡିସିନ୍ ଆଣ୍ଡ ରିସର୍ଚ୍ଚ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍‌ସେସ୍ ଜର୍ଣ୍ଣାଲ୍ସରେ ସ୍ଥାନିତ ହୋଇଛି। କିମସ ଶିଶୁରୋଗ ବିଶେଷଜ୍ଞ ତଥା ଜର୍ଣ୍ଣାଲ୍ ଅଫ୍ ଇଣ୍ଟିଗ୍ରେଟିଭ୍ ମେଡିସିନ୍ ଆଣ୍ଡ ରିସର୍ଚ୍ଚର ସମ୍ପାଦକ ପ୍ରଫେସର ନିର୍ମଳ କୁମାର ମହାକୁଡ, ପୂର୍ବତନ ସମ୍ପାଦକ ପ୍ରଫେସର ପ୍ରଶାନ୍ତ ପଧାନ ଓ ସହକାରୀ ପ୍ରଫେସର ଗୀତାଚାନ୍ଦ ଆଚାର୍ଯ୍ୟ ପରିଚାଳନା ସମ୍ପାଦକଙ୍କ ମିଳିତ ପ୍ରୟାସରେ ଏହି ଜର୍ଣ୍ଣାଲଟି ପ୍ରକାଶ ପାଇବା ସହ ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍‌ସେସ୍ ଜର୍ଣ୍ଣାଲ୍ସରେ ସ୍ଥାନ ପାଇଛି। ବିଶ୍ୱସ୍ତରୀୟ ମାନ୍ୟତା ପାଇବାରେ କିମସର ଏହି ଚିକିତ୍ସା ଜର୍ଣ୍ଣାଲ ଓଡ଼ିଶାର ପ୍ରଥମ ଚିକିତ୍ସା ଜର୍ଣ୍ଣାଲ ହେବାର ଗୌରବ ଅର୍ଜନ କରିଛି।

**ବିଶ୍ୱସ୍ତରୀୟ ମାନ୍ୟତା ପାଇବାରେ ଏହା ଓଡ଼ିଶାର ପ୍ରଥମ ଚିକିତ୍ସା ଜର୍ଣ୍ଣାଲ**



ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍‌ସେସ୍ ଜର୍ଣ୍ଣାଲସ ଇଣ୍ଡେକ୍ସ ଆନ୍ତର୍ଜାତୀୟ ଦୃଶ୍ୟମାନତା, ବିଶ୍ୱସନୀୟତା ଏବଂ ବିଶ୍ୱବ୍ୟାପୀ ବିଦ୍ୱାନ, ଗବେଷକ ଏବଂ ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ମଧ୍ୟରେ ବେଶ ଆଦୃତ ହୋଇଆସିଛି। ବହୁ ବିଶେଷଜ୍ଞ ଓ ଗବେଷକ ଏଥିରୁ ବିଶେଷ ଉପକୃତ ହୋଇଥାନ୍ତି। କିମସର ଏହି ଜର୍ଣ୍ଣାଲ ଜାନୁଆରୀ ୨୦୨୩ ରେ ଏକ ତ୍ରୈମାସିକ ପ୍ରକାଶନ ଭାବରେ ଆରମ୍ଭ ହୋଇଥିଲା। ଉଚ୍ଚ ଶୈକ୍ଷିକ ତର୍ଜମା ସହିତ ଦଶଟି ନିରନ୍ତର ସଂଖ୍ୟା ସଫଳତାର ସହ ପ୍ରକାଶ କରିବା ପରେ ଏହା ଭାବରେ ଡାଇରେକ୍ଟୋରୀ ଅଫ୍ ଓପନ୍ ଆକ୍‌ସେସ୍ ଜର୍ଣ୍ଣାଲ୍ସରେ ସ୍ଥାନିତ ହେବା ପାଇଁ ଆବେଦନ କରି ଅନୁମୋଦନ ପାଇଥିଲା। ଏହି ସଫଳତା ପାଇଁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଡ. ନିର୍ମଳ ମହାକୁଡ଼ଙ୍କ ସମେତ ଜର୍ଣ୍ଣାଲର ସମ୍ପାଦନାମଣ୍ଡଳୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧ ଡଲାର...

ଏହା ୯୦.୧୩ ଟଙ୍କା ଭଳି ନିମ୍ନ ସ୍ତରକୁ ଖସିଆସିଥିଲା। ବଜାର ଖୋଲିବା ମାତ୍ରେ ମୁଦ୍ରା ମୂଲ୍ୟରେ ହୋଇଥିବା ଏହି ହ୍ରାସ ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ଝଟ୍‌କାଠାରୁ କମ୍ ନୁହେଁ। ଟଙ୍କା ମୂଲ୍ୟରେ ଏହି ହ୍ରାସ ଭାରତୀୟ ଅର୍ଥନୀତି ଉପରେ ଚାପ ବୃଦ୍ଧି କରୁଛି। ଏହା ଚିନ୍ତାର ବିଷୟ। କାରଣ ଏପରି ପରିସ୍ଥିତି ମୁଦ୍ରାସ୍ଫୀତିର ବିପଦକୁ ଆହୁରି ବଢ଼ାଇବ। ପୂର୍ବରୁ ଏପରି ହ୍ରାସ ୨୦୨୨ ରେ ଦେଖିବାକୁ ମିଳିଥିଲା। ବିଗତ କିଛି ଦିନ ଧରି ବିଶ୍ୱ ବଜାରରେ ଅନିଶ୍ଚିତତା ବୃଦ୍ଧି ପାଉଛି। ଡଲାର ମଜବୁତ ହେଉଛି। ଏପରି ପରିସ୍ଥିତିରେ, ନିବେଶକମାନେ ସୁରକ୍ଷିତ ନିବେଶ ବିକଳ୍ପ ଖୋଜୁଛନ୍ତି ଏବଂ ଡଲାର ଆଡକୁ ମୁହାଁଇଛନ୍ତି। ଏହାବ୍ୟତୀତ, ବିଦେଶୀ ନିବେଶକମାନେ ମଧ୍ୟ ଭାରତୀୟ ବଜାରରୁ ପାଣ୍ଠି ପ୍ରତ୍ୟାହାରକୁ ତ୍ୱରାନ୍ୱିତ କରିଛନ୍ତି। ଫଳସ୍ୱରୂପ, ଟଙ୍କା ଦୁର୍ବଳ ହେଉଛି ଏବଂ ଡଲାରର ଚାହିଦା ବୃଦ୍ଧି ପାଉଛି। ଟଙ୍କା ୯୦ ସ୍ତର ଅତିକ୍ରମ କରିବା ମଧ୍ୟ ବଜାର ପରିବର୍ତ୍ତନକୁ ସୂଚିତ କରୁଛି। ଆମେରିକା ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିଛି। ଏହାବ୍ୟତୀତ, ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିରେ ବିଳମ୍ବ, ଆମେରିକାର ଆର୍ଥିକ ନୀତି ଏବଂ ଆମେରିକୀୟ ଫେଡେରାଲ ରିଜର୍ଭର ସୁଧ ହାର ବିଷୟରେ ବୃଦ୍ଧି ପାଉଥିବା ଅନୁମାନ ମଧ୍ୟ ଟଙ୍କା ଉପରେ ଚାପ ବୃଦ୍ଧି କରୁଛି। ଟଙ୍କା ଦୁର୍ବଳ ହେବା କେବଳ ଆମଦାନୀ ଖର୍ଚ୍ଚ ବୃଦ୍ଧି କରୁନାହିଁ ବରଂ ପେଟ୍ରୋଲ ଏବଂ ଡିଜେଲ, ଯନ୍ତ୍ରପାତି, ମୋବାଇଲ୍ ଫୋନ୍, ଇଲେକ୍ଟ୍ରୋନିକ୍ସ ଏବଂ ବିଦେଶ ଯାତ୍ରା ମୂଲ୍ୟ ବଢ଼ାଉଛି।

### ବଢ଼ିବନି ସର୍ବନିମ୍ନ...

ବୈଠକରେ ଏହାକୁ ଅନୁମୋଦନ ମିଳିଯିବା ନେଇ ମଧ୍ୟ ଅନେକ ଆଲୋଚନା ହୋଇଥିଲା। କିନ୍ତୁ ବର୍ତ୍ତମାନ ସଂସଦର ଶୀତକାଳୀନ ଅଧିବେଶନରେ ସର୍ବନିମ୍ନ ଇପିଏଫ୍ ପେନ୍‌ସନ୍‌ରେ କୌଣସି ବୃଦ୍ଧି ହେବ ନାହିଁ ବୋଲି କେନ୍ଦ୍ର ସରକାର ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି।

### ୩ଟି ପର୍ଯ୍ୟାୟରେ...

ଦିନ ପରୀକ୍ଷା ହେବ। ଚଳିତଥର ପରୀକ୍ଷାରେ କପି ରୋକିବା ପାଇଁ ସମସ୍ତ ପରୀକ୍ଷା ହଲ୍‌ରେ ଏଆଇ ସିସିଟିଭି କ୍ୟାମେରା ସମେତ ପ୍ରଥମ ଥର ପାଇଁ ଜିଲ୍ଲା ସ୍ତରରେ ଦୁଇଟି ଲେଖାଏଁ ଫ୍ଲାଇଙ୍ଗ ସ୍କ୍ୱାଡ୍ ଗଠନ କରାଯାଇଛି। ପରୀକ୍ଷା ଶେଷ ହେବାର ୪୦ ଦିନ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତ ବର୍ଷ ପରୀକ୍ଷା ଦେବା ପାଇଁ ମୋଟ୍ ୪ ଲକ୍ଷ ୭୩୭ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି। ତନ୍ମଧ୍ୟରେ କଳାରେ ସର୍ବାଧିକ ୨ ଲକ୍ଷ ୫୬ ହଜାର ୪୩ ଜଣ ଛାତ୍ରଛାତ୍ରୀ ଥିବାବେଳେ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୨୩୮, ବାଣିଜ୍ୟରେ ୨୪,୫୩୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ପରୀକ୍ଷା ଦେବା ପାଇଁ ୫୯୨୩ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି। ଚଳିତ ଥର ପ୍ରାୟ ୨୫ ହଜାର ଏକ୍ସ-ରେଗୁଲାର୍ ପିଲା ରହିଛନ୍ତି। ଶୃଙ୍ଖଳିତ ଓ କପିମୁକ୍ତ ପରୀକ୍ଷା ପରିଚାଳନା ପାଇଁ ପ୍ରଶ୍ନପତ୍ର ହବ୍ ଏବଂ ସମସ୍ତ ପରୀକ୍ଷା କେନ୍ଦ୍ରରେ ଏଆଇ ସିସିଟିଭି କ୍ୟାମେରା ଲଗାଯାଇଛି। ପ୍ରଶ୍ନପତ୍ର ହବ୍‌ରେ ଝିଟିପିଟି ଚାଲିଲେ ମଧ୍ୟ ସିଏଚ୍‌ଏସ୍‌ଇ ମୁଖ୍ୟାଳୟକୁ ନୋଟିଫିକେସନ୍ ପହଞ୍ଚିବ। ଫଳରେ ପ୍ରଶ୍ନପତ୍ର ସୁରକ୍ଷା ଶତପ୍ରତିଶତ ସୁନିଶ୍ଚିତ ହୋଇପାରିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ଅପରପକ୍ଷରେ ପ୍ରଥମଥର ପାଇଁ ପ୍ରାକ୍ଟିକାଲ୍ ସମୟର ସିସିଟିଭି କ୍ୟାମେରା ମଧ୍ୟ ଲାଇଭ୍ ହେବ। ସିଏଚ୍‌ଏସ୍‌ଇ ମୁଖ୍ୟାଳୟରୁ ଏହାକୁ ନିୟନ୍ତ୍ରଣ କରାଯିବା ସହ ପରୀକ୍ଷାରେ ଅନିୟମିତତା ହେଉଥିବା ଧରାପଡ଼ିଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗତବର୍ଷ ୧୨୬୮ ଟି ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ଚଳିତ ବର୍ଷ ପ୍ରାୟ ୧୩୫୦ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବ। କପି ରୋକିବା ପାଇଁ ଗତବର୍ଷ ପରି ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଜିଲ୍ଲା ସ୍ତରରେ ଗୋଟିଏ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ମୃତୟନ ହେଉଥିବାବେଳଏ ଚଳିତ ଥର ଦୁଇଟି ଟିମ୍ ରହିବେ। ଜିଲ୍ଲା ମୁଖ୍ୟାଳୟରେ ରହିବା ସହ ଅଚାନକ ପରୀକ୍ଷା କେନ୍ଦ୍ର ଗସ୍ତ କରିବେ ବୋଲି ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ କହିଛନ୍ତି।

ଲିଖିତ ପରୀକ୍ଷା ସୂଚୀ ଅନୁଯାୟୀ, ପ୍ରଥମ ଦିନ ବିଜ୍ଞାନ ବିଭାଗର ଓଡ଼ିଆ ପରୀକ୍ଷା ରହିଛି। ୧୯ ତାରିଖରେ ଧନ୍ଦାମୂଳକ ପିଲାଙ୍କ ପରୀକ୍ଷା ରହିଥିବାବେଳେ ୨୦ ତାରିଖରେ କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷା ଆରମ୍ଭ ହେବ। ଆସନ୍ତା ୧୫ ତାରିଖରୁ ଛାତ୍ରଛାତ୍ରୀଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ଏନେଇ ସିଏଚ୍‌ଏସ୍‌ଇ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ବୁଧବାର ପରୀକ୍ଷା ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଛି।

### ଧାନ କିଣା...

ନାହାନ୍ତି। ସେମାନେ କେଉଁଠାରେ ଧାନ ବିକିବେ ? ଆଜିପର୍ଯ୍ୟନ୍ତ ସରକାର କେତେ ମିଲରଙ୍କୁ ମାର୍କେଟ ୟାର୍ଡ ଆଲର୍ଟ କରିଛନ୍ତି। ସରକାର ମିଲରଙ୍କଠାରୁ ବ୍ୟାଙ୍କ ଗ୍ୟାରେଣ୍ଟି ନିଅନ୍ତି। ଚଳିତ ଥର ସବୁ ମିଲରଙ୍କ ନିକଟରୁ ସରକାର ଗ୍ୟାରେଣ୍ଟି ନେଲେଣି କି? ଯେଉଁ ମିଲରଙ୍କୁ ଧାନ ଉଠାଇବାକୁ ସରକାର ଅନୁମତି ଦେଇଛନ୍ତି, ତାଙ୍କ ଗୋଦାମ ଘର ଯାଞ୍ଚ କଲେଣି କି ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। ଅନ୍ୟତମ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ଚଳିତ ଖରିଫ ପାଇଁ କେନ୍ଦ୍ର ସରକାର ୬୯ ଟଙ୍କା ଏମଏସପି ବୃଦ୍ଧି କରିଛନ୍ତି। ସେହି ହିସାବରେ ରାଜ୍ୟ ସରକାର ଧାନ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ଗୃହରେ ଦେବେ କି ନାହିଁ ସ୍ପଷ୍ଟ କରନ୍ତୁ। ଯଦି ନଦେବେ, ତାହେଲେ ଇନପୁଟ ସହାୟତା ୮୦୦ ଟଙ୍କା ବଦଳରେ ୭୩୧ ଟଙ୍କା ଦେଉଛନ୍ତି ବୋଲି ଘୋଷଣା କରନ୍ତୁ। ଆଜି ଓଡ଼ିଶାରେ ପ୍ରତ୍ୟେକ ଜିଲ୍ଲାରେ ମଣ୍ଡି ଅବ୍ୟବସ୍ଥାରେ ଚାଲିଛି। ଗତକାଲି ସୁଦ୍ଧା ପ୍ରାୟ କୌଣସି ମଣ୍ଡିରୁ ଧାନ ଉଠିନାହିଁ। କେଉଁଟି ଚାଷୀ ଆଦୌ ଟୋକନ ପାଇ ନାହାନ୍ତି, ତ କେଉଁଠି ୫ ଏକର ପାଇଁ ମାତ୍ର ୧୨ କ୍ୱିଣ୍ଟାଲର ଟୋକନ ପାଇଛନ୍ତି। ସବୁ ଆଡ଼େ ବିଭ୍ରାଟ ଚାଲିଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। କଂଗ୍ରେସ ବିଧାୟକ ଅଶୋକ ଦାସ ମଧ୍ୟ ସମାନ କଥା କହିଥିଲେ। ସବୁ ଆଡ଼େ ଏଫଏକ୍ୟୁ ମାନର ଧାନ ଯାଞ୍ଚ ପାଇଁ ମେସିନ ଉପଲବ୍ଧ ନାହିଁ। ଗତବର୍ଷ ପରି ଚଳିତ ବର୍ଷ ମନଇଚ୍ଛା କଟନୀ ଛଟନୀ ନେଇ ଚାଷୀକୂଳରେ ସନ୍ଦେହ ଜାତ ହେଲାଣି। ବହୁ ମିଲର କହୁଛନ୍ତି ଏବେ ସୁଦ୍ଧା ଗୋଦାମଘର ଖାଲି ନାହିଁ, ସେଥିପାଇଁ ସେମାନେ ଧାନ ପଠାଇ ପାରୁ ନାହାନ୍ତି। ରାଜ୍ୟ ସରକାର ୩୧୬୯ ଟଙ୍କା ଏମଏସପି ଦେବେକି ନାହିଁ ତାହା ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଥିଲେ। ଅନ୍ୟ ବିଧାୟକ ଦାଶରଥି ଗମାଙ୍ଗୋ, ପ୍ରଦୀପ ଦିଶାରୀ ପ୍ରମୁଖ ମଧ୍ୟ ଅବ୍ୟବସ୍ଥା ନେଇ ଚିନ୍ତା ପ୍ରକଟ କରିଥିଲେ।

ଶାସକ ଦଳ ପକ୍ଷରୁ ଆଲୋଚନାରେ ଭାଗ ନେଇ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଥିଲେ ଯେ ଆମ ସରକାର ଆସିବା ପରେ ଚାଷୀ ୨୪ରୁ ୪୮ ଘଣ୍ଟା ମଧ୍ୟରେ ନିଜର ପ୍ରାପ୍ୟ ପାଉଛନ୍ତି। ପୂର୍ବରୁ ଏଥିପାଇଁ ୧୫ ଦିନ ସମୟ ଲାଗୁଥିଲା। କଟନି ଛଟନୀ ପୂରା ବନ୍ଦ ହୋଇନଥିଲେ ମଧ୍ୟ ବହୁ ମାତ୍ରାରେ ହ୍ରାସ ପାଇଛି। ଗତଥର ଧାନ କ୍ରୟ ପ୍ରକ୍ରିୟାରେ ଗୋଟିଏ ବି ଟୋକନ ଲାପ୍ସ ହୋଇନଥିଲା ବୋଲି ସେ କହିଥିଲେ। ବିଧାୟକ ସନତ ଗଡତିଆ କହିଥିଲେ ଯେ ୨୦୨୩-୨୪ ଖରିଫରେ ରାଜ୍ୟରେ ପ୍ରାୟ ୪ ଲକ୍ଷ ଚାଷୀ ପଞ୍ଜୀକରଣ ସତ୍ତ୍ୱେ ନିଜର ଧାନ ବିକି ପାରି ନଥିଲେ। ମାତ୍ର ଆମ ସରକାରରେ ପ୍ରଥମ ବର୍ଷରେ ରେକର୍ଡ ୧୭.୫୦ ଲକ୍ଷ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୧୬.୬୦ ଲକ୍ଷ ଚାଷୀ ଧାନ ବିକ୍ରି କରିଥିଲେ। ଯାହା ଆମର ସୁଦୃଢ଼ ବ୍ୟବସ୍ଥାକୁ ଦର୍ଶାଉଛି। ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମଧ୍ୟ ନିଜ ସରକାରଙ୍କ ବିଭିନ୍ନ ସଫଳତା ସମ୍ପର୍କରେ ଗୃହରେ ତଥ୍ୟ ଉପସ୍ଥାପନ କରିଥିଲେ।

### ଶୀତ ସହ...

ସ୍ଥାନରେ କୁହୁଡ଼ି ବଢ଼ିବ। ବିଶେଷ କରି ୫ ଓ ୯ ତାରିଖ ରାତିରେ ଘନ କୁହୁଡ଼ି ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ସେହିପରି ପାଣିପାଗ କେନ୍ଦ୍ର ମଧ୍ୟ ଦୁଇ ଦିନ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ କୁହୁଡ଼ି ସତର୍କତା ଜାରି କରିଛି। କେନ୍ଦ୍ର କହିଛି ଯେ ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ଝାରସୁଗୁଡ଼ା, ବଲାଙ୍ଗିର ଓ ସୋନପୁରରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଘନ କୁହୁଡ଼ି ଜନିତ ୟେଲୋ ଆଲର୍ଟ ଜାରି କରିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଜି ଉଦୟଗିରିରେ ସବୁଠୁ କମ୍ ତାପମାତ୍ରା ଅର୍ଥାତ ୯.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

### ୩୧୬୯ ନୁହେଁ...

ତେବେ ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର ଏହାକୁ ଅଗଷ୍ଟ ୨୫ ତାରିଖ ଯାଏଁ ବୃଦ୍ଧି କରିଥିଲେ। ଚଳିତ ଖରିଫ ପାଇଁ ସମୁଦାୟ ୧୯.୬୮ ଲକ୍ଷ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି। ସେହିପରି ସେ ଆହୁରି ମଧ୍ୟ କହିଛନ୍ତି ଯେ ୨୦୨୪-୨୫ ଖରିଫରେ ୧ କୋଟି ୨୭ ଲକ୍ଷ ୫୮ ୯୦୦ ପ୍ଲଟରେ ମୋଟ ୫୮.୧୪ ଲକ୍ଷ ଏକର ଚାଷ ଜମିରେ ଧାନ ଚାଷ ହୋଇଥିଲା। ୨୦୨୫-୨୬ରେ ଏହା ୧ କୋଟି ୩୮ ଲକ୍ଷ ୪୭ ହଜାର ୭୯୬ ପ୍ଲଟରେ ୬୧.୬୭ ଲକ୍ଷ ଏକରକୁ ବୃଦ୍ଧି ପାଇଛି। ସେ କହିଛନ୍ତି ଯେ ରାଜ୍ୟରେ ଅଦିନିଆ ବର୍ଷା କାରଣରୁ ଧାନ ସଂଗ୍ରହ ପ୍ରକ୍ରିୟାରେ କିଛି ଦିନ ବିଳମ୍ବ ହେଲେ ମଧ୍ୟ ଏଯାବତ୍ ୫ଟି ଜିଲ୍ଲାରେ ୨ ଲକ୍ଷ ୯୪ ହଜାର ୫୬୯ଟି ଟୋକନ ଚାଷୀଙ୍କୁ ପ୍ରଦାନ କରାଯାଇଛି। ବରଗଡ଼, କଳାହାଣ୍ଡି ଓ ସମ୍ବଲପୁରରୁ ମୋଟ ୪୧୧୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଚାଷୀଙ୍କ ଧାନ ମାନ ପରୀକ୍ଷଣ ପ୍ରକ୍ରିୟାକୁ ସଠିକ୍ ଏବଂ ତ୍ୱରାନ୍ୱିତ କରିବା ପାଇଁ ୩୦୩ଟି ସ୍ୱୟଂ ଚାଳିତ କୃତ୍ରିମ ବୁଦ୍ଧିମତା ସମ୍ପନ୍ନ ମାନ ପରୀକ୍ଷଣ ଯନ୍ତ୍ର ଯୋଗାଇ ଦିଆଯାଇଛି। ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ରାଜ୍ୟ ସରକାରଙ୍କ କୃଷି କଲ୍ୟାଣ ନୀତି ଏବଂ ଇନପୁଟ ସହାୟତା ରାଶିରେ ଆକର୍ଷିତ ହୋଇ ଚଳିତ ବର୍ଷ ୨ ଲକ୍ଷ ୧୭ ହଜାର ନୂଆ କୃଷକ ଚାଷ ଆରମ୍ଭ କରିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ କକ୍ଷତ୍ୟାଗ କରିଥିଲେ।

---

**NOTICE**

By virtue of an affidavit sworn before Notary Public, Sainatala I, Bhabani Bhue, W/O - Dhaneswar Bhue resident of: Dumerbahal PO : Dharapgarh, Balangir, Odisha,767033 declare that I have changed my name from BHABANI MAJHI to BHABANI BHUE. Henceforth, I shall be known as BHABANI BHUE for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 02.12.2025 I, DHANAMATI HARIJAN, W/o - Daya Harijan, Residences of Village-Jhariguma, Po.- Jhariguma, Ps.- Tentulikhunti, Dist.-Nabarangpur, Odisha, Pin-764049, declare that I have changed the name of my Ward from **GAYATRY HARIJAN** to **PRACHI HARIJAN**. Henceforth, she shall be known as **PRACHI HARIJAN** for all purposes.

**AFFIDAVIT**

I, ROJALINI PRADHAN D/o Ramesh Pradhan, resident of At-Krishnacharanpur, PO-Gopapur, P.S- Badamba, Dist- Cuttack solemnly affirm that I have changed my name from Roji Pradhan to Rojalini Pradhan . That Roji Pradhan and Rosalini Pradhan is one and same person, who is myself. Henceforth I shall be known as **ROJALINI PRADHAN** for all purposes.

**AFFIDAVIT**

By virtue of an Affidavit before Notary Public, Malkangiri, **I, Daimati Madkami,** aged about 20 years, C/o.: Bhima Madkami, resident of Village: Namelguda, PO.: Mariwada, P.S./Dist.: Malkangiri, Odisha, declare by this Affidavit No.: 1912/2025, Dated: 03.12.2025 that I have changed my name from **Jaymati Madkami** to **Daimati Madkami**. Henceforth I shall be known as **Daimati Madkami** for all future purposes.

**AFFIDAVIT**

By virtue of an affidavit No. 6417 sworn before the Executive Magistrate Champua, on dtd-01/12/2025, I **Abu Shahma Aejaz,** S/o- Aejaz Ahmad, resident of Vill: Champua, Po- Champua, Ps-Champua, Dist- Keonjhar, Odisha, Pin- 758041, declared that I have changed my name from **Shahma Hasan** (old name) to **Abu Shahma Aejaz**. Henceforth, I shall be known as **Abu Shahma Aejaz,** S/o- Aejaz Ahmad for all future purposes.

**Abu Shahma Aejaz**

**B-793**

OFFICE OF THE SUPERINTENDING ENGINEER,GANJAM(R&B)
DIVISIONNO.I, BERHAMPUR
GOVERNMENT OF ODISHA Quotation Notice

Ltr.No,13795T — Date:1-12-2025

| | | |
|---|---|---|
| 1. | Name of the work | :i) Dismantling of different Residential Buildings in the premises of judicial colony District & Session Judge Court at Berhampur. ii) Dismantling of old Settlement office (Non-residential) building in the premises of District Session Judge Court at Berhampur. |
| 2. | Reserve Price/ Upset Price | : i) Rs. 9,36,921 /- ii) Rs. 80,830 /- |
| 3. | EMD to be Deposited (In shape as N.S.C / Post Office savings bank Account / Post office time deposit Account / Kisan Viskas Patra / Bank Guarantee) | : i) Rs. 2, 34,500 /- ii) Rs 20,500 /- |
| 4. | Period of Completion | : 1(One) Calendar Month |
| 5. | Receipt of Quotation | : From 5.12.11.2025 to 11.12.2025 up to 04.00 pm |
| 6. | Date & Time of Opening of Quotation. | : 04.30 PM of 11.12.2025 |
| 7. | Name and address of the Officer inviting Quotation | : Superintending Engineer, Ganjam (R&B) Division No.I, Berhampur. |

Sd/-
Superintending Engineer
Ganjam(R&B)Division No.I

OIPR-34109/11/0062/2526

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar on dated, 15.11.2025, I Jyostnarani Sahoo, resident At/Po Kantiokateni, Ps- Tumusinga, Dist- Dhenkanal, Odisha, PIN-759026, declare that I have changed my name from Subrat Sahoo to Jyostnarani Sahoo. Henceforth, I shall be known as JYOSTNARANI for all purposes.

**AFFIDAVIT**

By virtue of an affidavit before The Executive Magistrate, BBSR,Vide CF No-64/29.11.2025 dtd:29.11.2025. I SAKHYAM ADHIKARI aged about, 18 yrs, S/O- Babula Adhikari R/O- At/Po-Kasabassa, Via -Bamunigaon, Dist-Kandhamal, Odisha-762021 Currently residing At-Christian Sahi near Chandi Mandir Chhak, Cuttack Sadar,Dist-Cuttack, Odisha-753001 have changed my name from Sakhayam Adhikari to Sakhyam Adhikari. Henceforth I shall be known as **Sakhyam Adhikari**, S/O- Babula Adhikari for all purposes.

**B-791**

OFICE OF THE SUPERINTENDING ENGINEER,
KHORDHA (R&B) DIVISION, KHORDHA
INVITATION FOR BIDS (IFB)
E-mail: **pwdoff_khd@yahoo.com**

**Quotation Call Notice**
Quotation Bid Identification No. S.E.-KHD-(R&B)-1 / 2025-26

Letter No.6730 — Date:01-12-2025

The Superintending Engineer, Khurda (R&B) Division, Khurda on behalf of Governor of Odisha invites **Quotation rate bid** in **Single cover** system in ONLINE MODE from eligible class of contractors having valid registration certificate for execution of the Works as detailed below:

| | | |
|---|---|---|
| 1. | Nature of Work | : Electrical Works |
| 2. | No of Work | : 02Nos |
| 3. | Cost of Quotation biddocument | : Rs.6000.00(Online) |
| 4. | Class of Contractor | : Original Equipment Manufacturer (OEM)/Registered firm having experience in similar nature of work |
| 5. | Available of Quotation Bid Documents in the web site. | : From 12.00 Noon of Dt.08.12.2025 to 5.00 PM of Dt.17.12.2025 |
| 6. | Opening of Quotation Bids | : Dt.18.12.2025 at 11.30A.M |

7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any information regarding Addendum / Corrigendum / Cancellation of tender can be available in the said website.

OIPR-34095/11/0040/2526

Superintending Engineer
Khurda (R&B) Division, Khurda

**AFFIDAVIT**

By virtue of an affidavit sworn before Notary public Bhubaneswar, on dated 01.12.2025, I Saroja Kanta Samantaray permanent resident At- Gahma, Po/Ps- Mahakalpara, Dist- Kendrapara, Odisha, PIN-754224, declare that I have changed my name from Saroj Kanta Samantaray to Saroja Kanta Samantaray. Henceforth I shall be known as SAROJA KANTA SAMANTARAY for all purposes.

**AFFIDAVIT**

By virtue of an affidavit No. 6432, sworn before the Executive Magistrate, Champua on dtd-01/12/2025. I **Muntaquir Islam**, S/o- Mahamad Makim Ansari, resident of Vill- Alinagar Champua, Po/Ps- Champua, Dist- Keonjhar, Odisha, Pin-758041, declared that I have changed my name from **Muntasir Islam** (old name) To **Muntaquir Islam** (new name). Henceforth, I shall be known as **Muntaquir Islam** for all future purposes.

**Muntaquir Islam**

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 02.12.2025, I Akshaya Kumar Sandha resident At- Chitri, Po-Chitri Gobardhanpur, Sub-Dist-Sukinda, Dist- Jajpur, Odisha, PIN-755019, declare that I have changed the name of my daughter from Ankita Priyadarsini Sandha to Ankita Priyadarsani Sandha. Henceforth she shall be known as ANKITA PRIYADARSANI SANDHA for all purposes.

**Sd/- Akashya Kumar Sandha**

**AFFIDAVIT**

By virtue of an affidavit No. 11966 sworn before the Executive Magistrate Jajpur on dtd-01/12/2025. I **Najma Khanam,** aged 55 years, W/o- SK Safiulla, resident of Vill- Sona Mohalla, Po/Ps- Binjharpur, Dist- Jajpur, Odisha, Pin- 755004, declared that I have changed my name from **Najma Khatoon** (old Name) to **Najma Khanam** (new name). Henceforth, I shall be known as **Najma Khanam** for all future purposes.

**Najma Khanam**

**ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ,ଓଡଗାଁ ବନାଞ୍ଚଳ, ଓଡଗାଁ**
**Office of the Forest Range Officer, Odagaon Range**
At/Po/PS-Odagaon, Dist-Nayagarh
Email ID:- roodagaon204@gmail.com, Mob: 96681 08792

**ସଚେତନ ବାର୍ତ୍ତା**

- ଜଙ୍ଗଲ ଅଞ୍ଚଳରେ ଜଳୁଥିବା ସିଗାରେଟ୍ କିମ୍ବା ଦିଆସିଲି ଫିଙ୍ଗନ୍ତୁ ନାହିଁ।
- ଜଙ୍ଗଲରେ ଅଳିଆ କିମ୍ବା ଅନ୍ୟାନ୍ୟ ସାମଗ୍ରୀ ଜାଳିବା ଏଡ଼ାନ୍ତୁ।
- ଗ୍ରୀଷ୍ମ ଋତୁରେ ନିଆଁକୁ ଜଙ୍ଗଲ ଅଞ୍ଚଳରୁ ନିରାପଦ ଦୂରତାରେ ରଖନ୍ତୁ।
- ଜଙ୍ଗଲ ନିକଟସ୍ଥ ଥିବା ଗୁଣ୍ଡପାଳରେ ନିଆଁ ଲଗାନ୍ତୁ ନାହିଁ ।
- ଯେକୌଣସି ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଲେ ତୁରନ୍ତ ନିଆଁକୁ ଲିଭାଇବାକୁ ଚେଷ୍ଟା କରିବ ସହିତ ନିକଟସ୍ଥ ବନ କାର୍ଯ୍ୟାଳୟକୁ (୦୬୭୫୩-୨୯୬୫୨୦) ଯୋଗାଯୋଗ କରନ୍ତୁ।

ବନାଞ୍ଚଳ କାର୍ଯ୍ୟାଳୟ,
ଓଡଗାଁ, ନୟାଗଡ

**NOTIFIED AREA COUNCIL**
ODAGAON, Dist.- NAYAGARH
PIN-752081
Phone No. 06753 -260062

ବିଜ୍ଞାପିତ ଅଞ୍ଚଳ ପରିଷଦ
ଓଡଗାଁ, ଜିଲ୍ଲା- ନୟାଗଡ
ପିନ : ୭୫୨୦୮୧
ଦୂରଭାଷ : ୦୬୭୫୩-୨୬୦୦୬୨

E-Mail ID : nacodagaon@gmail.com

**ସର୍ବସାଧାରଣ ସୂଚନା**

ଓଡଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ, ଓଡଗାଁ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ରଖି ସୁସ୍ଥ ରହିବାରେ ସହଯୋଗ କରନ୍ତୁ ।

୧. ଘରୁ କିମ୍ବା ବ୍ୟବସାୟ ପ୍ରତିଷ୍ଠାନରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକ ପୃଥକ କରି ନୀଳ ଓ ସବୁଜ ଡଷ୍ଟବିନରେ ରଖନ୍ତୁ ଏବଂ ଏନ.ଏ.ସି. ଦ୍ୱାରା ଅଳିଆ ସଂଗ୍ରହ ନିମନ୍ତେ ଘର ଦୁଆରକୁ ଆସୁଥିବା ସଫେଇ ଗାଡିରେ ଦିଅନ୍ତୁ ।
୨. ବେଆଇନ ଗୃହ ନିର୍ମାଣ ନକରି ଏନ.ଏ.ସି. କାର୍ଯ୍ୟାଳୟରେ ମଞ୍ଜୁର (Building Plan Approval) କରି କରାନ୍ତୁ । ଗୃହ ନିର୍ମାଣ ନିମନ୍ତେ ବାଲି, ଗୋଡି, ଇଟା, ପଥର, ମାଟି ଆଦି ରାସ୍ତାରେ ଜମା କରନ୍ତୁ ନାହିଁ ଏବଂ ଗୃହର ଭଗ୍ନାବଶେଷ ଯଥା- ଭଙ୍ଗା ଇଟା, ମାଟି, କଂକ୍ରିଟ ଖଣ୍ଡ ଆଦି ରାସ୍ତାରେ ପକାନ୍ତୁ ନାହିଁ । ଏଗୁଡ଼ିକର ସୁପରିଚାଳନା ପାଇଁ ପରିଷଦରେ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କଦେଇ ପ୍ରକ୍ରିୟାକରଣ କେନ୍ଦ୍ରକୁ ପଠାନ୍ତୁ ।
୩. ଗୃହରେ ପାଇଖାନା ସହିତ ସେପ୍ଟିକ ଟାଙ୍କି କରନ୍ତୁ । ନିୟମିତ ବ୍ୟବଧାନରେ ସେପ୍ଟିକ ଟାଙ୍କିକୁ ଏନ.ଏ.ସି.ର ମଇଳା ସଂଗ୍ରହ ଗାଡି ଦ୍ୱାରା ସଫା କରନ୍ତୁ ।
୪. ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ବର୍ଜନ କରନ୍ତୁ ।
୫. ବିବାହ, ବ୍ରତ, ଗୃହ ପ୍ରତିଷ୍ଠା ଆଦି ଉତ୍ସବରୁ ବାହାରୁଥିବା ଆବର୍ଜନାକୁ ଏଣେତେଣେ ନପକାଇ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କଦେଇ ଏନ.ଏ.ସି.ର ସମ୍ପଦ କେନ୍ଦ୍ରକୁ ପଠାନ୍ତୁ ।
୬. ଏନ.ଏ.ସି.ଦ୍ୱାରା ଧାର୍ଯ୍ୟ ହୋଇଥିବା ଟିକସ ଯଥା- ହୋଲଡିଙ୍ଗ ଟିକସ, ଟ୍ରେଡ ଲାଇସେନ୍ସ , ୟୁଜର ଫୀ ବା ବ୍ୟବହାରିକ ଶୁଳ୍କ, ବିବାହ ପଞ୍ଜୀକରଣ ଆଦି ନିୟମିତ ତଥା ସଠିକ ସମୟରେ କରନ୍ତୁ ।
୭. ନିଜର ଗୃହପାଳିତ ପଶୁକୁ ରାସ୍ତାରେ ଏଣେତେଣେ ନଛାଡି ନିଜ ହେପାଜତରେ ରଖନ୍ତୁ ଓ ଏଥିଲାଗି ହେଉଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାକୁ ରୋକନ୍ତୁ ।

ସ୍ୱା/-
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡଗାଁ

**ପୌର ପରିଷଦ, ନୟାଗଡ଼**

ସ୍ୱଚ୍ଛ ଭାରତ — ଦୁଇ ପାଦ ସ୍ୱଚ୍ଛତା ଆଡ଼କୁ...

**ଆସନ୍ତୁ ସହଯୋଗ କରିବା ଆମ ସହରକୁ ସୁନ୍ଦର ଓ ସ୍ୱଚ୍ଛ ରଖିବା**

**ସହରବାସୀ ସମସ୍ତେ ମିଳିମିଶି ନୟାଗଡ଼ ସହରକୁ ସରସ ସୁନ୍ଦର କରିବା ପାଇଁ ନିମ୍ନଲିଖିତ ସ୍ୱଚ୍ଛତା ଏବଂ ନୀତିନିୟମକୁ ମାନି ଚଳିବା**

୧. ପ୍ରତିଦିନ ଘରୁ ବାହାରୁଥିବା ଅଳିଆ ବା ବର୍ଜ୍ୟବସ୍ତୁକୁ ପୃଥକୀକରଣ ଭାବରେ 'ଡଷ୍ଟବିନ'ରେ ରଖି ନିୟମିତ ଯାଉଥିବା ସଫେଇ ଗାଡିରେ ଦିଅନ୍ତୁ ।
୨. ଗୃହପାଳିତ ପଶୁ ଓ ଗାଈଗୋରୁଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ । ରାସ୍ତାକଡରେ ମାଛ, ମାଂସ ଦୋକାନ କରି କାଟନ୍ତୁ ନାହିଁ ।
୩. ସହରରେ ଥିବା ଡ୍ରେନଗୁଡ଼ିକୁ ଅବରୋଧ କରନ୍ତୁ ନାହିଁ, ଡ୍ରେନ ଭିତରକୁ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ଓ ପୋଖରୀଗୁଡ଼ିକୁ ସଫା ସୁତରା ରଖନ୍ତୁ ।
୪. ପୌର ପରିଷଦରେ ଘର କରିବା ପାଇଁ ପ୍ଲାନ୍ ଆପ୍ରୁଭାଲ କରାଇ ନିଅନ୍ତୁ ଏବଂ Holding Tax ଠିକ ସମୟରେ ପଇଠ କରନ୍ତୁ । ମ୍ୟୁନିସିପାଲିଟିର ସମସ୍ତ ସୁବିଧା ସୁଯୋଗ ପାଇବା ପାଇଁ SUJOG App କୁ ବ୍ୟବହାର କରନ୍ତୁ ।
୫. ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ନିୟମିତ ଭାବେ ଟ୍ରେଡ ଲାଇସେନ୍ସ ପଞ୍ଜୀକୃତ କରାଇ ନିଅନ୍ତୁ ଓ ପ୍ରତିବର୍ଷ ନବୀକରଣ କରନ୍ତୁ ।
୬. ନିଜ ଘରେ ଥିବା ପାଇଖାନା ଟାଙ୍କିକୁ ୩ ବର୍ଷରେ ଥରେ ସଫା କରନ୍ତୁ । ପୌରସଂସ୍ଥା ଦ୍ୱାରା ତାଲିମ ପ୍ରାପ୍ତ GARIMA ସଫେଇ କର୍ମଚାରୀଙ୍କ ଦ୍ୱାରା ସଫା କରାନ୍ତୁ ।
୭. ଘରକାମ କରିବା ସମୟରେ ଇଟା, ମାଟି, ପଥର, ଗୋଡ଼ି ଓ ବାଲି ଇତ୍ୟାଦି ଜମା କରି ସର୍ବସାଧାରଣ ରାସ୍ତାକୁ ଅବରୋଧ କରନ୍ତୁ ନାହିଁ ।

ଶ୍ରୀଯୁକ୍ତ ଗୁରୁ ପ୍ରସାଦ ଜେନା — ଉପାଧ୍ୟକ୍ଷ
ଶ୍ରୀମତୀ ନିରୁପମା ଖଟେଇ — ପୌରାଧ୍ୟକ୍ଷା

ଓ ସମସ୍ତ କାଉନସିଲର ବୃନ୍ଦ, ପୌର ପରିଷଦ, ନୟାଗଡ଼

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-03/12/2025. I, **Nani Bagarti** (new name), W/o Late Baisakhu Bagarti, permanent resident of AT: Suagpur, PO: Siker, PS: Titilagarh, DIst: Balangir, PIN: 767033, Odisha declare that I have changed my name from **Urmila Bagarti** to **Nani Bagarti.** Henceforth, I shall be known as **Nani Bagarti** (new name) for all purposes.

**Nani Bagarti**

# ଘନେଇଲା ଆନ୍ଦୋଳନ, ୫ରେ ଦୁଲୁକିବ ଲୋୟର ପିଏମ୍‌ଜି

**ପଦ୍ମପୁର, ୩।୧୨(ସମିସ)**

ରାଜ୍ୟ ଶିକ୍ଷକ ମହାସଂଘର ଷ୍ଟିୟରିଂ କମିଟି ସଦସ୍ୟ, ଜିଲ୍ଲା ସଂଘ ତଥା ରାଜବୋଡାସମ୍ବର ବ୍ଲକ ଶିକ୍ଷକ ସଂଘର ପରାମର୍ଶ ଦାତାଙ୍କ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ ତଥା ସଭାପତି ହେମନ୍ତ ଛୁରାଙ୍କ




ନେତୃତ୍ୱରେ ସ୍ଥାନୀୟ ରାଜବୋଡାସମ୍ବର ବ୍ଲକ ଶିକ୍ଷାଅଧିକାରୀଙ୍କୁ ଗଣଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ତଥା ସ୍କୁଲ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ୨ ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ କରାଯାଇଛି। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ବିରୋଧୀ ଦଳର ନେତା ମୋହନ ମାଝୀ ୨୦୨୨ରେ ମସିହାରେ ବିରୋଧୀ ଦଳରେ ଥିଲାବେଳେ ଧାରଣା ସ୍ଥଳକୁ ଆସି ପ୍ରାଥମିକ ଶିକ୍ଷକ ମାନଙ୍କର ଦରମା ଅସଂଗତି ଓ ସରକାରକୁ ଆସିଲେ ମାଟ୍ରିକ ସିଟିରୁ ଯୁକ୍ତ ଦୁଇ ସିଟି ପୋଷ୍ଟକୁ ଉନ୍ନୀତ କରି ମୂଳ ଗ୍ରେଡ ପେ ୪୨୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏବେ ଲୋକଙ୍କର ସରକାର ତାଙ୍କ କଥା ରଖି କଣ୍ଟ୍ରାକଚୁଆଲ ସମୟ ୬ ବର୍ଷ ୨୦୦୧ରୁ ହିସାବକୁ ନେଇ ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ନିବେଦନ ହୋଇଛି। ସରକାର ଦାବି ପୂରଣ ନକଲେ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଅଚଳ କରିବା ସହ ଅସହଯୋଗ ଆନ୍ଦୋଳନ ଦାବି ପୂରଣ ପର୍ଯ୍ୟନ୍ତ ଚାଲୁ ରଖିବାକୁ ରାଜ୍ୟ ମହାସଂଘର ନିଷ୍ପତ୍ତିକୁ ତୀବ୍ର କରିବାକୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପତ୍ର ପ୍ରଦାନ ସମୟରେ ସମ୍ପାଦକ ଅଶୋକ ସାହୁ ବିବରଣୀ ପାଠ କରିଥିଲେ। ସଂଗଠନ ସମ୍ପାଦିକା ମମତା ମିଶ୍ର, କୋଷଧ୍ୟକ୍ଷ ମନୋଜ ସାହୁ, ପ୍ରେମସାଗର ପ୍ରଧାନ, ଚଣ୍ଡୀପ୍ରସାଦ ଭୋଇ, ସଞ୍ଜୀବ ବାରିକ, ନେତ୍ରାନନ୍ଦ ସାହୁ, ଆଶିଷ ବୈକାର, ଦେବାନନ୍ଦ ତୁରିଆ, ସୁରେଶ ଚୌହାନ, ନୀଳାଦ୍ରି ମଣ୍ଡଳୀ ନାୟକ, ପ୍ରମୁଖ ବହୁ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକାରୀ କମିଟି ସଦସ୍ୟ, କ୍ଲଷ୍ଟର ପ୍ରତିନିଧି ସାମିଲ ହୋଇଥିଲେ।

## ଆନ୍ଦୋଳନକୁ ଓହ୍ଲାଇବ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ



**ଅମ୍ବାଭୋନା, ୩।୧୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୨ ଦଫା ଦାବି ନେଇ ଆସନ୍ତା ଡିସେମ୍ବର ୫ ତାରିଖରେ ହେବାକୁ ଥିବା ଆନ୍ଦୋଳନ ପାଇଁ ଅମ୍ବାଭୋନା ବ୍ଲକ୍ ଏନ୍‌ପିଏସ ଶିକ୍ଷକ ସଂଘର ସଭାପତି ସ୍ୱାଧୀନ ସାହୁଙ୍କ ସହ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ବିଇଓ ଅମ୍ବାଭୋନାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ଅଦ୍ୟାବଧି କୌଣସି ଦାବି ପୂରଣ କରି ନ ଥିବାରୁ ଅମ୍ବାଭୋନା ବ୍ଲକ୍‌ର ସମସ୍ତ ଏନ୍‌ପିଏସ ଶିକ୍ଷକ ଶିକ୍ଷୟିତ୍ରୀ ଆସନ୍ତା ଡିସେମ୍ବର ୫ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ୨୦୦୧ରୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଠିକା କାର୍ଯ୍ୟକାଳକୁ ଗଣନା କରିବା ସହ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ ଆଦି ଦାବି ଉପସ୍ଥାପନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସନ୍ତୋଷ ମାଝୀ, ଦୁଖ ନାଶନ ପ୍ରଧାନ, କେଦାର ନାଏକ, ରମେଶ ଚନ୍ଦ୍ର ପଟେଲ, ଶ୍ୟାମ ଚରଣ ନାଏକ, ଚୌଧୁରୀ ପାତ୍ର, ବଳରାମ ଦରଦ ମେଘ, ପରମେଶ୍ୱର ରଥ, ରୋହିତ ଭୁଏ, ରାମେଶ୍ୱର ଭୁଏ, ବୁଲୁ ବିଶ୍ୱାଲ, ସିଦ୍ଧାର୍ଥ ପ୍ରଧାନ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ସମାଜସେବୀ ସଂଘ ପକ୍ଷରୁ ଶୀତ ବସ୍ତ୍ର ବଣ୍ଟନ

**ବରଗଡ଼, ୩।୧୨(ସମିସ):** ବିଗତ ଦୁଇ ଦିନ ଧରି ଜିଲ୍ଲା ସମାଜସେବୀ ସଂଘ ତରଫରୁ ଏକ ନିଆରା କାର୍ଯକ୍ରମ ଚାଲୁ ରହିଥିଲା। ନୂଆଁ ଓ ପୁରୁଣା ଶୀତ ବସ୍ତ୍ର ସହିତ ଅନ୍ୟାନ୍ୟ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରା ଯାଇଥିଲା। ୨୯ ତାରିଖ ସକାଳେ କାର୍ଯ୍ୟକ୍ରମକୁ ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ଶୁଭାରମ୍ଭ କରିଥିଲେ। ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ନିମାଇଁ ଚରଣ ମହାପାତ୍ର, ରୀନା ମହାପାତ୍ର, ଅକ୍ରୁର ମଲ୍ଲିକ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ସାହୁ, ସମାଜସେବୀ ରାଜୁ ମହାନନ୍ଦ, ସଞ୍ଜୀବ ମେହେର, ସମ୍ବିଧାନ ସୁରକ୍ଷା ମଞ୍ଚର ସଭାପତି ପବିତ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସମାଜସେବୀ ସଂଘର ପ୍ରତିଷ୍ଠାତା ତଥା ରାଜ୍ୟ ସମାଜସେବୀ ସଂଘ ଓଡ଼ିଶାର ରାଜ୍ୟ ସଭାପତି ବଳିଷ୍ଠ ଦୁର୍ଗାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସଂଘର ସଦଶ୍ୟ ପରମେଶ୍ୱର ନାଥ, ମିଠାରାମ ସାହୁ, ମୋହନଲାଲ ଅଗ୍ରୱାଲ, ଧୀରେନ୍ଦ୍ର ପୃଷ୍ଟି, ଅଶୋକ ଅଗ୍ରୱାଲ, ରଞ୍ଜନ ସାହୁ, ଦୀପକ ଦାଶ, କୀର୍ତ୍ତି ମହାନନ୍ଦ, ରାଜେଶ ପୁରୋହିତ, ବିକ୍ରମ ଦାଶ, ଜୟନ୍ତ ଭୋଇ, ଅନିଲ ବେହେରା, ରାଜେଶ ଶର୍ମା, ଶିବ ଲୁହା, ନାରାୟଣ ସିଂ, ଆକାଶ ବାରିକ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ସମ୍ବିଧାନ ଦିବସରେ ଶୋଭାଯାତ୍ରା

**ବିଜେପୁର, ୩।୧୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ହାଇସ୍କୁଲ ପଡ଼ିଆ ଠାରେ ଅନୁସୂଚିତ ଜାତି ସରକାରୀ କର୍ମଚାରୀ ସଂଘ ବିଜେପୁର ଆୟୋଜନ କ୍ରମେ ୭୬ତମ ସମ୍ବିଧାନ ଦିବସ ଅବସରରେ ବିରାଟ ଜନସମାବେଶ ଆୟୋଜିତ ହୋଇଯାଇଛି। ବୀର ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଓ ଭାରତୀୟ ସମ୍ବିଧାନ ଗ୍ରହଣ ଦିବସ ପାଳନ ପାଇଁ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସନ୍ତୋଷ ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବହୁଜନ ବିକାଶ ଓ ସୁରକ୍ଷା ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବାବୁଲୁ ବିଭାର, ସମ୍ମାନିତ ଅତିଥି ଭାବେ ବଳରାମ ବିଭାର, ପ୍ରବୁଦ୍ଧ ଭାରତ ସଂଘର ସଭାନେତ୍ରୀ ପଦ୍ମାଳୟା ଦୀପ, ଲକ୍ଷେ ଘର ସମାଜ ସଭାପତି ଗୋଲାପ ପାଇକ, ଦଳିତ ସଂଗଠକ ବାଳକିଶୋର ଛତର, ପହଣ୍ଡି ସରପଞ୍ଚ ନବୀନ ମହାନନ୍ଦ, ଜାରିଂ ସରପଞ୍ଚ ପ୍ରଭାସିନୀ ବିଭାର, ଟି ଗଣ୍ଡପାଲି ସରପଞ୍ଚ ଦିଲିପ ଦୀପ, ସମିତି ସଭ୍ୟ ବଳରାମ ଦୀପ, ସୁରେଖା ଭୋଇ, ଜଗଦୀଶ ଲୁହା ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ବକ୍ତା ଭାବେ ଅଧାପକ ଡ.ରମେଶ ଚନ୍ଦ୍ର ମହାନନ୍ଦ ବୀର ବିର୍ସା ମୁଣ୍ଡାଙ୍କ ଅଦମ୍ୟ ଆନ୍ଦୋଳନ ଓ ଆଦିବାସୀ ଅଧିକାର ସୁରକ୍ଷା ପାଇଁ କରିଥିବା ତ୍ୟାଗର କଥା ସ୍ମରଣ କରିଥିଲେ। ଏହାସହ ସମ୍ବିଧାନ ପ୍ରଣେତା ଡ.ଆମ୍ବେଦକରଙ୍କ ଜୀବନ ଦର୍ଶନ, ସେମାନଙ୍କର ସାମାଜିକ ସୁଧାର ଅଭିଯାନ ଉପରେ ଅତିଥି ଗଣ ମତବ୍ୟକ୍ତ କରିଥିଲେ।

## ସାର୍ବଜନୀନ ଲକ୍ଷ୍ମୀପୂଜା ମହୋତ୍ସବ ଉଦ୍‌ଯାପିତ

**ବିଜେପୁର, ୩।୧୨(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ପଡ଼ା ଗାଁରେ ୫ଦିନ ବ୍ୟାପୀ ସମାରୋହରେ ଆୟୋଜିତ ସାର୍ବଜନୀନ ୩୦ତମ ଲକ୍ଷ୍ମୀପୂଜା ମହୋତ୍ସବରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ପୂଜା ପୂର୍ଣ୍ଣାହୁତିରେ କର୍ତ୍ତା ଭାବେ ପ୍ରଦୀପ ମେହେର ଓ ସୋନାଲି ମେହେର ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ମନ୍ତ୍ରୀ ରୀତା ସାହୁ, ଡ.ରାଜେଶ ତ୍ରିପାଠୀ, ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ ମିଶ୍ର, କ୍ରୀଡା ଶିକ୍ଷକ ସାନନ୍ଦ ସେଠ ପ୍ରମୁଖ ଅତିଥି ବୃନ୍ଦ ଯୋଗ ଦେଇଥିଲେ। ଶେଷରେ ଭୁବନେଶ୍ୱରର ଚତୁର୍ଦ୍ଧାମୂର୍ତ୍ତି ଭଜନ ସନ୍ଧ୍ୟା, ପଶ୍ଚିମବଙ୍ଗର ନଟୁଆ ଡାନ୍ସ, କଳାହାଣ୍ଡିର ଦକ୍ଷିଣକାଳୀ କଳା ପରିଷଦ, ଖୋର୍ଦ୍ଧାର ମଧୁର ସଂଗୀତ, ପୁରୁଲିଆର ଛଉ, ବରପାଲିର ଲୋକନୃତ୍ୟ ଆଦି ପରିବେଷିତ ହୋଇଥିଲା। କଳାକୁଞ୍ଜର କଳାକାର, ସାଗର ମନ୍ଥନ ଓ ଲକ୍ଷ୍ମୀ ଲୀଳାରେ ଅଂଶଗ୍ରହଣ କରିଥିବା ସମସ୍ତ କଳାକାର, ସାମ୍ବାଦିକ, ସ୍ୱେଚ୍ଛାସେବୀ ପ୍ରମୁଖଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉମାକାନ୍ତ ଭୋଇ, ଅମିୟ ଭୋଇ, ଗଣେଶ ମେହେର ପ୍ରମୁଖ ସାଂସ୍କୃତିକ ମଞ୍ଚକୁ ପରିଚାଳନା କରିଥିଲେ। ସଭାପତି ଉମେଶ ମେହେର, ଉପ ସଭାପତି ଗୋପବନ୍ଧୁ ମେହେର, ସମ୍ପାଦକ ବିଶିକେଶନ ମେହେର, ସହ ସମ୍ପାଦକ ଅମୂଲ୍ୟ ବାରିକ, କୋଷାଧ୍ୟକ୍ଷ ଶାନ୍ତନୁ ମିଶ୍ର, ସହ କୋଷାଧ୍ୟକ୍ଷ ଅନନ୍ତ ପଧାନଙ୍କ ସମେତ ପୂଜା କମିଟିର ସଦସ୍ୟ ତଥା ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ଝାରବନ୍ଧ, ୩।୧୨(ସମିସ):** ଝାରବନ୍ଧ ବ୍ଲକସ୍ତରୀୟ ବଲ୍ଲ ବୈଜ୍ଞାନିକ ପ୍ରଦର୍ଶନୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବଳିଡ଼ିପା ଝାରବନ୍ଧ ଠାରେ ଶୁଭମ ପତି ବିଇଓ ଝାରବନ୍ଧଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପର୍ଶୁରାମ ପଣ୍ଡା ବିଡିଓ ଝାରବନ୍ଧ ଯୋଗଦେଇ ଥିବା ବେଳେ ଆୟୋଜକ ସମ୍ପାଦକ ଜିତେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସୁଷମା ପଟେଲ ସିଡିପିଓ ଝାରବନ୍ଧ, ସନ୍ତୋଷ ବେହେରା ଜିଲ୍ଲା ପରିଷଦ ସଭ୍ୟ ଝାରବନ୍ଧ, ଦୟାନିଧି କୈବର୍ତ୍ତ ଏବିଇଓ ଦୟାନିଧି କୈବର୍ତ୍ତ, ବିସିକେଶନ ଶତପଥୀ ଯୋଗଦେଇ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଲେଖ ଘୁଟା ତହସିଲଦାର ଝାରବନ୍ଧ ଯୋଗ ଦେଇଥିଲେ। ବ୍ଲକ ବିଜ୍ଞାନ ସମ୍ପାଦକ ଚିତ୍ତରଞ୍ଜନ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ଏବଂ ବିବରଣୀ ପଠନ କରିଥିଲେ। ଝାରବନ୍ଧ ବ୍ଲକର ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ୩୧୭ଟି ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀର ସିନିୟର ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସ୍ମିତା ପରମିତା ପ୍ରଧାନ ପ୍ରଥମ ସ୍ଥାନ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁଟୁକାର ଛାତ୍ର ଅହେମ ଭୋଇ ଦ୍ୱିତୀୟ ସ୍ଥାନ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ଭଣ୍ଡାରପୁରୀର ଛାତ୍ରୀ ଶିଖାରାଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆରଏଏ(ରା)ରେ ସରକାରୀ ଉଚ୍ଚ ବିଦ୍ୟାଳୟ ଝାରବନ୍ଧର ଛାତ୍ର ଜିତେଶ ପ୍ରଧାନ ପ୍ରଥମ ସ୍ଥାନ, ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ଡୁଙ୍ଗୁରିପାଲିର ଛାତ୍ରୀ ଶ୍ରୁତିରଣା ଦ୍ୱିତୀୟ ସ୍ଥାନ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବଳିଡ଼ିପାର ଛାତ୍ର ଦେବ ବୁଡେକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବ୍ଲକ ସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀରେ ବିଚାରକ ଭାବେ ନୂଆପଡ଼ା ଜିଲ୍ଲାରୁ ୫ ଜଣ, ରାଜବୋଡାସମ୍ବର ବ୍ଲକରୁ ୪ ଜଣ ଏବଂ ପାଇକମାଳ ବ୍ଲକରୁ ୫ ଜଣ ବିଜ୍ଞାନ ଶିକ୍ଷକ ଯୋଗ ଦେଇ ସମସ୍ତ ପ୍ରୋଜେକ୍ଟକୁ ବିଚାର କରିଥିବା ବେଳେ ଝାରବନ୍ଧ ବ୍ଲକର ସମସ୍ତ ସିଆରସିସି, ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସାମିଲ ଥିଲେ। ବିଜୟ ଦାନୀ ମଞ୍ଚ ପରିଚାଳନା କରିଥିବା ବେଳେ ଟିକେଶ୍ୱର ପ୍ରସାଦ ପଟେଲ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବରପାଲିରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

**ବରପାଲି, ୩।୧୨(ସମିସ):** ବରପାଲି ସରସ୍ୱତୀ ସଂଘ ଓ ସରସ୍ୱତୀ ଭୌତିକ ଚିକିତ୍ସା କେନ୍ଦ୍ର ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ସରସ୍ୱତୀ ସଂଘ ସମ୍ପାଦିକା ସୁନିତା ମୁଣ୍ଡଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଂଘ ଉପ ସଭାପତି ପ୍ରତିଭା ବାରିକ ଯୋଗ ଦେଇ ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପ୍ରୟାସ କରାଗଲେ ଭିନ୍ନକ୍ଷମ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳତମ ହୋଇପାରନ୍ତା ବୋଲି ମତବ୍ୟକ୍ତ କରିଥିଲେ। ପରେ ପିଲା ମାନଙ୍କୁ ନେଇ ଚିତ୍ରାଙ୍କନ, ସଫ୍ଟବଲ ଫିଙ୍ଗା ଏବଂ ୧୦୦ମି. ଦୌଡ ପ୍ରତିଯୋଗିତା ମାନ କରାଯାଇଥିଲା। ପ୍ରତିଯୋଗିତାରେ କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସଂଘ ସଦସ୍ୟା ଅଞ୍ଜଳି ପଧାନ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଶିକ୍ଷକ ପ୍ରଶାନ୍ତ ସାମଲ ଓ ପ୍ରତାପ ଚନ୍ଦ୍ର ବିଶ୍ୱାଳ, ଭୌତିକ ଚିକିତ୍ସକ ଡ. ସସୀମ ପଧାନ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ବିବେଶିଖା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଚକ୍ଷୁ ଚିକିତ୍ସା ଶିବିର

**ପାଇକମାଳ, ୩।୧୨(ସମିସ):** ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ଲୋହିତ ବାରିକ ଶିବିରର ଉଦ୍‌ଘାଟନ କରିଥିଲେ। ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁରର ଡାକ୍ତର ଓ କର୍ମଚାରୀ ଆସି ମାଗଣାରେ ଚକ୍ଷୁ ପରୀକ୍ଷା କରିଥିଲେ। ଶିବିରରେ ମୋଟ ୧୮୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଯୁବ ରେଡକ୍ରସ ସଂଯୋଜିକା ପୁଷ୍ପମଞ୍ଜରୀ ପ୍ରଧାନ ଓ ଦେବାଶିଷ ଭଏନା ଶିବିର ପରିଚାଳନା କରିଥିବାବେଳେ ଅଧାପକ, ଅଧାପିକା ତଥା କର୍ମଚାରୀ ତଥା ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଗୁରୁ ଭଗବାନ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ

**ପଦ୍ମପୁର, ୩।୧୨(ସମିସ):** ପଦ୍ମପୁର ଉପଖଣ୍ଡ ଢ଼ୋଲବନ୍ଧ ଗାଁରେ ଥିବା ସଚେତନ ହେମା ଅନୁଷ୍ଠାନ ତରଫରୁ ନାଟ୍ୟଗୁରୁ ଭଗବାନ ସାହୁଙ୍କ ୨୫ ତମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ସାହୁ ମୁଖ୍ୟ ଅତିଥି, କାର୍ତିକ ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାଟ୍ୟକାର ରାଜ ସାହୁ ସଭା ପରିଚାଳନା କରିଥିଲେ। ଅନୁଷ୍ଠାନର ନୂତନ ନାଟକ 'ମାର୍ଜାରକେଶରୀ' ପାଣ୍ଡୁଲିପି ପୂଜା କରାଯାଇଥିଲା। କଣ୍ଠଶିଳ୍ପୀ ସ୍ୱପ୍ନେଶ୍ୱରୀ ସାହୁ ଓ ଆଲିଶା ସାହୁ ଗୁରୁଭକ୍ତି ଗୀତ ପରିବେଷଣ କରିଥିଲେ। ଘନଶ୍ୟାମ ଭୋଇ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆଦର୍ଶ ସାହୁ, ସଞ୍ଜୀବ ସାହୁ, ଘନଶ୍ୟାମ ସାହୁ, ସନ୍ଧ୍ୟାରାଣୀ ସୁନା, ଆରାଧ ସାହୁ, ପ୍ରିୟାଂଶି ସାହୁ, ମୁକେଶ ସାହୁ, ମହେନ୍ଦ୍ର ସାହୁ, ତାରାକାନ୍ତ ଭୋଇ, ଜୟନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଝାରବନ୍ଧରେ ଜାଲ୍ ଶିକ୍ଷକ
# ଚାକିରିରେ ଥାଇ ରେଗୁଲାର ବିଏ କରି ପ୍ରମୋସନ ଅଭିଯୋଗ

**ବରଗଡ଼, ୩।୧୨(ସମିସ):** ଶିକ୍ଷା ପ୍ରଦାନ କରାଯାଉ ଥିବା ବିଦ୍ୟାଳୟରୂପକ ମଣିଷ ଗଢ଼ା କାରଖାନାର ସୂକ୍ଷ୍ମ କାରିଗର ହେଉଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ। ଏହି ମଣିଷ ଗଢ଼ା କାରଖାନାରେ ନକଲି ଶିକ୍ଷକ ଶିକ୍ଷୟିତ୍ରୀ ଜାଲ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଖବର ବିଗତ ଦିନରେ ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ତଦନ୍ତ ପରେ କେତେକ ଜାଲ୍ ଶିକ୍ଷକ ଶିକ୍ଷୟିତ୍ରୀ ଧରାପଡ଼ିବା ପରେ ସରକାରଙ୍କୁ ଦରମା ଟଙ୍କା ଫେରସ୍ତ କରିଛନ୍ତି। କିନ୍ତୁ ଜାଲ ପ୍ରମାଣପତ୍ର ଦେଇ ଚାକିରି ହାତେଇ ଥିବା ଝାରବନ୍ଧ ବ୍ଲକର ଜାଲ୍ ଶିକ୍ଷକଙ୍କ ପ୍ରମାଣପତ୍ର ତଦନ୍ତ ପ୍ରକ୍ରିୟା ଫାଇଲ ତଳେ ପଡ଼ି ରହିଥିବା ଅଭିଯୋଗ ହୋଇଛି। ନକଲି ଶିକ୍ଷାଗତ ସିଟି, ବିଇଡି ପ୍ରମାଣପତ୍ରରେ ଚାକିରି କରି ସରକାରଙ୍କ ରାଜସ୍ୱ ହାନି କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀ କୋମଳମତି ଛାତ୍ରଛାତ୍ରୀଙ୍କୁ କିଭଳି ଶିକ୍ଷା ପ୍ରଦାନ କରୁଥିବେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତଦନ୍ତ ପାଇଁ ଚିଠି ଆସେ ତଦନ୍ତ ମଧ୍ୟ ହୁଏ ହେଲେ ଯଥା ପୂର୍ବମ ତଥା ପରମ ଅବସ୍ଥା ଦେଖିବାକୁ ମିଳେ। ଏପରିକି କେତକ ଶିକ୍ଷକ ଶିକ୍ଷୟିତ୍ରୀ ନିୟମିତ ଚାକିରିରେ ଥାଇ ବିଏ ଏବଂ ବିଇଡି ପାଠ ପଢ଼ି ପ୍ରମୋସନ ନେଇ ମୋଟା ଦରମା ନେଉଥିବା ଦେଖାଦେଉଛି। ଏପରି ସ୍ଥଳେ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ପାଠଚକ୍ର

**ବରଗଡ଼, ୩।୧୨(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟରେ ସ୍ନାତକ ଓ ସ୍ନାତକୋତ୍ତର ଓଡ଼ିଆ ଶ୍ରେଣୀର ମିଳିତ ଆନୁକୂଲ୍ୟରେ 'ଓଡିଆ ଲୀଳା ନାଟକ : ଏକ ଅଧ୍ୟୟନ' ଶୀର୍ଷକ ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତିତ୍ୱ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭାଗ ମୁଖ୍ୟ ଡ.ସରୋଜ ନାଏକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଧାପିକା ରୀନା ଧର୍ମବିନାୟକ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଗାଇସିଲାଟ ମହାବିଦ୍ୟାଳୟର ଅଧକ୍ଷ ଡ.ଜୟକେତନ ତ୍ରିପାଠୀ ଏବଂ ମାଣ୍ଡୋସିଲ୍ ମହାବିଦ୍ୟାଳୟର ଓଡ଼ିଆ ଅଧାପକ ସନ୍ତୋଷ ସିଂ ଠାକୁର ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ ଓଡ଼ିଆ ଲୀଳା ନାଟକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ଅଧାପକ ନିର୍ମଳକୁମାର ଓ ଅଧାପିକା ସୁରେଶ୍ୱରୀ ପାଣ୍ଡେ ଉପସ୍ଥିତ ଥିଲେ। ଶେଷରେ ପ୍ରାଧାପିକା ପୂର୍ଣ୍ଣିମା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ବୈଷ୍ଣବ ପାଣିଙ୍କ ରଚିତ ଏବଂ ଡ.ସରୋଜ ନାଏକଙ୍କ ନିର୍ଦ୍ଦେଶିତ ଫପ୍ରହଲ୍ଲାଦ ଚରିତ ତଥା 'ନୃସିଂହଲୀଳା' ନାମକ ଲୀଳା ନାଟକ ଜୟନ୍ତୀ ଯୁବକ ସଂଘ, ବଦେବିରାଙ୍କ ଦ୍ୱାରା ମହାବିଦ୍ୟାଳୟସ୍ଥ ଡ୍ରାମା ମଞ୍ଚରେ ମଞ୍ଚସ୍ଥ ହୋଇଥିଲା। ଅଧାପିକା ସୁରେଶ୍ୱରୀ ପାଣ୍ଡେ ମାନପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଛାତ୍ର ଚିନ୍ତାମଣି ସାହା, ଲିପୁନ ସାହୁ, ମହେଶ ବରିହା, ନିର୍ମଳ ଧରୁଆ, ଗୀତାଞ୍ଜଳି ସାହୁ, ସାଗରୀକା ଯୋଷୀ ଓ ସସ୍ମିତା ସେଠ ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ଏଡ୍‌ସ ଦିବସ






**ବରଗଡ଼, ୩।୧୨(ସମିସ):** ବିକାଶ ହାୟର ଏଜୁକେସ୍ନାଲ ଇଂଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ ଦ୍ୱାରା ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ସଚେତନତା ରାଲି ସହ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇ ହୋଇଛି। ବରାହଗୋଡା ଗାଁରେ ବିକାଶ ନର୍ସିଂ କଲେଜର ଅଧାପକ, ଅଧାପିକା, ବିଏସସି ନର୍ସିଂ ପ୍ରଥମ ସେମିଷ୍ଟାର ଓ ତୃତୀୟ ସେମିଷ୍ଟାର ଛାତ୍ରଛାତ୍ରୀ ତଥା ବରାହଗୋଡା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଆଶା, ଏବଂ ଅଙ୍ଗନବାଡ଼ି କର୍ମୀଙ୍କ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ବିକାଶ ନର୍ସିଂ କଲେଜର ଅଧକ୍ଷା ଦିପାଞ୍ଜଳି ପଟେଲଙ୍କ ତତ୍ତ୍ୱାବଧାନ ଏବଂ ଅଧାପିକା ଏନ୍‌ବି ଅମିନା, ଅଧାପକ ଅଂଶୁମାନ ମିଶ୍ରଙ୍କ ସମର୍ଥନରେ ହୋଇଥିଲା।

**ଗାଇସିଲେଟ:** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଠଉମାଲ ବିରେନ୍ଦ୍ର ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ରେଡ୍‌ରିବନ୍ କ୍ଲବ୍ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଅଧକ୍ଷା ଭାବନା ସେଠଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କାଉନସିଲର ଧନେଶ୍ୱରୀ ବାରିକ ଓ ଅଧାପକ ଅଧାପିକା ସଭାରେ ମଞ୍ଚାସୀନ ଥିଲେ। କାଉନସିଲର ଧନେଶ୍ୱରୀ ବାରିକଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟରୁ ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରି ଏଡ୍‌ସ୍ ବିଷୟରେ ସଚେତନତା କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଶେଷରେ ଅଧାପକ ପରେଶ ପଟେଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ଅମ୍ବାଭୋନା:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ସ୍ଥିତ ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେଡକ୍ରସ ୟୁନିଟ ତରଫରୁ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଛି। ଭାରପ୍ରାପ୍ତ ଅଧକ୍ଷା ପ୍ରାଧାପିକା ଦମୟନ୍ତୀ ହୋତାଙ୍କ ସଭାପତିତ୍ୱରେ ଅମ୍ବାଭୋନା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଡ.ପ୍ରଶାନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଡ୍‌ସ ବିଷୟରେ ବିସ୍ତୃତ ଆଲୋଚନା କରି ଯୁବ ସମାଜକୁ ସଚେତନତା ବାର୍ତ୍ତା ଦେଇଥିଲେ। ରେଡକ୍ରସ କାଉନସିଲର ସୁରଜ ପଟେଲ ଓ ବିଦ୍ୟାଳୟରେ ଜୟନ୍ତ ବାରିକ ଏଡ୍‌ସ ବାର୍ତ୍ତା ରଖିଥିଲେ। ସଭାକୁ ଅଧାପକ ପ୍ରଶାନ୍ତ ସାହୁ ପରିଚାଳନା କରିଥିବା ବେଳେ ଅଧାପିକା ଅନୁପମା ପ୍ରଧାନ ସହଯୋଗ କରିଥିଲେ। ଅଧାପକ କିଶନ ଅଗ୍ରୱାଲ, ଭାରତ ବିଶି, ଚିନ୍ମୟ ପ୍ରଧାନ, ଅଧାପିକା ତାରାକାନ୍ତି ସାହୁ, ସୁଜାତା ସା, ଲିପିକା ପ୍ରଧାନ, ସୁଧାରାନୀ ବେହେରା, କୈଳାସ ସେଟ, ସୌରଭ ସହରା, ହେମସାଗର ରାଉତ, ଯୁଧିଷ୍ଠିର ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

**ଘେଁସ:** ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଘେଁସ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ପ୍ରଥମେ ଏଡ୍‌ସ ସଚେତନତା ରାଲି ଆୟୋଜିତ ହେଲା। ରାଲି ପରେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଲା। କାର୍ଯ୍ୟକ୍ରମରେ ସଭାପତିତ୍ୱ ଅଧକ୍ଷ ପ୍ରଣୟ ବଲ୍ଲଭ ପାଣିଗ୍ରାହୀ କରିଥିଲେ ଏବଂ ଡ.ପ୍ରସାନ୍ତ ମଟାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଡ୍‌ସ ବିଷୟରେ ସନ୍ଦେଶ ଦେଲେ। ପ୍ରବନ୍ଧ ଲିଖନ, ବକ୍ତୃତା, ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ କାର୍ଯ୍ୟକ୍ରମର ଶେଷ କରାଯାଇଥିଲା। କାର୍ଯ୍ୟକ୍ରମଟି ଯୁବରେଡ୍ କ୍ରସ୍ କାଉନ୍ସେଲର ଗୌତମ ସାମଲ ଓ ଅରୁଣ ମେହେରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

## ମତ୍ସ୍ୟଜୀବୀ ତିଅର ସମାଜର କାର୍ଯ୍ୟକାରୀ କମିଟି ବୈଠକ

**ବରଗଡ଼, ୩।୧୨(ସମିସ):** ଡୁଙ୍ଗୁରିପାଲି ଶାଖା କମିଟି ଆନୁକୂଲ୍ୟରେ, ଡୁଙ୍ଗୁରିପାଲି ସ୍ଥିତ ସାଇ ଗେଷ୍ଟ ହାଉସ ଠାରେ ପଶ୍ଚିମ ଓଡ଼ିଶା ମତ୍ସ୍ୟଜୀବୀ ତିଅର ସମାଜ ଦଶମ ମହାସଭା ନବନିର୍ବାଚିତ କାର୍ଯ୍ୟକର୍ତ୍ତା ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କାର୍ଯ୍ୟକ୍ରମ ସହିତ ମହାସଭାର ପ୍ରଥମ କାର୍ଯ୍ୟକାରୀ କମିଟି ବୈଠକ ସଭାପତି ନିତ୍ୟାନନ୍ଦ ବେହେରା, ବରଗଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ବେହେରାଙ୍କ ଦ୍ୱାରା ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରାଯାଇଥିଲା। ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀଙ୍କୁ ଅନ୍ୱେଷଣ କରି ଆର୍ଥିକ ଅନୁଦାନ ଦେବାପାଇଁ ସୂଚନା ଦିଆଯାଇଥିଲା। କୋଷାଧ୍ୟକ୍ଷ ଭୋଜପତି ବେହେରା ଡୁଙ୍ଗରିପାଲିଙ୍କ ଦ୍ୱାରା ମହାସଭା ଆୟବ୍ୟୟ ଉପସ୍ଥାପନ କରାଯାଇଥିଲା। ମହାସଭା ମୁଖ୍ୟ ଉପଦେଷ୍ଟା ଛତ୍ରପତି ବେହେରା ଜାତି ଉଦ୍ଦେଶ୍ୟରେ ମାର୍ଗଦର୍ଶନ ଦେଇଥିଲେ ଏବଂ ଉପମୁଖ୍ୟ ଉପଦେଷ୍ଟା ଗଣେଶ ବେହେରା, ବଲାଙ୍ଗିର କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ବେହେରା, ବରଗଡ଼ ଉପସଭାପତି ପ୍ରେମରାଜ ବେହେରା, ବିଜେପୁର ଉପସଭାପତି ନୱଲ କିଶୋର ବେହେରା, ଯୁଗ୍ମ ସମ୍ପାଦକ ବିଜୟ କେତନ ବେହେରା, କୁଚିପାଲି ସଂଗଠନ ସମ୍ପାଦକ ଗୌରାଙ୍ଗ ବେହେରା, ସଂଗଠନ ସମ୍ପାଦକ ଭାବଗ୍ରାହୀ ବେହେରା, ସରୋଜ ବେହେରା, କୃଷ୍ଣଚନ୍ଦ୍ର ବେହେରା, ସମୀକ୍ଷକ ସୁନୀଲ ବେହେରା, ଅଶୋକ ବେହେରା ଏବଂ ବିଭିନ୍ନ ଶାଖା କମିଟିର ନେତୃ ମଣ୍ଡଳୀ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# ଜିଲ୍ଲାସ୍ତରୀୟ ବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

**ବିଜେପୁର, ୩।୧୨(ସମିସ)**

ବରଗଡ଼ ଜିଲ୍ଲା ବିଦ୍ୟାଳୟ କ୍ରୀଡା ଅନୁଷ୍ଠାନ ଓ ବିଜେପୁର ବ୍ଲକ ବିଦ୍ୟାଳୟ କ୍ରୀଡା ଅନୁଷ୍ଠାନଙ୍କ ମିଳିତ ପ୍ରୟାସରେ ଚଳିତ ବର୍ଷ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ କ୍ରିକେଟ ଚାମ୍ପିଅନ ରେଡିଏନ୍ସ ଶିକ୍ଷାନୁଷ୍ଠାନ ବିଜେପୁର ଠାରେ ଶୁଭାରମ୍ଭ ହୋଇଯାଇଛି। ରେଡିଏନ୍ସ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଅଜିତ ମେହେରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ସରୋଜ ଭୁଏ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେପୁର ବ୍ଲକ ଅଧକ୍ଷ



ଜୟକୃଷ୍ଣ ଡନସନା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜ୍ଞ ବିଭୁଦତ୍ତ ସାହୁ, ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ.ସୁଶାନ୍ତ ମେହେର, ଜିଲ୍ଲା ସରପଞ୍ଚ ସଂଘର ସଭାପତି ସବିତା ସାହୁ, ବ୍ଲକ ଶିକ୍ଷା ଅଧିକାରୀ ବଲ୍ଲଭ ମେହେର ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ବରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୨ରୁ ଅଧିକ ଟିମ୍ ଯୋଗଦାନ କରିଛନ୍ତି। ରେଡିଏନ୍ସ ଶିକ୍ଷାନୁଷ୍ଠାନର ଗୋବିନ୍ଦ ମେହେର, ନେତ୍ରମଣି ମେହେର, ମୋହିନୀ ମେହେର, ଅଧାପକ ପ୍ରଫୁଲ୍ଲ ପଧାନ, ଡିଙ୍ଗର ବାଗ, ଆଲୋକ ପୋଡ, ସୁରେନ୍ଦ୍ର ସେଠ୍, ସଞ୍ଜୟ ପଧାନ, ରିତା ପଧାନ, ସୁପ୍ରିୟା ମେହେର, କୁମୁଦିନୀ ବାରିକ, ଆୟୁଶା ପଧାନ, ହେଲିସା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉପାଧକ୍ଷ ସଞ୍ଜୟ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗନିଆଁପାଲିରେ ଧାନମଣ୍ଡି ଉଦ୍‌ଘାଟିତ

**ଗାଇସିଲେଟ, ୩।୧୨(ସମିସ):** ଚଳିତ ବର୍ଷ ଖରିଫ ଋତୁ ପାଇଁ ଜିଲ୍ଲାରେ ୨୩୦ଟି ଧାନମଣ୍ଡିରୁ ୫୮ଟି ସୋସାଇଟି ମାଧ୍ୟମରେ ଜିଲ୍ଲା ପ୍ରଶାସନ ତରଫରୁ ଧାନ ସଂଗ୍ରହ କରିବାର ନିଷ୍ପତ୍ତି ହୋଇଛି। ବରଗଡ଼ ସବଡିଭିଜନର ମଣ୍ଡି ମାନେ ୨୮ ନଭେମ୍ବରରୁ ଖୋଲିଥିବା ବେଳେ ପଦ୍ମପୁର ଅଞ୍ଚଳରେ ମଣ୍ଡି ଗୁଡିକ ଏବେ ଖୋଲୁଛି। ଗାଇସିଲେଟ ବ୍ଲକର ଗନିଆଁପାଲି ଠାରେ ନିଜସ୍ୱ ଜମିରେ ତିଆରି ମଣ୍ଡିକୁ ପ୍ରଥମ କରି ଆଜି ଚାଷୀ ନେତା ରମେଶ ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି। ପୂର୍ବରୁ ବହୁ ଦୂରକୁ ଧାନ ବିକ୍ରି କରିବା ପାଇଁ ଚାଷୀଙ୍କୁ ଯିବାକୁ ପଡୁଥିଲା। ଏହି ବର୍ଷ ଠାରୁ ପାଖରେ ନିଜ ମଣ୍ଡି ଜରିଆରେ ଧାନ ବିକ୍ରି କରିବାକୁ ଚାଷୀ ସୁଯୋଗ ପାଇବେ। ସେଥିପାଇଁ ପ୍ରାୟ କୃଷକ ମାନଙ୍କ ଭିତରେ ଆନନ୍ଦ ଏବଂ ଉଲ୍ଲାସ ଛାଇଛି। ଏହି ଅବସରରେ ରାଜବୋଲାସମୁଦ୍ର କୃଷକ ସଂଗଠନର ସଦସ୍ୟ ଅରବିନ୍ଦ ପଣ୍ଡା, ସୋସାଇଟି ସଭାପତି ଖିରୋଦପ୍ରସାଦ ସାହୁ, ପ୍ରସନ୍ନକୁମାର, ରେବେନ୍ଦ୍ର ପଧାନ, ଧାର୍ମିକ ସାହୁ, ସରପଞ୍ଚ ପ୍ରତିନିଧି ଘନଶ୍ୟାମ ବେହେରା, ସୁଜିତ ପଧାନ, ବିବେକ ବିଶ୍ୱାଳଙ୍କ ସହିତ ସୋସାଇଟି ସଦସ୍ୟ ଏବଂ ଆରଏମସି ସଦସ୍ୟ ଉପସ୍ଥିତ ଥିଲେ।

# ଧର୍ମଘଟ ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘର ପ୍ରସ୍ତୁତି

**ପାଇକମାଳ, ୩।୧୨(ସମିସ):** ତ୍ରିଦିବସୀୟ ଧର୍ମଘଟ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ତରଫରୁ ବିଧାନସଭା ସମ୍ମୁଖରେ ଥିବା ଧର୍ମଘଟରେ ଯୋଗଦେବା ନିମନ୍ତେ ପାଇକମାଳ ବ୍ଲକ ଓଷ୍ଟା ସଂଘର ପାଇକମାଳ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପାଇକମାଳ ଓଷ୍ଟା ଉପ ସଭାପତି ସୁଶାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଶାକାନ୍ତ ରଣା, କାହ୍ନୁଚରଣ ମେହେର, ପୋର୍ଟା ମିନତୀ ଟେଟେ, ଗୋପାଳ ପ୍ରସାଦ ବେହେରା, ଉବାନୀ ଶଙ୍କର ଭୋଇ, ସୁଚିରଞ୍ଜନ ପାଳ ଓ ଫକୀର ମୋହନ ସାହୁ ପ୍ରମୁଖ ଯୋଗ ଦେଇ ଧର୍ମଘଟ ଉପରେ ଆଲୋଚନା କରିଥିଲେ। ଆସନ୍ତା ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ବିଧାନସଭା ସମ୍ମୁଖରେ ତ୍ରିଦିବସୀୟ ଧର୍ମଘଟରେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ନିଷ୍ପତ୍ତି ନିଆଗଲା। ବୈଠକ ଶେଷରେ ସନ୍ତୋଷ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଆନ୍ଦୋଳନ ପରେ ଜିଲ୍ଲା ପ୍ରଶାସନର ତ୍ୱରିତ ପଦକ୍ଷେପ

**ବରଗଡ଼, ୩।୧୨(ସମିସ)**

ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ କଳାପାଣି ମଣ୍ଡି ପରିସରରେ ଚାଲିଥିବା ଧାରଣା ସ୍ଥଳକୁ ସବକଲେକ୍ଟର ପ୍ରସନ୍ନ ପାଣ୍ଡେ ଏବଂ ଜିଲ୍ଲା ନିବନ୍ଧକ ଅଧିକାରୀ ଯୁଗଳ ଦାସ ଧାରଣାରତ ଚାଷୀ ନେତା ମାନଙ୍କ ସାଙ୍ଗରେ ଆଲୋଚନା କରିଛନ୍ତି। ସଂଗଠନର ଦାବି ମୁତାବକ ଦୀର୍ଘ ୨ ଘଣ୍ଟା ଆଲୋଚନା ପରେ କିଛି ଦାବି ପୂରଣ କରିଥିବା ବେଳେ କିଛି ଦାବି ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ସୋମବାର ସନ୍ଧ୍ୟା ଠାରୁ ବିଧିବଦ୍ଧ ଭାବେ ପି -ପାସ ବ୍ୟବସ୍ଥା ମାଧ୍ୟମରେ ପଞ୍ଜୀକୃତ ଚାଷୀଙ୍କ କଷ୍ଟ ଉପାର୍ଜିତ ସମସ୍ତ ଧାନ କିଣା ଯିବ। ଯେଉଁ ମାନେ ଚଳିତ ଖରିଫ ୨୦୨୫/୨୬ ପଞ୍ଜୀକରଣରୁ ବାଦ ପଡ଼ିଛନ୍ତି ସେମାନଙ୍କ ତାଲିକା ପ୍ରସ୍ତୁତ କରାଯାଇ ଉଚ୍ଚ ଅଧିକାରୀଙ୍କୁ ଅନୁମୋଦନ ନିମନ୍ତେ ପ୍ରଦାନ କରାଯାଇଛି। ତୁରନ୍ତ ସେମାନଙ୍କ ଧାନ ବିକ୍ରି



କାର୍ଡ କରାଯିବ। ଚଳିତ ବର୍ଷ ୫୮ଟି ସୋସାଇଟି ଜରିଆରେ ୨୩୦ଟି ଧାନ କିଣା ସ୍ଥାନ ମାଧ୍ୟମରେ ଚାଷୀଙ୍କ ଠାରୁ ସିଧାସଳଖ ଧାନ କ୍ରୟ କରିବାର ବ୍ୟବସ୍ଥା କରାଯାଇଛି। ବର୍ଦ୍ଧିତ ଧାନ କ୍ୱିଣ୍ଟାଲ ପ୍ରତି ୬୯ ଟଙ୍କାର ସହାୟକ ମୂଲ୍ୟ ବାବଦରେ ପାଇଥିବା ଅଭିଯୋଗ ସରକାରକୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯିବ। ମଣ୍ଡିରେ ଚାଷୀଙ୍କ ଧାନ ପଡ଼ିବାର ୪୮ ଘଣ୍ଟା ମଧ୍ୟରେ କ୍ରୟ କରିବାକୁ ଚେଷ୍ଟା କରାଯିବ। ଜିଲ୍ଲାର ସମସ୍ତ ଚାଷୀଙ୍କ ଧାନ ଜାନୁଆରୀ ଶେଷ ସୁଦ୍ଧା ଟୋକନ କାର୍ଯ୍ୟକାରୀ କରି ସମସ୍ତ ଧାନ କିଣା ଶେଷ କରାଯିବ ଏବଂ ଧାନର ମାନ ନିରୀକ୍ଷଣ କରିବା ପାଇଁ ମିଲର ମାନଙ୍କ ସହଯୋଗ ନିଆଯିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ପରେ ପୂଜାର୍ଚ୍ଚନା କରି, ନଡିଆ ଭାଙ୍ଗି ୪ ଜଣ ଚାଷୀ ସୁକୋମଳ ବାସ, ହିମାଂଶୁ ନାୟକ, ୟୁ ସତ୍ୟନାରାୟଣ, ୟୁ ସୁଷମାଙ୍କ ୨୬୫ କ୍ୱିଣ୍ଟାଲ ଧାନ କିଣା ଯାଇ ଗୋଦାବରୀ ଫୁଡ ପ୍ରଡକ୍ସନ ମିଲକୁ ପଠା ଯାଇଛି। ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ଉତ୍ପନ୍ନ ଭୋଇ, ଅଜିତ ଶତପଥୀ, ରମେଶ ମହାପାତ୍ର, ସୁରେଶ କର୍ଣ୍ଣ, ବିରେନ କର, କାରଣ ସାହୁ, ସୁବାସ ପଧାନ, ରବିଶଙ୍କର ପଧାନ, ବୀରବଳ ମହାକୁଡ, ରୋହିତ ପଧାନ, ବିଜୟ ପଧାନ, ସୁରେନ ସାହୁ, ଅରବିନ୍ଦ ପଣ୍ଡା, ସରୋଜ ସାହୁ, ଏକାଦସିଆ ସାହୁ, ଆଦିତ୍ୟ ଦାସ, ସିଏଚ ଭେଙ୍କଟ, ଏସସି ଶ୍ରୀନିବାସ, ପ୍ରଶାନ୍ତ ସାହୁ, ବବ୍ଲୁ ବାହାନ ସାହୁ, ସୁରେଶ ନିକେଣ୍ଟି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଧାନ ସଂଗ୍ରହ ପ୍ରକ୍ରିୟା ନିଶ୍ଚିତ ଭାବେ ସ୍ୱାଭାବିକ ହେବ ଓ ଚାଷୀ ଭାଇ ମାନଙ୍କ କିଛି ଅସୁବିଧା ହେବନି ବୋଲି ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ କହିଛନ୍ତି।

ଚିଚିଣ୍ଡା ଆଞ୍ଚଳିକ ଧନୁଯାତ୍ରା

# ମହାରାଜ କଂସ ଦ୍ୱାରା ଧନୁଯାତ୍ରା ଆୟୋଜିତ

**ଭେଡେନ, ୩।୧୨(ସମିସ):** ଭେଡେନ ବ୍ଲକ ଅଧୀନ ଚିଚିଣ୍ଡା ଗାଁର ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବର ବୁଧବାର ନବମ ସନ୍ଧ୍ୟାରେ ମହାରାଜ କଂସଙ୍କ ନଗର ପରିଭ୍ରମଣ, ଦରବାର, କୃଷ୍ଣ ବଳରାମ ମାରିବା ପାଇଁ ପାତ୍ରମନ୍ତ୍ରୀଙ୍କ ସହ ଆଲୋଚନା, ରାଜଦରବାରରେ ଦେବର୍ଷି ନାରଦଙ୍କ ପ୍ରବେଶ ଏବଂ ଧନୁଯାତ୍ରା ଆୟୋଜନ କରି କୃଷ୍ଣ ବଳରାମ ମଥୁରାକୁ ଯାତ୍ରା ଦେଖି ଆସିବାକୁ କହି ଦୁଇ ଭାଇଙ୍କୁ ନିହତ କରିବା ନେଇ ନିର୍ଦ୍ଦେଶ ଦେଇଛନ୍ତି। ମହାରାଜ କଂସ ଦ୍ୱାରା ଧନୁଯାତ୍ରାର ଆୟୋଜନ ପରେ ଦୁଇ ଭାଇଙ୍କୁ ନିମନ୍ତ୍ରଣ ଦେଇ ମଥୁରାକୁ ଆଣିବାକୁ ଅକ୍ରୁରଙ୍କୁ ମଥୁରା ପ୍ରେରଣ ଆଦି ଦୃଶ୍ୟ ଅଭିନିତ ହୋଇଥିଲା। ଏଣୁ କୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ କରିବାକୁ ଗୋପକୁ ଆସିଛନ୍ତି ପୁରାତନ ମନ୍ତ୍ରୀ ଅକ୍ରୁର। ଯମୁନା ନଦୀକୂଳରେ କୃଷ୍ଣଙ୍କ ପାଦ ଦର୍ଶନ କରିଛନ୍ତି, କୃଷ୍ଣ ବଳରାମ ସହିତ ସାକ୍ଷାତ, ନନ୍ଦ ଯଶୋଦାଙ୍କ ସହ ଭେଟ, ଦୁଇ ଭାଇଙ୍କୁ ଅକ୍ରୁର ନେଇକି ଆସୁଥିବା ବେଳେ କାନ୍ଦି କାନ୍ଦି ଭୂଇଁରେ ଲୋଟି ଯାଉଛନ୍ତି ରାଧା ଓ ଗୋପୀ ମାନେ। ଆଜି ଉଭୟ ଗୋପପୁର ଓ ମଥୁରାର ଏହି ଭାବ ମୟ କାର୍ଯ୍ୟକ୍ରମ ଦେଖିବାକୁ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା। ଆଜି ରାଜଦରବାରର ରାଜ ଅତିଥି ଭାବେ ଭେଡେନ ବ୍ଲକ ସାମ୍ବାଦିକ ଜ୍ୟୋତିରଞ୍ଜନ ମହାପାତ୍ର, ମୁକୁନ୍ଦ ଷଡଙ୍ଗୀ, ନିର୍ମଳ ମେହେର, ସମାଜସେବୀ ନରେନ୍ଦ୍ର ନାଏକ, ବଜରଙ୍ଗ ଦଳର ପୂର୍ବତନ ସଭାପତି ସୁଧୀର ବହିଦାର, ରାଜ୍ୟ ବନ ସେବାସଙ୍ଘର ସଭାପତି ଯୋଶବନ୍ତ ରନବିଡା( ଜେମସ) ପ୍ରମୁଖ ଯୋଗ ଦେଇଥିଲେ। ରାଜ ଦରବାରରେ ଆଞ୍ଚଳର ବିଭିନ୍ନ ସଂସ୍କୃତି ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମହାରାଜା କଂସ ଭୂମିକାରେ ବିଶିଷ୍ଟ କଳାକାର ହୃଷିକେଶ ଭୋଇ ଅଭିନୟ କରୁଛନ୍ତି।

# ବିକାଶ ଡିଗ୍ରୀ କଲେଜ୍‌ରେ 'ବିଶ୍ୱ କମ୍ପ୍ୟୁଟର ସାକ୍ଷରତା ଦିବସ'

**ବରଗଡ଼, ୩।୧୨(ସମିସ):** ସ୍ଥାନୀୟ ବିକାଶ ଡିଗ୍ରୀ କଲେଜରେ 'ବିଶ୍ୱ କମ୍ପ୍ୟୁଟର ସାକ୍ଷରତା ଦିବସ' ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ର.ସତ୍ୟବ୍ରତ ମିଶ୍ରଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସେଣ୍ଟର୍ ମୁଖ୍ୟ ଅରୁଣ ବାଶା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡିନ୍ (ଷ୍ଟୁଡେଣ୍ଟ ଆଫେୟାର୍) ଆର୍‌ଏସ୍‌ଭି କ୍ରିଷ୍ଣା ଏବଂ ବିଭିନ୍ନ ବିଭାଗର କୋଅର୍ଡିନେଟର ମଞ୍ଚାସୀନ ଥିଲେ। କମ୍ପ୍ୟୁଟର୍ ସାଇନ୍ସ ବିଭାଗ (ସମ୍ମାନ)ର ଛାତ୍ର ବିଶ୍ୱଜିତ୍ ମିଶ୍ରଙ୍କ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ସମ୍ବନ୍ଧିତ ସେମିନାର ଅତିଥିଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା। ମୁଖ୍ୟ ଅତିଥି ଶ୍ରୀ ବାଶା ତାଙ୍କ ଅଭିଭାଷଣରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରଚଳିତ କ୍ରେଡିଟ୍ ସିଷ୍ଟମ୍ ଏବଂ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ୨୦୨୦ର ବିଭିନ୍ନ ଦିଗ ଉପରେ ଉଦ୍‌ବୋଧନ ରଖିଥିଲେ। କୁଇଜ୍ ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀ ବିଜେତା ପରିମିତା ବିଶ୍ୱାସ ଓ ସତ୍ୟମ ମଣ୍ଡଳ ଏବଂ ରନର୍ ଅପ୍ ଓମ୍‌କାରେଶ୍ୱର ପ୍ରଧାନ ଓ କାଜଳ ସିଂଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ଶ୍ରୀ ମିଶ୍ର 'କମ୍ପ୍ୟୁଟର ଶିକ୍ଷା' ଆବଶ୍ୟକତା ବିଷୟରେ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ମିଶ୍ର ଏବଂ ଡିନ୍‌ଙ୍କ ଦ୍ୱାରା ସମସ୍ତଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଶ୍ରୀ ବାଶାଙ୍କ ଭବ୍ୟ ସମ୍ବର୍ଦ୍ଧନା କରାଯାଇଥିଲା। କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ମୃଣାଳିନୀ ମିଶ୍ର ସଂଯୋଜନା ଦାୟିତ୍ୱ ତୁଲାଇଥିବା ବେଳେ କାର୍ଯ୍ୟକ୍ରମକୁ ଛାତ୍ରୀ ଦତ୍ତାତ୍ରେ ଓ ଭାଗ୍ୟଦୀପ୍ତି ସଞ୍ଚାଳନ କରିଥିଲେ। ଅଧ୍ୟାପକ ଶ୍ରୀ ଶମ୍ଭୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ବରଗଡ଼:** ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟରେ କମ୍ପ୍ୟୁଟର ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ.କ୍ଷୀରୋଦ ପ୍ରଧାନ ଡିଜିଟାଲ ଦୁନିଆରେ ଛାତ୍ରଛାତ୍ରୀଙ୍କୁ ସାକ୍ଷରତା ଦେବାର ଆବଶ୍ୟକତା ବିଷୟରେ ଉପରେ ଉପସ୍ଥାପନ କରିଥିଲେ। ଉପାଧ୍ୟକ୍ଷ ଦୀପକ ନାୟକ ଓଡ଼ିଆ ଯୁବପିଢ଼ିଙ୍କୁ ପ୍ରଯୁକ୍ତ ସାକ୍ଷର କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। କାର୍ଯ୍ୟକ୍ରମରେ ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟର ପୁରାତନ ଛାତ୍ରମାନେ ତଥା ଆଦିତ୍ୟ ସିଂ, ସବ୍ୟସାଚି ପଣ୍ଡା, ସମ୍ବିଦ ମିଶ୍ର, କେ. ସୁନିଲ ରେଡ୍ଡି, ସଙ୍କେତ ହୋତା, ରାହୁଲ ସାହୁ ଆସି ଇଣ୍ଟରେକ୍ଟିଭ୍ ଇସେସନ, ଡେମୋନ୍‌ଷ୍ଟ୍ରେସନ୍ ଏବଂ ଡିଜିଟାଲ ସାକ୍ଷରତାକୁ ପ୍ରଚାର କରିଥିଲେ। ବିସିଏ ଶେଷ ବର୍ଷର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଛାତ୍ର ତନ୍ମୟ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିଷ୍ଣା ବିକାଶରେ ବାର୍ଷିକୋତ୍ସବ ଇଲେକ୍ଟ୍ରୋ ଉଦ୍‌ଯାପିତ

**ବରଗଡ଼, ୩।୧୨(ସମିସ):** କ୍ରିଷ୍ଣା ବିକାଶର ୨୩ ତମ ବାର୍ଷିକୋତ୍ସବ ଇଲେକ୍ଟ୍ରୋ ୨୦୨୫-୨୬ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। କ୍ରିଷ୍ଣା ବିକାଶ ସମୂହର ଡାଇରେକ୍ଟର ଡ.ସମରେନ୍ଦ୍ରନାଥ ପଣ୍ଡା ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଓ ବିକାଶ ଫାଷ୍ଟଷ୍ଟେପ୍‌ର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିବା ସହିତ ସର୍ବ ଭାରତୀୟ ସ୍ତରରେ ଛାତ୍ରଛାତ୍ରୀ କିପରି କୃତିତ୍ୱର ସହ ସଫଳତା ଅର୍ଜନ କରିଥିଲେ ତଥା ଶିକ୍ଷା ବ୍ୟତିରେକ ଅନ୍ୟାନ୍ୟ ଖେଳ, କ୍ରୀଡା, ସଙ୍ଗୀତ, ନୃତ୍ୟ କ୍ଷେତ୍ରରେ ନିଜର ଶ୍ରେଷ୍ଠ ପରାକାଷ୍ଠା ପ୍ରଦର୍ଶନ କରିଥିଲେ ସେ ବିଷୟରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ବରଗଡ଼ ପୁଲିସ ସୁପରିଣ୍ଟେଣ୍ଡେନ୍ ପ୍ରହଲ୍ଲାଦ ସାହାଇ ମୀନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଚଙ୍କିକ ଅଫିସର ସତ୍ୟନାରାୟଣ ନନ୍ଦ କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି.ମୂରଲୀ କ୍ରିଷ୍ଣାଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିଥିଲେ। କ୍ରିଷ୍ଣା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ନିଜର ମନ୍ତବ୍ୟରେ ସ୍ୱର୍ଗୀୟ ବଡ଼ବାପା ଡି.ଭେଙ୍କଟ ସତ୍ୟନାରାୟଣଙ୍କୁ ସ୍ମରଣ କରିବା ସହିତ ତାଙ୍କୁ ତ୍ୟାଗ ଓ ବଳିଦାନର ଜୀବନ୍ତ ପ୍ରତିମା ବୋଲି ପ୍ରକାଶ କରି ଗୋଟିଏ ମିନିଟ୍



ପାଇଁ ନିରବ ପ୍ରାର୍ଥନା କରିଥିଲେ। ଜେଇ, ନିଟ୍ ଓ ସିୟୁଇଟି କ୍ଷେତ୍ରରେ କ୍ରିଷ୍ଣା ବିକାଶ ଗ୍ରୁପର ସଫଳତାର ଉଚ୍ଚ ପ୍ରଶଂସା କରିଥିଲେ। କ୍ରିଷ୍ଣା ବିକାଶ ସମୂହର ଡାଇରେକ୍ଟର ଟୁ ଚେୟାରମ୍ୟାନ୍ ଲୋକେଶ ଦଶାରୀ ନିଜ ଅଭିଭାଷଣରେ ସର୍ବଭାରତୀୟ ସ୍ତରରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନର ଭାର ବହନ କରିଥିବାରୁ ତାର ଉଚ୍ଚ ପ୍ରଶଂସା କରିବା ସହିତ ପର୍ଯ୍ୟଟନ କ୍ଷେତ୍ରରେ ଡେବ୍ରିଗଡ଼ ଠାରେ ନୌଚାଳନା ମାଧ୍ୟମରେ ଜନ ସାଧାରଣଙ୍କ ମନୋରଞ୍ଜନ ଭାର କ୍ରିଷ୍ଣା ବିକାଶ ଗ୍ରୁପକୁ ପ୍ରଦାନ କରାଯାଇଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ପରେ ୧୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ମୋଟ ୩୫ଟି ନୃତ୍ୟରେ ସମ୍ବଲପୁରୀ, ଓଡିଶୀ, ଲାଭଣୀ, ଗୁଜୁରାଟୀ, ତେଲୁଗୁ ତଥା ଲୋକନୃତ୍ୟ ପରିବେଷିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଗଣ ସ୍ମୃତିଫଳକ ଓ ସାର୍ଟିଫିକେଟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ (ସିବିଏସ୍‌ସି ଏଫେୟାରସ୍ ପ୍ରଦୀପ ସାହୁ) କୃତୀ ପ୍ରତିଯୋଗୀ ମାନଙ୍କର ନାମ ଘୋଷଣା କରିଥିଲେ। ସମସ୍ତ ଅତିଥିଗଣଙ୍କୁ କ୍ରିଷ୍ଣା ବିକାଶର ପରିଚାଳନା କମିଟିର ସଦସ୍ୟମାନେ ପୁଷ୍ପଗୁଚ୍ଛ, ସ୍ମୃତିଫଳକ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ପରେ ଏମ୍‌ଡି ବିବେକ ଦଶାରୀ ସମସ୍ତ ଶିଶୁ କଳାକାର ତଥା ନୃତ୍ୟ ଶିକ୍ଷକ ପ୍ରକାଶ ପଣ୍ଡା, ଗୌତମ ରାଏ, ଶିବାନନ୍ଦ ମହାନନ୍ଦ, ରିଙ୍କୁ ସାହୁ, ସୁରଥ କୁଅଁର, ପ୍ରିତମ ପ୍ରଧାନ ଓ ସଙ୍ଗୀତ ଶିକ୍ଷକ ନବ ଦିତ, ପ୍ରତିମା ସାହୁ, ଶୈଳେଶ ସାମଲ, କଳା ଶିକ୍ଷକ କୁଶ ଭୂୟାଁ, ଅମୂଲ୍ୟ ସିକନ୍ଦର, ପ୍ରଭାତ ବେହେରା ଓ କିଶୋର କୁଅଁର ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକାଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ବିକାଶ ଇନଷ୍ଟିଚ୍ୟୁଟ୍ ଫର ସୋସିଆଲ୍ ୱେଲଫେୟାର ସ୍କୁଲର ଅଧ୍ୟକ୍ଷ ମାନଗୋବିନ୍ଦ ବ୍ରହ୍ମଚାରୀ, କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ଉପାଧ୍ୟକ୍ଷ ତଥା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶେଷରେ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

**ବରଗଡ଼, ୩।୧୨(ସମିସ)**

ଜିଲ୍ଲା ଆଇନ ସେବା ପ୍ରାଧିକରଣ ବରଗଡ଼ ପକ୍ଷରୁ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବରଗଡ଼ ସଭା ଗୃହରେ ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ବରଗଡ଼ର ସଚିବ ବିଭୁତି ଭୂଷଣ ସରକାର ଦ୍ୱାରା ଆୟୋଜିତ ଭିନ୍ନକ୍ଷମ ବିଦ୍ୟାଳୟ ମାନଙ୍କରାଜ୍ୟସ୍ତରୀୟ ପ୍ରତିଯୋଗୀତା ଗୁଡିକରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବରଗଡ଼ର ପାଞ୍ଚ ଜଣ ଛାତ୍ରଛାତ୍ରୀ ଜାଗୃତି ପଟେଲ, ମୁକେଶ ମହାପାତ୍ର, ଅଭିଷେକ ଜେନା, ବନିତା ସାହୁ ଓ ରେଣୁକା ଭୁଏଙ୍କୁ ଅତିଥିଗଣ ସମ୍ବର୍ଦ୍ଧନା ପ୍ରଦାନ ତଥା କଲ୍ୟାଣକୁ ଆଗକୁ ବଢ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ନିମନ୍ତେ ସମସ୍ତ ଅଂଶଗ୍ରହଣକାରୀ ଏବଂ ସମର୍ଥକ ମାନଙ୍କୁ ଅଧିକ ଅନ୍ତର୍ଭୂକ୍ତ କରିବା ତଥା ସୁବିଧାଜନକ ପରିବେଶ ସୃଷ୍ଟି ପାଇଁ ସରକାରଙ୍କ ତରଫରୁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରା, ବିଆରଟି ବଳରାମ ନାଗ, ବନ୍ଧପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ.ବିଶି ମଞ୍ଚାସୀନ ଥିଲେ। ବିଆର୍‌ଟି ସାଇସୁଧା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବ୍ଲକର ସିଆରସିସି ନୃପ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

**ଅମ୍ବାଭୋନା:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ଅମ୍ବାଭୋନା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ସମାରୋହ ଅବସରରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏବିଇଓ ଲାଲ ମୋହନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଡିଓ ଡ.ଲଳିତ ବାଗ, ସ୍ୱତନ୍ତ୍ର ଅତିଥି ଭାବେ ଅମ୍ବାଭୋନା ସ୍ୱାସ୍ଥ୍ୟକେନ୍ଦ୍ରର ଡ.ପ୍ରଶାନ୍ତ ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ଭୋଇ ଏବଂ ସମ୍ମାନିତ ଅତିଥି ଭାବେ ଜନତା ହାଇସ୍କୁଲ ଭୁକ୍ତାର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ ଖମାରୀ, ଅନ୍ତର୍ନିବେଶୀ ଶିକ୍ଷାର ବ୍ଲକ ସମ୍ବଳ ଶିକ୍ଷକ ରମେଶ ମେହେର ମଞ୍ଚାସୀନ ଥିଲେ। ବ୍ଲକର ବିଭିନ୍ନ ସ୍କୁଲରୁ ଆସିଥିବା ଦିବ୍ୟାଙ୍ଗ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଚାଳନାରେ ଅନ୍ତର୍ନିବେଶୀ ଶିକ୍ଷାର ବ୍ଲକ ସମ୍ବଳ ଶିକ୍ଷକ ପ୍ରିୟରଞ୍ଜନ ଦୋରା, ସ୍ୱେଚ୍ଛାସେବୀ ସ୍ୱାଧୀନ ମେହେର, ହୃଷିକେଶ ପଧାନ ଓ ପରିକ୍ଷିତ କାଉଡି, ଅମୁଲ୍ୟ ଭୋଇ, ରାଜୁ ସିଂ, ଶାନ୍ତନୁ ମିଶ୍ର, ରଞ୍ଜିତ ସାହୁ, ଶିକ୍ଷୟିତ୍ରୀ ସୌଦାମିନୀ ବାରିକ ଓ ରାଜୀ ଭୁଏ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଜନକରାମ ବାରିକ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷକ ପୁନୀରାମ ଗଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।







ନାୟକ, ଲିଗାଲ ଏଡ ଡିଫେନ୍ସ କାଉନସିଲ ବ୍ରହ୍ମସାଗର ମିଶ୍ର ଓ ଶାଶ୍ୱତ ଶର୍ମା, ବିଦ୍ୟାଳୟ ସମ୍ପାଦକ ଅରୁଣ ହୋତା, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ ପଧାନ ଓ ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନଶିକ୍ଷକ ନେପାଳ ଦୁଆନ ମଞ୍ଚାସୀନ ଥିଲେ। ଅଭୟ ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାଧିକରଣର ସଚିବ ବିଭୁତି ଭୂଷଣ ନାୟକ ମାଗଣା ଆଇନ ସହାୟତା ତଥା ଲୋକ ଅଦାଲତ ମାଧ୍ୟମରେ ମହିଳା, ଶିଶୁ, ବରିଷ୍ଠ ନାଗରିକ ତଥା ଗରିବ ଲୋକଙ୍କୁ ଦିଆ ଯାଉଥିବା ଆଇନ ସହାୟତା ସମ୍ବନ୍ଧରେ ବିଷଦ ଭାବେ ସୂଚନା ପ୍ରଦାନ ସହ ଦିବ୍ୟାଙ୍ଗ ମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ କରବା ପାଇଁ ସମସ୍ତେ ମିଳିତ ଉଦ୍ୟମ କରିବା ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। ଭୁବନେଶ୍ୱର ଠାରେ ଓଡ଼ିଶା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଦିବାକର ମାଝୀ, ସମ୍ବିଧାନ ସୁରକ୍ଷା ମଞ୍ଚ ବରଗଡ଼ ସଭାପତି ପବିତ୍ର ଦେହେରୀ ଉପସ୍ଥିତ ଥିଲେ। ଅରୁଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

**ବରଗଡ଼:** ଜିଲ୍ଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଯଦୁମଣି ଅଡିଟରୀୟମ ଠାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଯୋଗ ଦେଇଥିବା ବେଳେ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମିନା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲାପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭିନ୍ନକ୍ଷମଙ୍କ ଅଧିକାର ବୋଲି ଜିଲ୍ଲାପାଳ ଶ୍ରୀ ଗୋୟଲ କହିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଠାରୁ ଯଦୁମଣି ଅଡିଟୋରିୟମ ପର୍ଯ୍ୟନ୍ତ ସଚେତନତା ରାଲି ହୋଇଥିଲା। ଏହାପରେ ଏକ ସାଧାରଣ ସଭାରେ ଭିନ୍ନକ୍ଷମ ଖେଳାଳି ତଥା ଭିନ୍ନ ଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

**ଅତାବିରା:** ଅତାବିରା ଉଚ୍ଚ ବିଦ୍ୟାଳୟ ଅତାବିରାଠାରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ରୂପେ ଏବିଇଓ କାର୍ତ୍ତିକ ବାଗ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ହରପାଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସିଆରସିସି ରଶ୍ମିରାଣୀ ନନ୍ଦ ଏବଂ କେଶବ ଛନ୍ଦ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଏବିଡିଓ ଗୀରିନ୍ଦ୍ର ସାହୁ, ସମ୍ମାନିତ ଅତିଥି ରୂପେ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡ.ରବିନାରାୟଣ ମିଶ୍ର ଯୋଗଦାନ କରିଥିଲେ। ଏହି ଅବସରରେ ବ୍ଲକରେ କାର୍ଯ୍ୟରତ ସମସ୍ତ ଭିନ୍ନକ୍ଷମ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ହୋଇଥିବା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ମୋମେଣ୍ଟୋ ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ଅନ୍ତର୍ନୀବେଶୀ ସ୍ୱେଚ୍ଛାସେବୀ ଲକ୍ଷ୍ମୀ ନାରାୟଣ ପାତ୍ର, ଶାନ୍ତାନୁ ଧରୁଆ, ମୀନା ତାଣ୍ତି ଓ ରୋଜି ବାରିକ ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ

# ୬ରୁ ବ୍ୟାଡ୍‌ମିଣ୍ଟନ ପ୍ରିମିୟର ଲିଗ୍

**ପଦ୍ମପୁର, ୩।୧୨(ସମିସ):** ପଦ୍ମପୁର ବ୍ୟାଡମିଣ୍ଟନ ଅନୁଷ୍ଠାନ ତରଫରୁ ମୀରାଇନ ଲଜ ଠାରେ କପିଳ ଅଗ୍ରୱାଲଙ୍କ ସଭାପତିତ୍ୱରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ବାବୁଲୁ ଶେଖ, ହରିଶହଙ୍କର ସିଂହ, ଦେବାଶିଷ ପଣ୍ଡା, ରାଜା ଶେଖ, ବଂଶୀ ଅଗ୍ରୱାଲ, ମଞ୍ଚାସୀନ ଥିଲେ। ଆସନ୍ତା ୬ ଓ ୭ ତାରିଖ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ୨ ଦିନ ଧରି ଟୁର୍ଣ୍ଣାମେଣ୍ଟ ହେବ ବୋଲି ସୂଚନା ଦେଇଥିଲେ। ଓଡ଼ିଶାର ଅନେକ ଅନେକ ବଡ ବଡ ବ୍ୟାଡମିଣ୍ଟନ ଖେଳାଳି ଭାଗ ନେବାକୁ ଆସିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଏଥିରେ ନିପୁନ ସାହୁ, ମହମ୍ମଦ ଅବତାଭ, ଫିରୋଜ ଖାନ, ଆକିବ ଖାନ, ସଲ୍ଲୁ ଅବତାଭ, ରିତେଶ ସାହୁ, ସୁନୀଲ ସାହୁ, ସୁଧୀର ସାହୁ, ଅନୁକଲ୍ପ ତ୍ରିପାଠୀ, ହରେଶ ଅଗ୍ରୱାଲ, ଅପୁ ସାହୁ, ଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବାବୁଲୁ ଶେଖ ଧନ୍ୟବାଦ ଅର୍ପଣ କରିଥିଲେ।

# ଲାଞ୍ଚ ମାମଲାରେ ଶାନ୍ତନୁ ନାୟକ ଦୋଷୀ ସାବ୍ୟସ୍ତ

**ବରଗଡ଼, ୩।୧୨(ସମିସ):** ବରଗଡ଼ର ଅଶୋକା ବିଲ୍ଡକନର ଲିଆସୋନିଂ ସହାୟକ ସାନ୍ତନୁ ନାୟକଙ୍କୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଏକ ମାମଲାରେ ଜଣେ ସରକାରୀ କର୍ମଚାରୀଙ୍କ ସହ ମିଶି ଜଣେ ଜମି ମାଲିକଙ୍କ ଠାରୁ ତାଙ୍କ ଜମି ଅଧିଗ୍ରହଣ ପାଇଁ କ୍ଷତିପୂରଣ ରାଶି ବୃଦ୍ଧି କରିବା ପାଇଁ ୩୦, ୦୦୦ ଟଙ୍କା ଲାଞ୍ଚ ଦାବି କରିବା ଏବଂ ନେବା ପାଇଁ ଚାର୍ଜସିଟ୍ କରାଯାଇଥିଲା। ବରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ୩ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଏବଂ ୧୦, ୦୦୦ ଟଙ୍କା ଜରିମାନା ପାଇଁ ଦଣ୍ଡାଦେଶ ହୋଇଛି।

# 'ପହେଲା ଥଇଥାନ କର, ତାର୍ ପରେ ଉଚ୍ଛେଦ କର୍‌ବ'

**ବରଗଡ଼, ୩।୧୨(ସମିସ):** ରାସ୍ତା ପ୍ରଶସ୍ତିକରଣ ଓ ସୌନ୍ଦର୍ଯ୍ୟକରଣକୁ ପ୍ରାଧାନ୍ୟ ଦେଇ ବରଗଡ଼ରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଚାଲୁ ରହିଛି। ପୌର ପରିଷଦ ଅଧୀନ ୱାର୍ଡ ନମ୍ବର ୧୪ ମାଷ୍ଟର ଟିକ୍ରା ଗଣ୍ଡାପଡ଼ାବାସୀଙ୍କୁ ହଟେଇବା ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୋଷଣା ହୋଇଥିଲା। ଯାହାକୁ ନେଇ ପଡ଼ାବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖା ଦେଇଥିଲା। ଏହାକୁ ନେଇ ପଡ଼ାବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଯେଉଁଥିରେ ପଡ଼ାବାସୀ ସମୟ ମାଗିବା ସହ ଥଇଥାନ ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। 'ପହେଲା ଆମକୁ ଥଇଥାନ କର, ତାର୍ ପରେ ଉଚ୍ଛେଦ କର୍‌ବ' ବୋଲି କହିଥିଲେ। ଦୀର୍ଘ ୬୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଭୂମିହୀନ ମାନେ ଝୁମ୍ପୁଡି ଘର କରି ରହି ଆସୁଛନ୍ତି। ସେମାନଙ୍କ ଛୁଆ ମାନେ ଅଙ୍ଗନବାଡି ଓ ବିଦ୍ୟାଳୟରେ ପାଠ ପଢୁଛନ୍ତି। ଯଦି ସେମାନଙ୍କୁ ହଠାତ ଅଲଗା କରିଦିଆଯିବ ତେବେ ସେମାନଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିବ ବୋଲି ବସ୍ତିବାସୀ ଯୋଗେନ୍ଦ୍ର ସାଗର କହିଛନ୍ତି। ତାଙ୍କୁ ଉଚ୍ଛେଦ କରିବା ପୂର୍ବରୁ ତିନି ମାସ ସମୟ ଦିଆ ଯାଉ ଓ ଭୂମିହୀନ ବାସିନ୍ଦାଙ୍କୁ ଥଇଥାନ କରାଯାଉ ବୋଲି ଅନୁରୋଧ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ମଧୁ ଛନ୍ଦା ସାହୁଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ପରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସହ ଆଲୋଚନା କରିବା ପରେ ବର୍ତ୍ତମାନ ଘର ଉଚ୍ଛେଦ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ମିଳିବା ପରେ ଗରିବ ମାନେ ଧାରଣା ସ୍ଥଳରୁ ଓହରି ଥିଲେ।

# ୩୦ ୟୁନିଟ୍ ରକ୍ତ ସଂଗ୍ରହ

**ଭେଡେନ, ୩।୧୨(ସମିସ):** ବିଶ୍ୱ ଏଡ୍‌ସ ଦିବସ ଅବସରରେ ଭେଡେନ ସ୍ଥିତ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ପରିସରରେ ଯୁବରେଡକ୍ରସ ଓ ରେଡରିବନ କ୍ଲବ୍ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଳା ସାହୁ ଉଦ୍‌ଘାଟନ କରିଥିବା ବେଳେ ଶିବିରରୁ ୩୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବରଗଡ଼ ରକ୍ତଭଣ୍ଡାରର ଅମରଜିତ ମହାନ୍ତି, ରେବତୀକାନ୍ତ ସାହୁ, ମହେନ୍ଦ୍ର ମେହେର, କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ କର୍ମଚାରୀ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ବିନୋଦ ବିହାରୀ ଭୋଇ, ଅଧ୍ୟାପିକା ଡ.ସୁଜାତା ମେହେର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପିଏମ୍‌ଶ୍ରୀ ସରକାରୀ ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ବରଗଡ଼, ୩।୧୨(ସମିସ):** ବରଗଡ଼ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୪୭ ତମ ବାର୍ଷିକ କ୍ରୀଡା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ଏଡିଇଓ ସରୋଜ ଭୁଏ ଯୋଗ ଦେଇଥିଲେ। ଏହି ଅବସରରେ ୨୦ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ସ୍ଥାନୀୟ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ଗୀତା କୁମାରୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏଡିଇଓ ବିନୟ ସୋଏ, ବରଗଡ଼ ବିଇଓ ଡ.ସୁରେନ୍ଦ୍ର ସାହୁ ଯୋଗ ଦେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।ପରିଚାଳନାରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଆଶାରାଭେନ, ପାର୍ବତୀଗିରି ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ରଶ୍ମିରେଖା ଦାଶ, ମାଷ୍ଟ୍ର ଟିକ୍ରା କ୍ରୀଡା ପ୍ରଶିକ୍ଷକ ନିରୂପମା ବେହେରା, ମୁରୁମଖେଲ କ୍ରୀଡା ପ୍ରଶିକ୍ଷକ ସୁଧାଂଶୁ ମିଶ୍ର, କମଗାଁ କ୍ରୀଡା ପ୍ରଶିକ୍ଷକ ଗଣେଶ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ସହଯୋଗ କରିଥିଲେ।

# ମିଥ୍ୟା ଖବର ଗଣତନ୍ତ୍ର ପାଇଁ ବିପଦ: ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ମିଥ୍ୟା ଖବର ଓ ଡିପ୍‌ଫେକ ଗଣତନ୍ତ୍ର ପାଇଁ ବଡ଼ ବିପଦ ସୃଷ୍ଟି କରୁଛି। ବୁଧବାର ଲୋକସଭାରେ ଏ କଥା କହିଛନ୍ତି କେନ୍ଦ୍ର ଇଲେକଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭୁଲ ସୂଚନା ଓ ଆର୍ଟିଫିସିଆଲ ଜେନେରେଟେଡ ଡିପ୍‌ଫେକ ଯୋଗୁଁ ହିଁ ଗଣତନ୍ତ୍ର କ୍ଷତିଗ୍ରସ୍ତ ହେଉଛି। ତେଣୁ ଏହା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। କିଛି ଲୋକ ଓ ଗ୍ରୁପ୍ ସାମାଜିକ ଗଣମାଧ୍ୟମକୁ ନିଜ ଇଚ୍ଛା ଅନୁଯାୟୀ ବ୍ୟବହାର କରୁଛନ୍ତି। ସେମାନେ ଦେଶର ସମ୍ବିଧାନ କିମ୍ବା ସଂସଦ ଦ୍ୱାରା ପ୍ରଣୟନ ହୋଇଥିବା ଆଇନକୁ ପାଳନ କରିବାକୁ ଚାହାନ୍ତି ନାହିଁ ବୋଲି ମନେ ହେଉଛି। ଏହାକୁ ରୋକିବା ପାଇଁ ଓ ଏଭଳି ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଡ଼ା ଆଇନ୍ ଆଣିବା ଜରୁରୀ ବୋଲି ସେ ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ଏ ନେଇ କିଛି ଦିନ ତଳେ ନୂଆ ନିୟମ ଲାଗୁ କରାଯାଇଛି। ଏଥିରେ ୩୬ ଘଣ୍ଟା ମଧ୍ୟରେ ଭିଡିଓ ହଟାଇବାର ନିୟମ ରହିଛି। ଏଆଇ ଦ୍ୱାରା ସୃଷ୍ଟି ହେଉଥିବା ଡିପ୍‌ଫେକ୍‌ର ଚିହ୍ନଟ କରିବା ଓ ଏହା ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏକ କାର୍ଯ୍ୟ ଖସଡ଼ା ମଧ୍ୟ ଜାରି କରାଯାଇଛି। ତେବେ ଏ ନେଇ ବିଚାର ବିମର୍ଶ ଜାରି ରହିଛି ବୋଲି ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

# ଗର୍ଭବତୀ ମହିଳାଙ୍କୁ ଭାରତ ଫେରାଇ ଆଣିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶକୁ ପଠାଯାଇଥିବା ୯ ମାସର ଗର୍ଭବତୀ ସୋନାଲି ଖାତୁନ୍ ଓ ତାଙ୍କ ୮ ବର୍ଷର ପିଲାକୁ ପୁଣି ଭାରତକୁ ଫେରାଇ ଆଣିବାକୁ ସୁପ୍ରିମକୋର୍ଟ କହିଛନ୍ତି। ବେଳେବେଳେ ମାନବିକତା ଆଗରେ ଆଇନକୁ ମଧ୍ୟ ନଇଁବାକୁ ହୁଏ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି। ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟା କୋର୍ଟକୁ କହିଥିଲେ ଯେ, ସରକାର ସୋନାଲି ଓ ତାଙ୍କ ପୁଅଙ୍କୁ ଭାରତକୁ ଆସିବାକୁ ଦେବେ। ମାନବିକତାକୁ ଭିତ୍ତିକରି ଏହି ଅନୁମତି ଦିଆଯିବ। କିନ୍ତୁ ନାଗରିକତା ସହ ଜଡିତ ମାମଲାରେ ସରକାରଙ୍କ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ଆସିବ ନାହିଁ। ଉଲ୍ଲେଖଥାଉ କି, ବାଂଲାଦେଶୀ ହେବା କାରଣରୁ ସୋନାଲି ଓ ତାଙ୍କ ପରିବାରର ୫ ସଦସ୍ୟଙ୍କୁ ଗତ ଜୁନ୍‌ରେ ଦିଲ୍ଲୀରେ ଗିରଫ କରାଯାଇଥିଲା। ପରେ ଜୁନ୍ ୨୭ରେ ଏହି ପରିବାରକୁ ବାଂଲାଦେଶକୁ ପଠାଇ ଦିଆଯାଇଥିଲା। ଏବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୦ରେ ହେବ।

# ନିଜଠାରୁ ଅଧିକ ସୁନ୍ଦର ଦିଶିବାରୁ ୪ ପିଲାଙ୍କୁ ବୁଡ଼ାଇ ମାରିଲେ ମହିଳା

ପାନିପତ, ୩।୧୨(ଏଜେନ୍ସି): ହରିୟାଣା ପାନିପତର ପୁନମ ଚକିତ କଲା ଭଳି କାଣ୍ଡ ଘଟାଇଛନ୍ତି। ଦେଖିବାକୁ ତାଙ୍କଠାରୁ ଅଧିକ ସୁନ୍ଦର ହୋଇଥିବାରୁ ଇର୍ଷାନ୍ୱିତ ହୋଇ ସେ ୩ ଜଣ ଝିଅଙ୍କ ସହ ୪ ପିଲାଙ୍କୁ ହତ୍ୟା କରିଛନ୍ତି। ଏମାନଙ୍କ ମଧ୍ୟରେ ତାଙ୍କ ପୁଅ ଓ ଝିଆରୀ ମଧ୍ୟ ସାମିଲ ଅଛନ୍ତି। ପାନିପତ ପୁଲିସ୍ ବୁଧବାର ପୁନମକୁ ଗିରଫ କରିଛି। ନିଜଠାରୁ ଅଧିକ ସୁନ୍ଦର ହୋଇଥିବା ଝିଅମାନଙ୍କୁ ମହିଳା ଜଣକ ଟାର୍ଗେଟ କରୁଥିଲେ। ଏହି ୪ଜଣ ପିଲାଙ୍କ ମୃତ୍ୟୁର କାରଣ ସମାନ ହୋଇଥିଲା। ତେଣୁ ଲୋକଙ୍କ ମନରେ ପୁନମ ପ୍ରତି ସନ୍ଦେହ ସୃଷ୍ଟି ହୋଇଥିଲା। ସବୁ ପିଲାଙ୍କୁ ସେ ଭିନ୍ନ ଭିନ୍ନ ସମୟରେ ପାଣି ଟବ୍‌ରେ ବୁଡାଇ ମାରୁଥିଲା। ପ୍ରତ୍ୟେକ ପିଲାଙ୍କ ମୃତ୍ୟୁ ଘଟଣାକୁ ଦୁର୍ଘଟଣା ରୂପ ଦେବାକୁ ପ୍ରୟାସ କରୁଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ପିଲାଙ୍କୁ ମାରିବା ପରେ ସେ ଖୁସି ମନାଉଥିଲେ। ତେବେ ଶେଷ ପିଲାର ମୃତ୍ୟୁ ହେବାର ୩୬ ଘଣ୍ଟା ମଧ୍ୟରେ ମାମଲାର ପର୍ଦ୍ଦାଫାସ ହୋଇଥିଲା। ସମ୍ପୃକ୍ତ ମହିଳା ନିଜ ଦୋଷ ସ୍ୱୀକାର କରିଛି। ୨୦୨୩ରେ ସେ ନିଜ ପୁଅକୁ ମଧ୍ୟ ସମାନ ଢଙ୍ଗରେ ହତ୍ୟା କରିଥିଲା।


# ସୋନିଆ ଗାନ୍ଧୀ ନାମଥିବା ମହିଳାଙ୍କୁ ପ୍ରାର୍ଥୀ କଲା ବିଜେପି

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): କେରଳର ମୁନ୍ନାର ଜିଲ୍ଲାର ନଗର ନିଗମ ନିର୍ବାଚନ ସାରା ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ବିଜେପି ନାଥାଆନ୍ନି ୱାର୍ଡରେ ସୋନିଆ ଗାନ୍ଧୀ ନାମରେ ଜଣେ ମହିଳାଙ୍କୁ ଟିକଟ୍ ଦେବା ପରେ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କଂଗ୍ରେସ ବରିଷ୍ଠ ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପତ୍ନୀ ସୋନିଆଙ୍କ ସହ ତାଙ୍କ ନାମ ସମାନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ତେବେ ଦୁହିଁଙ୍କ ମଧ୍ୟରେ କୌଣସି ସମ୍ପର୍କ ନାହିଁ। ୩୪ ବର୍ଷୀୟ ସୋନିଆ ଗାନ୍ଧୀ ମୁନ୍ନାରରେ ରୁହନ୍ତି। କଂଗ୍ରେସ ନେତା ସୋନିଆ ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ବାପା ଦୁରେ ରାଜ୍ ଝିଅର ଏହି ନାମ ରଖିଥିଲେ। ପରେ ବିଜେପି ନେତା ସୁବାସଙ୍କ ସହ ସେ ଝିଅର ବିବାହ କରାଇଥିଲେ। ଏବେ ସୁବାସ ତାଙ୍କୁ ବିଜେପି ଟିକଟ୍‌ରୁ ନିର୍ବାଚନ ଲଢ଼ିବାର ବ୍ୟବସ୍ଥା କରାଇଛନ୍ତି।

### ବାଂଲାଦେଶ ସୀମାରୁ ଚୋରା ଚାଲାଣକାରୀ ଗିରଫ

# ୩ କୋଟିର ସୁନା ବିସ୍କୁଟ ଜବତ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ପଶ୍ଚିମବଙ୍ଗ ନଦିଆ ଜିଲ୍ଲାରେଭାରତ ଓ ବାଂଲାଦେଶ ସୀମା ନିକଟରୁ ବିଏସ୍‌ଏଫ୍ ଜଣେ ଚୋରା ଚାଲାଣକାରୀକୁ ଗିରଫ କରିଛି। ଏହି ବାଂଲାଦେଶୀ ପାଖରୁ ୩.୦୫ କୋଟି ଟଙ୍କାର ସୁନା ବିସ୍କୁଟ୍ ଜବତ କରାଯାଇଛି। ଦୁଇଜଣ ଚୋରା ଚାଲାଣକାରୀଙ୍କ ବିଷୟରେ ଗୁଇନ୍ଦା ସୂଚନା ମିଳିଥିଲା। ଉଭୟେ ଭାରତକୁ ଆସୁଥିବା ଦେଖାଯାଇଥିଲା। ଜଣେ ଧରା ପଡ଼ିଥିବାବେଳେ ଆଉ ଜଣେ ଦୌଡ଼ି ପଳାଇଥିଲା। ଧରାଯାଇଥିବା ଠକଠାରୁ ୨୦ଟି ସୁନା ବିସ୍କୁଟ୍ ଜବତ କରାଯାଇଛି ଓ ଏଗୁଡିକର ମୋଟ ଓଜନ ୨.୩୫ କେଜି ବୋଲି ଜଣାଯାଇଛି।



# ୟୁରୋପକୁ ପୁଟିନଙ୍କ ଧମକ

## ଯୁଦ୍ଧ ପାଇଁ ପ୍ରସ୍ତୁତ, ସେମାନଙ୍କ ପରାଜୟ ନିଶ୍ଚିତ

■ ଶାନ୍ତି ଚୁକ୍ତି ପାଇଁ କେହି ବଞ୍ଚିବେ ନାହିଁ
■ ୟୁକ୍ରେନ ଯୁଦ୍ଧ ନେଇ ଟ୍ରମ୍ପଙ୍କ ଜ୍ୱାଇଁଙ୍କ ସହ ପୁଟିନଙ୍କ ବୈଠକ

ମସ୍କୋ, ୩।୧୨(ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁରୋପୀୟ ଦେଶଗୁଡିକୁ କଡ଼ା ଚେତାବନୀ ଦେଇଛନ୍ତି। ଯଦି ୟୁରୋପ ଯୁଦ୍ଧ ଆରମ୍ଭ କରେ, ତେବେ ରୁଷ୍ ଏହାର କଡ଼ା ଜବାବ ଦେବ ବୋଲି ସେ କହିଛନ୍ତି। କିନ୍ତୁ ରୁଷ୍ ୟୁରୋପ ସହ ଯୁଦ୍ଧ ଚାହୁଁ ନ ଥିବା ପୁଟିନ ସ୍ପଷ୍ଟ କରିଛନ୍ତି। ଯଦି ୟୁରୋପ ଯୁଦ୍ଧ ଆରମ୍ଭ କରେ ତେବେ ମାମଲା ଏତେ ଶେଷ ହୋଇଯିବ ଯେ ଶାନ୍ତି ଚୁକ୍ତି ପାଇଁ କଥା ହେବାକୁ ବି କେହି ବଞ୍ଚିବେ ନାହିଁ। ପୁଟିନ କହିଛନ୍ତି ଯେ ରୁଷିଆ ସମ୍ପୂର୍ଣ୍ଣ କ୍ଷମତାର ସହ ୟୁକ୍ରେନରେ ଯୁଦ୍ଧ ଲଢୁନାହିଁ। ଏହି ଯୁଦ୍ଧ କେବଳ ସର୍ଜିକାଲ ଅପରେସନରେ ସୀମିତ ରହିଛି। ଯଦି ୟୁରୋପ ସହ ଯୁଦ୍ଧ ହୁଏ, ତେବେ ସମ୍ପୂର୍ଣ୍ଣ ସାମର୍ଥ୍ୟ ସହ ରୁଷ ଲଢ଼ି ଦୃଢ଼ ଜବାବ ଦେବ। ସୂଚନାଯୋଗ୍ୟ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁକ୍ରେନ ସହ ସବୁଠାରୁ ଦୀର୍ଘ ଯୁଦ୍ଧରେ ରୁଷ ଲଢ଼େଇ କରୁଛି। ଏହା ପୂର୍ବରୁ ୨୦୨୯ ସୁଦ୍ଧା ରୁଷିଆ ନାଟୋ ଉପରେ ଅକ୍ରମଣ କରିପାରେ ବୋଲି ଜର୍ମାନୀ ବିଦେଶ ମନ୍ତ୍ରୀ ଯୋହାନ ବେଡଫୁଲ୍ କହି ହଇଚଇ ସୃଷ୍ଟି କରିଥିଲେ। ତେବେ ୟୁରୋପ ଉପରେ ରୁଷିଆ କେବେ ବି ଆକ୍ରମଣ କରିବ ନାହିଁ ବୋଲି ସେତେବେଳେ ପୁଟିନ କହିଥିଲେ।

ଇତିମଧ୍ୟରେ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟ୍‌କଫ୍ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ୍ କୁଶନେର ୟୁକ୍ରେନ ଯୁଦ୍ଧକୁ ନେଇ ରୁଷ ରାଷ୍ଟ୍ରପତିଙ୍କ ସହ ୫ ଘଣ୍ଟା ଧରି ବୈଠକ କରିଛନ୍ତି। ତେବେ ଦୁଇ ପକ୍ଷ କୌଣସି ନିଷ୍କର୍ଷରେ ପହଞ୍ଚି ପାରିନାହାନ୍ତି। ତେବେ ଏହି ଆଲୋଚନା ଫଳପ୍ରଦ ଥିଲା ବୋଲି ପୁଟିନଙ୍କ ବୈଦେଶିକ ନୀତି ଉପଦେଷ୍ଟା ୟୁରୀ ଉଶାକୋଭ୍ କହିଛନ୍ତି। କିନ୍ତୁ ସହମତି ହେବାଭଳି କୌଣସି ପ୍ରସ୍ତାବ ଏପର୍ଯ୍ୟନ୍ତ ଆସିନାହିଁ ବୋଲି ସେ ସୂଚନା ଦେଇଛନ୍ତି। ଯେପର୍ଯ୍ୟନ୍ତ ୟୁକ୍ରେନ ରୁଷିଆର ଡୋନବାସ ଅଞ୍ଚଳ ହସ୍ତାନ୍ତର ନ କରିଛି, ସେ ପର୍ଯ୍ୟନ୍ତ କୌଣସି ଚୁକ୍ତି ହେବ ନାହିଁ ବୋଲି ପୁଟିନ ସ୍ପଷ୍ଟ କରିଛନ୍ତି। ତେବେ ଆମେରିକା ଦେଇଥିବା ଶାନ୍ତି ପ୍ରସ୍ତାବର କିଛି ଅଂଶ ଉପରେ ପୁଟିନ ସହମତି ପ୍ରକାଶ କରିଛନ୍ତି। କିନ୍ତୁ ଅନ୍ୟ କେତୋଟି ପ୍ରସ୍ତାବ ନେଇ ପୁଟିନ ଅସହମତି ଅଛନ୍ତି। ଏବେ କିଛି ପ୍ରସଙ୍ଗ ନେଇ କାର୍ଯ୍ୟ କରିବାର ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଏପର୍ଯ୍ୟନ୍ତ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ନୂଆ ବୈଠକ ନେଇ କୌଣସି କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇନାହିଁ ବୋଲି ଉଶକୋଭ କହିଛନ୍ତି। ଏହି ପ୍ରସ୍ତାବିତ ନୂଆ ବୈଠକ ଶାନ୍ତି ଯୋଜନାର ପ୍ରଗତି ଉପରେ ନିର୍ଭର କରୁଛି ବୋଲି ସେ କହିଛନ୍ତି। ଅବଶ୍ୟ ପୂର୍ବରୁ ଆମେ ଯୁଦ୍ଧ ଚାହୁଁନାହୁଁ ବୋଲି ପୁଟିନ କହିଥିଲେ।


# ଇଣ୍ଡିଗୋ ବିମାନ ବିଭ୍ରାଟ

## ଦେଶବ୍ୟାପୀ ୧୨୩୨ ବିମାନ ସେବା ବାତିଲ

### କର୍ମଚାରୀ ଅଭାବ ଓ ବୈଷୟିକ ତ୍ରୁଟି

ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ଭାରତରେ ବିମାନ ଚଳାଚଳରେ ବୁଧବାର ବଡ଼ ସମସ୍ୟା ଦେଖା ଦେଇଛି। ଦେଶର ଅନେକ ବିମାନବନ୍ଦରରେ ଇଣ୍ଡିଗୋ ବିମାନ ଉଡ଼ାଣ ପ୍ରଭାବିତ ହୋଇଛି। କାରଣ ଏହି ଏୟାରଲାଇନ ଭୟଙ୍କର ପରିଚାଳନା ଗତ ସମସ୍ୟାର ସମ୍ମୁଖୀନ ହୋଇଛି। ଚାଳକ ଦଳର ସଦସ୍ୟ ଅଭାବରୁ ମଧ୍ୟ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହି କାରଣରୁ ଆଜି କେବଳ ଦୁଇ ଶହରୁ ଅଧିକ ଉଡ଼ାଣ ବାତିଲ କରିଦିଆଯାଇଛି। ଅନେକ ବିମାନ ବିଳମ୍ବରେ ମଧ୍ୟ ଉଡ଼ାଣ ଆରମ୍ଭ କରିଛି। ଇଣ୍ଡିଗୋ ୱେବସାଇଟ ଅନୁଯାୟୀ, ଏହି ଏୟାରଲାଇନ ଭାରତରେ ଦିନକୁ ୨୨୦୦ ଉଡ଼ାଣ ପରିଚାଳନା କରୁଛି। ତେବେ ସମୟାନୁବର୍ତ୍ତିତାରେ ଇଣ୍ଡିଗୋର ପ୍ରଦର୍ଶନ ଭଲ ନାହିଁ। ମାତ୍ର ୩୫ ପ୍ରତିଶତ ବିମାନ ଠିକ୍ ସମୟରେ ଉଡ଼ାଣ କରୁଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏଥିଯୋଗୁଁ ମଙ୍ଗଳବାର ୧୪୦୦ ବିମାନ ଉଡ଼ାଣ ବିଳମ୍ବିତ ହୋଇଥିଲା। ଏହି ଧାରା ବୁଧବାର ମଧ୍ୟ ଜାରି ରହିଛି। ଗତ ଦୁଇ ଦିନ ମଧ୍ୟରେ ମୋଟ ୧୨୩୨ ବିମାନ ବାତିଲ କରିଦିଆଯାଇଛି ବୋଲି ଇଣ୍ଡିଗୋ ପକ୍ଷରୁ ଡିଜିସିଏକୁ ସୂଚନା ଦିଆଯାଇଛି। ଏହି ସମସ୍ୟା ସମ୍ବନ୍ଧରେ ଏୟାରଲାଇନକୁ ବିସ୍ତୃତ ବିବରଣୀ ମଗାଯାଇଛି। ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ସୁଦ୍ଧା ଦିଲ୍ଲୀ, ମୁମ୍ବଇ, ବେଙ୍ଗାଲୁରୁ ଏବଂ ହାଇଦରାବାଦ ଭଳି ବିମାନବନ୍ଦରରେ ଏଭଳି ସମସ୍ୟା ହୋଇଛି। ଏହାକୁ ନେଇ ଯାତ୍ରୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଚାଳକ ଦଳର ସଦସ୍ୟ ତଥା ପାଇଲଟ ଏବଂ ଅନ୍ୟ କର୍ମଚାରୀଙ୍କ ଘୋର ଅଭାବ ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହେଉଛି। ପୂର୍ବରୁ ଏହି କମ୍ପାନୀ ପାଇଲଟ ଏବଂ ଅନ୍ୟ କର୍ମଚାରୀଙ୍କୁ ଡବଲ ଡ୍ୟୁଟିରେ କାର୍ଯ୍ୟ କରିବାକୁ କହୁଥିଲା। ମାତ୍ର ଗତ ମାସରେ ସରକାର ନିୟମକୁ କଡ଼ାକଡ଼ କରିଦେଇଥିଲେ। ଫ୍ଲାଇଟ ଡ୍ୟୁଟି ଟାଇମ ଲିମିଟେସନ (ଏଫଡିଟିଏଲ) ନିୟମ ପରିବର୍ତ୍ତନ କରିଥିଲେ। କର୍ମଚାରୀଙ୍କୁ ୮ ଘଣ୍ଟାରୁ ଅଧିକ ସମୟ କାମ ନ କରାଇବାକୁ କହିଥିଲେ। ନୂଆ ନିୟମରେ ଅଧିକ ବିଶ୍ରାମ ଏବଂ ହ୍ୟୁମାନ ରୋଷ୍ଟର (ପାଳିରେ ଦାୟିତ୍ୱ) ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ଏହି ନିୟମ ଇଣ୍ଡିଗୋ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି।



# ଓହରିଲେ ସରକାର; 'ସଂଚାର ସାଥୀ' ବାଧ୍ୟତାମୂଳକ ନୁହେଁ

ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ବିରୋଧୀଙ୍କ ତୀବ୍ର ବିରୋଧ ପରେ କେନ୍ଦ୍ର ସରକାର ପଛଘୁଞ୍ଚା ଦେଇଛନ୍ତି। ମୋବାଇଲ ଫୋନ୍‌ରେ 'ସଞ୍ଚାର ସାଥୀ' ଆପ୍ଲିକେସନକୁ ପ୍ରି-ଇନ୍‌ଷ୍ଟଲ କରିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନେଇଛନ୍ତି। ତେବେ ଏଥିପାଇଁ ଟେଲିକମ୍ ବିଭାଗ ଭିନ୍ନ ତଥ୍ୟ ଦେଇଛି। 'ସଞ୍ଚାର ସାଥୀ' ଆପ୍‌ର ବର୍ଦ୍ଧିତ ଲୋକପ୍ରିୟତାକୁ ଦେଖି ପ୍ରି-ଇନଷ୍ଟଲ ପାଇଁ ମୋବାଇଲ ନିର୍ମାତା କମ୍ପାନୀଙ୍କୁ ଦିଆଯାଇଥିବା ବାଧ୍ୟତାମୂଳକ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିନିଆଯାଇଥିବା କୁହାଯାଇଛି। ଟେଲିକମ୍ ବିଭାଗର ସୂଚନା ଅନୁଯାୟୀ, ବୁଧବାର ଦ୍ୱିପହର ୧୨ଟା ସୁଦ୍ଧା ଆପ୍‌କୁ ୧.୪୦ କୋଟି ଥର ଡାଉନଲୋଡ କରାଗଲାଣି। ଦୁଇ ଦିନରେ ନିଜ ଇଚ୍ଛାରେ ଆପ୍ ଇନ୍‌ଷ୍ଟଲ କରିଥିବା ଲୋକଙ୍କ ସଂଖ୍ୟା ୧୦ ଗୁଣ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଦୂରସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ବୁଧବାର ଲୋକସଭାରେ କହିଛନ୍ତି ଯେ 'ସଞ୍ଚାର ସାଥୀ' ଆପ୍‌ରେ ଗୁଇନ୍ଦାଗିରି କରିବା ସମ୍ଭବ ନୁହେଁ କିମ୍ବା ଏପରି ହିଁ କରାଯିବ ନାହିଁ। କଂଗ୍ରେସ ନେତା ଦୀପେନ୍ଦ୍ର ହୁଡ୍ଡାଙ୍କ ପ୍ରଶ୍ନର ଉତ୍ତରରେ ସିନ୍ଧିଆ କହିଥିଲେ ଯେ ମତାମତ ଆଧାରରେ ଆପ୍ ଇନ୍‌ଷ୍ଟଲ କରିବାର ନିର୍ଦ୍ଦେଶକୁ ମନ୍ତ୍ରାଳୟ ବଦଳାଇ ଦେଇଛି। ସୂଚନାଯୋଗ୍ୟ ଯେ ଗତ ୨୮ ତାରିଖରେ 'ସଞ୍ଚାର ସାଥୀ'କୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଏହି ଦିନ ଦୂରସଞ୍ଚାର ବିଭାଗ ମୋବାଇଲ ନିର୍ମାତା କମ୍ପାନୀଙ୍କ ପାଇଁ ଏକ ନିର୍ଦ୍ଦେଶ ଜାରି କରିଥିଲା। ଏଥିରେ ଉକ୍ତ ଆପ୍‌କୁ ମୋବାଇଲଗୁଡ଼ିକରେ ପ୍ରି-ଇନଷ୍ଟଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନୂଆ ସହିତ ପୁରୁଣା ଫୋନ୍‌ରେ ସଫ୍ଟୱେର ଇନ୍‌ଷ୍ଟଲ ମାଧ୍ୟମରେ ଆପ୍ ଇନଷ୍ଟଲକୁ ବାଧ୍ୟତାମୂଳକ କରିଦିଆଯାଇଥିଲା।

# ୩୨ ହଜାର ଶିକ୍ଷକଙ୍କ ଚାକିରି ଯିବନି: କଲିକତା ହାଇକୋର୍ଟ

କୋଲକାତା, ୩।୧୨(ଏଜେନ୍ସି): ପଶ୍ଚିମବଙ୍ଗରେ ଏବେ ୩୨, ୦୦୦ ପ୍ରାଥମିକ ଶିକ୍ଷକଙ୍କ ଚାକିରି ଯିବନାହିଁ ବୋଲି ନିଶ୍ଚିତ ହୋଇଛି। କଲକାତା ହାଇକୋର୍ଟର ଏକ ଡିଭିଜନ ଖଣ୍ଡପୀଠ ବୁଧବାର ୨୦୨୩ର ନିଷ୍ପତ୍ତିକୁ ବଦଳାଇଛନ୍ତି। ଜଷ୍ଟିସ୍ ତପବ୍ରତ ଚକ୍ରବର୍ତ୍ତୀ ଓ ରୀତାବ୍ରତ କୁମାର ମିତ୍ରଙ୍କ ଖଣ୍ଡପୀଠ ଏ ନେଇ ନୂଆ ନିର୍ଦ୍ଦେଶ ଦେଇଛନ୍ତି। ୯ ବର୍ଷ ପରେ ଚାକିରିରୁ ହଟାଇବା ଫଳରେ ପ୍ରାଥମିକ ଶିକ୍ଷକ ଓ ତାଙ୍କ ପରିବାର ଉପରେ ବଡ଼ ନକରାତ୍ମକ ପ୍ରଭାବ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ଉଲ୍ଲେଖଥାଉ କି, ୨୦୨୩ରେ ଜଷ୍ଟିସ ଅଭିଜିତ ଗଙ୍ଗୋପାଧ୍ୟାୟଙ୍କ ଏକକ ଖଣ୍ଡପୀଠ ୨୦୧୬ରେ ଭର୍ତ୍ତି ହୋଇଥିବା ଶିକ୍ଷକମାନଙ୍କ ନିଯୁକ୍ତିକୁ ରଦ୍ଦ କରିଥିଲେ। ଏହି ଚାକିରି ପ୍ରଦାନ ପ୍ରକ୍ରିୟା ବିରୋଧରେ କିଛି ପ୍ରାର୍ଥୀ ହାଇକୋର୍ଟରେ ଆବେଦନ କରିଥିଲେ। ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଆବେଦନ କରାଯାଇଥିଲା। କିନ୍ତୁ ରାୟକୁ ବଜାୟ ରଖିବାକୁ ଡିଭିଜନ ଖଣ୍ଡପୀଠ ଅସହମତି ପ୍ରକାଶ କରିଛନ୍ତି। ସବୁ ଚାକିରି ପ୍ରଦାନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ପ୍ରମାଣିତ ହୋଇ ନଥିବାରୁ ଏହାକୁ ଲାଗୁ କରାଯାଇପାରିବ ନାହିଁ ବୋଲି ଡିଭିଜନ ଖଣ୍ଡପୀଠ କହିଛନ୍ତି। ପଶ୍ଚିମବଙ୍ଗ ବୋର୍ଡ ଅଫ୍ ପ୍ରାଇମେରୀ ଏଜୁକେଶନ ୨୦୧୪ରେ ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଟିଇଟି) ପ୍ୟାନେଲ ଜରିଆରେ ଏହି ଶିକ୍ଷକମାନଙ୍କୁ ଚାକିରି ପ୍ରଦାନ କରାଯାଇଥିଲା।

# ଦିଲ୍ଲୀ ବିଷାକ୍ତ: ୩ ବର୍ଷରେ ୨ ଲକ୍ଷ ଶ୍ୱାସରୋଗୀ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ସମସ୍ୟା ସୃଷ୍ଟି କରିଛି। ଏହା ଲୋକଙ୍କୁ ମୃତ୍ୟୁମୁଖରେ ପକାଇ ଦେଉଛି। ସରକାରୀ ପରିସଂଖ୍ୟାନ ଅନୁସାରେ ଗତ ୩ ବର୍ଷ ମଧ୍ୟରେ ଏହି ସମସ୍ୟା ଗମ୍ଭୀର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ଏହି ଅବଧି ମଧ୍ୟରେ ଦିଲ୍ଲୀର ୬ଟି ବଡ଼ ହସ୍ପିଟାଲରେ ୨ ଲକ୍ଷରୁ ଅଧିକ ରୋଗୀ ଭର୍ତ୍ତି ହୋଇଛନ୍ତି ବୋଲି ଜଣା ପଡ଼ିଛି। ଏବେ ସଂସଦରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦିଲ୍ଲୀରେ ବିଷାକ୍ତ ବାୟୁ ସଙ୍କଟ ଉପରେ ନୂଆ ତଥ୍ୟ ଉପସ୍ଥାପନ କରିଛନ୍ତି। ଦିଲ୍ଲୀର ୬ଟି ପ୍ରମୁଖ କେନ୍ଦ୍ରୀୟ ସରକାରୀ ଚିକିତ୍ସାଳୟରେ ୨୦୨୨ରୁ ୨୦୨୪ ମଧ୍ୟରେ ଜରୁରୀକାଳୀନ ବିଭାଗରେ ୨, ୦୪, ୭୫୮ ତୀର୍ବ ଶ୍ୱାସକ୍ରିୟା ରୋଗ (ଏଆରଆଇ) ମାମଲା ରେକର୍ଡ କରାଯାଇଛି। ଏହି ୬ଟି ହସ୍ପିଟାଲ ହେଲା ଏମ୍ସ, ସଫଦରଜଙ୍ଗ, ଏଲ୍‌ଏଚ୍‌ଏମ୍‌ସି ଗ୍ରୁପ୍, ଆରଏମ୍‌ଏଲ, ଏନ୍‌ଆଇଟିଆର୍‌ଡି ଓ ଭିପିସିଆ। ଏଥିମଧ୍ୟରୁ ୧୫ ପ୍ରତିଶତ ଅର୍ଥାତ ୩୦, ୪୨୦ ରୋଗୀ ହସ୍ପିଟାଲରେ ନିହାତି ଭର୍ତ୍ତି ହେବା ଆବଶ୍ୟକ ବୋଲି କୁହାଯାଇଛି। ଏହା ଦିଲ୍ଲୀର ସୃଷ୍ଟି ହୋଇଥିବା ଗୁରୁତର ସ୍ୱାସ୍ଥ୍ୟ ସଙ୍କଟକୁ ସୂଚିତ କରୁଛି। ରାଜ୍ୟସଭାରେ ମନୋନୀତ ସାଂସଦ ବିକ୍ରମଜିତ୍ ସିଂ ସାହାଣୀଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ପ୍ରତାପରାଓ ଯାଦବ ଏହି ତଥ୍ୟ ଦେଇଛନ୍ତି। ଦିଲ୍ଲୀରେ ବାୟୁ ପ୍ରଦୂଷଣ ଯୋଗୁଁ ଶ୍ୱାସ ସମ୍ପର୍କିତ ରୋଗ ବୃଦ୍ଧି ପାଇଛି ବୋଲି ସରକାର ସ୍ୱୀକାର କରିଛନ୍ତି। ଅବଶ୍ୟ ସରକାର କେବଳ ପ୍ରଦୂଷଣ ପାଇଁ ଏହା ହେଉ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଖାଦ୍ୟ, ପାନୀୟ, ସାମାଜିକ ଓ ଆର୍ଥିକ ସ୍ଥିତି କାରଣରୁ ମଧ୍ୟ ଏହିଭଳି ସ୍ଥିତି ଉପୁଜୁଛି ବୋଲି ସରକାର କହିଛନ୍ତି। ବିଭିନ୍ନ ସହରରେ ବାୟୁ ପ୍ରଦୂଷଣ ବଢ଼ିବା କାରଣରୁ ହାସ୍ପିଟାଲଗୁଡିକରେ ଜରୁରୀକାଳୀନ ଶ୍ୱାସ ସମ୍ପର୍କିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଆଇସିଏମ୍‌ଆର୍ ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି। ଏହି ସର୍ଭେରେ ୩୩୦୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ନେଇ ଅଧ୍ୟୟନ କରାଯାଇଥିଲା। ଏଥରେ ପ୍ରଦୂଷିତ ବାୟୁ ଓ ଶ୍ୱାସ ସମ୍ପର୍କିତ ରୋଗ ସିଧାସଳଖ ସମ୍ପର୍କ ଥିବା ଜଣାପଡ଼ିଛି।

# ଆଫଗାନିସ୍ତାନରେ ୧୩ ବର୍ଷର ନାବାଳକ ହାତରେ ଦିଆଗଲା ମୃତ୍ୟୁଦଣ୍ଡ

■ ଦେଖିବାକୁ ଷ୍ଟାଡିୟମରେ ରୁଣ୍ଡ ହେଲେ ୮୦ ହଜାର ଲୋକ
■ ନାବାଳକଙ୍କ ପରିବାରର ୧୩ ସଦସ୍ୟଙ୍କୁ ହତ୍ୟା କରିଥିଲା ଅଭିଯୁକ୍ତ

କାବୁଲ, ୩।୧୨(ଏଜେନ୍ସି): ଆଫଗାନିସ୍ତାନର ଖୋସ୍ତ ରାଜ୍ୟର ଏକ ଷ୍ଟାଡିୟମରେ ୮୦ ହଜାର ଲୋକଙ୍କ ସାମ୍ନାରେ ଜଣେ ଅପରାଧୀଙ୍କୁ ଗୁଳି କରାଯାଇଛି। ଜଣେ ୧୩ ବର୍ଷର ନାବାଳକ ଦ୍ୱାରା ଗୁଳି କରାଯାଇ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଛି। ଅଭିଯୁକ୍ତ ଜଣକ ନାବାଳକଙ୍କ ପରିବାରର ୧୩ଜଣଙ୍କୁ ହତ୍ୟା କରିଥିଲା। ଏମାନଙ୍କ ମଧ୍ୟରେ ଏକାଧିକ ଛୋଟ ପିଲା ଓ ମହିଳା ସାମିଲ ଥିଲେ। ଦଣ୍ଡ ଦେବା ପୂର୍ବରୁ ଅଭିଯୁକ୍ତକୁ କ୍ଷମା କରିବାକୁ ଚାହୁଁଛ କି ବୋଲି ତାଲିବାନ ଅଧିକାରୀମାନେ ଏହି ୧୩ ବର୍ଷର ନାବାଳକକୁ ପ୍ରଶ୍ନ କରିଥିଲେ। କିନ୍ତୁ ସେ ମନା କରିଦେଇଥିଲେ। ଏହାପରେ ଅଧିକାରୀମାନେ ନାବାଳକକୁ ବନ୍ଧୁକ ଦେଇ ସାମ୍ନାରେ ଠିଆ ହୋଇଥିବା ଅଭିଯୁକ୍ତକୁ ଗୁଳି ମାରିବାକୁ କହିଥିଲେ। ଅଭିଯୁକ୍ତ ଓ ନାବାଳକ ସମ୍ପର୍କୀୟ ବୋଲି କୁହାଯାଇଛି। ଏହି ମାମଲାରେ ଆଉ ଦୁଇଜଣ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବାକୁ କୁହାଯାଇଛି। କିନ୍ତୁ ଏମାନଙ୍କୁ ଦଣ୍ଡିତ କରାଯାଇନାହିଁ। କାରଣ ପୀଡ଼ିତଙ୍କ କିଛି ସନ୍ତାନ ସେତେବେଳେ ଉପସ୍ଥିତ ନ ଥିଲେ। ଖୋସ୍ତର ସେଣ୍ଟ୍ରାଲ ଷ୍ଟାଡିୟମରେ ଦଣ୍ଡବିଧାନର ଏହି ପ୍ରକ୍ରିୟାକୁ ଦେଖିବା ପାଇଁ ଲୋକେ ଏକାଠି ହୋଇଥିଲେ। ଉଲ୍ଲେଖଥାଉ କି, ୨୦୨୧ ଅଗଷ୍ଟ ୧୫ରେ ତାଲିବାନ ଦ୍ୱିତୀୟଥର ପାଇଁ ଶାସନକୁ ଆସିବା ପରେ ୧୧ଜଣଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲାଣି।



# ଦିଲ୍ଲୀ ଏମ୍‌ସିଡି ଉପ-ନିର୍ବାଚନରେ ବିଜେପିକୁ ୨ ଆସନରେ ଘାଟା

■ ବିଜେପି ୭, ଆପ୍ ୩ ଆସନରେ ବିଜୟୀ
■ ଖାତା ଖୋଲିଲା କଂଗ୍ରେସ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ଦିଲ୍ଲୀ ନଗର ନିଗମ (ଏମ୍‌ସିଡି)ର ୧୨ଟି ୱାର୍ଡରେ ହୋଇଥିବା ଉପ-ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି। ବିଜେପି ୭, ଆମ ଆଦମୀ ପାର୍ଟି (ଆପ୍) ୩ ଏବଂ କଂଗ୍ରେସ ଓ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ (ଏଆଇଏଫ୍‌ବି) ଗୋଟିଏ ଲେଖାଏ ୱାର୍ଡରେ ବିଜୟ ହାସଲ କରିଛି। ଦିଲ୍ଲୀରେ ବିଜେପି ସରକାର ଶାସନକୁ ଆସିବା ପରେ ଅନୁଷ୍ଠିତ ପ୍ରଥମ ନିର୍ବାଚନରେ ଦଳର ୨ ଆସନ କ୍ଷତି ହୋଇଛି। ଏହା ଲୋକପ୍ରିୟତା ହ୍ରାସକୁ ଦେଖାଉଛି। ସରକାର ନିଜ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବା କୁହାଯାଉଛି। ଅନ୍ୟପଟେ କଂଗ୍ରେସ ଖାତା ଖୋଲିବାରେ ସଫଳ ହୋଇଛି। ଗତ ନିର୍ବାଚନରେ ୧୨ଟି ୱାର୍ଡରୁ ବିଜେପି ୯ଟି ଓ ଆପ୍ ୩ଟି ୱାର୍ଡରେ ବିଜୟୀ ହୋଇଥିଲା। ଏଥର ବିଜେପି ଦ୍ୱାରକା-ବି, ଆଶୋକ ବିହାର, ଗ୍ରେଟର କୈଳାଶ, ଡିଚାଉ କାଲାନ, ଶାଲିମାର ବାଗ-ବି, ବିନୋଦ ନଗର, ଚାନ୍ଦିନୀ ଚୌକରେ ବିଜୟ ହାସଲ କରିଛି। ସେହିପରି ଆପ୍ ନାରାଇନା, ମୁଣ୍ଡକା ଓ ଦକ୍ଷିଣପୁରୀରେ ବିଜୟୀ ହୋଇଛି। ସେହିପରି କଂଗ୍ରେସ ସଂଗମ ବିହାର-ଏରେ ୩୬୨୮ ଭୋଟ୍‌ରେ ବିଜୟ ହାସଲ କରିଛି। ଚାନ୍ଦନୀ ମହଲରେ ଏଆଇଏଫ୍‌ବିର ମହମ୍ମଦ ଇମ୍ରାନ ବିଜୟୀ ହୋଇଛନ୍ତି।

ନଭେମ୍ବର ୩୦ରେ ଏହି ୧୨ଟି ୱାର୍ଡରେ ହୋଇଥିବା ନିର୍ବାଚନରେ ୩୮.୫୧ ପ୍ରତିଶତ ମତଦାନ ହୋଇଥିଲା। ୨୦୨୨ରେ ୨୫୦ଟି ୱାର୍ଡରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଓ ସେତେବେଳେ ମତଦାନ ୫୦.୪୭ ପ୍ରତିଶତ ଥିଲା। ତେଣୁ ଏଥର ଉପ-ନିର୍ବାଚନରେ ମତଦାନ ହାର ଯଥେଷ୍ଟ ତଳକୁ ଖସିଛି। ଉପ-ନିର୍ବାଚନରେ ବିଜେପିଠାରୁ ଆପ୍ ୨ଟି ସିଟ୍ ଛଡାଇ ନେଇଛି। ସେହିପରି ଆପ୍ ମଧ୍ୟ ତା'ର ଦୁଇଟି ଆସନରେ ପରାଜୟ ବରଣ କରିଥିଲେ ମଧ୍ୟ ମୋଟ୍ ଉପରେ ୩ଟି ବଜାୟ ରଖିଛି। ମୋଟ୍ ଉପରେ ଏହି ନିର୍ବାଚନରେ ୫୧ଟି ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ଏହି ୧୨ଟି ୱାର୍ଡର ବିଜୟୀ ହୋଇଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ୧୧ ଜଣ ବିଧାୟକ ଓ ଜଣେ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ଫଳରେ ଏହି ଆସନଗୁଡିକ ଫାଙ୍କା ପଡ଼ିଥିଲା। ନିର୍ବାଚନ ପରେ ଦିଲ୍ଲୀ ଏମ୍‌ସିଡିରେ ବିଜେପିର ୧୨୩, ଆପର ୧୦୨, କଂଗ୍ରେସର ୯ ଓ ଅନ୍ୟମାନଙ୍କର ୧୬ଟି ସିଟ୍ ରହିଛି।

# ବନ୍ୟଜୀବ ସୁରକ୍ଷାରେ ମହିଳା

**ମହିଳାମାନେ ବିଭିନ୍ନ ଦିଗରେ ଆଗକୁ ବଢ଼ୁଛନ୍ତି । ପ୍ରଶାସନିକ ସେବାରେ ଯୋଗଦେଇ ଦେଶର ଦାୟିତ୍ୱଭାର ହାତକୁ ନେଇଛନ୍ତି । ଭାରତୀୟ ସେନାରେ ମଧ୍ୟ ମହିଳାମାନେ ନୂଆ ଉଡ଼ାଣ ଭରିଛନ୍ତି । ଏହି କ୍ରମରେ ଏବେ ବନ୍ୟଜୀବ ସଂରକ୍ଷଣରେ ମଧ୍ୟ ମହିଳାମାନେ ନୂତନ ଛାପ ସୃଷ୍ଟି କରିଛନ୍ତି । ହିଂସ୍ର ବନ୍ୟଜନ୍ତୁଙ୍କୁ ନ ଡରି ସାହସ, ସମର୍ପଣ ଦ୍ୱାରା ସେମାନଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି । ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ମୂଲ୍ୟ କେବଳ ମଣିଷ ନୁହେଁ, ପଶୁମାନେ ମଧ୍ୟ ବୁଝନ୍ତି, ତାହା ସେମାନେ ନିଜ କାର୍ଯ୍ୟ ମାଧ୍ୟମରେ ପ୍ରମାଣ କରିଛନ୍ତି । ଭାରତରେ ବନ୍ୟଜୀବ ସୁରକ୍ଷାରେ କାର୍ଯ୍ୟରତ ସେହିଭଳି କିଛି ମହିଳାଙ୍କୁ ନେଇ ଏହି ଉପସ୍ଥାପନା ।**



### ଝୁନି ବାଇ

ଝୁନି ବାଇ ମଧ୍ୟପ୍ରଦେଶ ପେଞ୍ଚ ଟାଇଗର ରିଜର୍ଭରେ, ଜଣେ ସାହାସୀ ମହିଳା ଫରେଷ୍ଟ ଗାର୍ଡ ଭାବେ କାର୍ଯ୍ୟ କରିଆସୁଛନ୍ତି । ଦୀର୍ଘ ୨୦ ବର୍ଷ ଧରି ଜଙ୍ଗଲ ଓ ବନ୍ୟଜୀବ ସଂରକ୍ଷଣରେ ସେ ନିଜକୁ ସମର୍ପଣ କରିଛନ୍ତି । ଏ କ୍ଷେତ୍ରରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ମହିଳାଙ୍କ ମଧ୍ୟରେ ସେ ପ୍ରଥମେ । ଜଣେ ଆଦିବାସୀ ମହିଳା ଭାବେ ବନ୍ୟଜୀବ ସଂରକ୍ଷଣରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜଙ୍ଗଲରେ କାର୍ଯ୍ୟରତ ସମୟରେ ସେ ଅନେକ ଜଙ୍ଗଲୀ ପଶୁଙ୍କ ସାମ୍ନା କରିଛନ୍ତି, ଏହାସତ୍ତ୍ୱେ ସେ ନିଜ କର୍ତ୍ତବ୍ୟରୁ ପଛଘୁଞ୍ଚା ଦେଇନାହାନ୍ତି । ସାହସ ଓ ସମର୍ପଣ ଭାବ ପାଇଁ ସେ ୨୦୨୫ ମସିହାରେ ୭୬ ତମ ଗଣତନ୍ତ୍ର ଦିବସରେ ବିଶେଷ ଅତିଥି ଭାବେ ଦିଲ୍ଲୀ ଯାଇଥିଲେ । ଏହା ତାଙ୍କ ପାଇଁ ଏକ ବଡ଼ ଉପଲବ୍ଧି ଥିଲା । ତେବେ ସେ ମୋବାଇଲ ଫୋନ୍ କିମ୍ବା କୌଣସି ପ୍ରକାର ଡିଜିଟାଲ୍ ଉପକରଣ ବ୍ୟବହାର କରନ୍ତିନି ।



### ରସିଲା ବଧେର

ଗୁଜୁରାଟ ଗୀର୍ ଅଭୟାରଣ୍ୟର ପ୍ରଥମ ମହିଳା ଫରେଷ୍ଟ ଗାର୍ଡ ଭାବେ କାର୍ଯ୍ୟରତ ରସିଲା ବଧେର । ସେ ନିଜ କାର୍ଯ୍ୟ ମାଧ୍ୟମରେ ବନ୍ୟଜୀବଙ୍କ ପ୍ରତି ଥିବା ଭଲପାଇବାକୁ ଦର୍ଶାଇଥାନ୍ତି । ସେ ଗୀର୍ ଉଦ୍ଧାର ବିଭାଗର ମୁଖ୍ୟ ହୋଇଥିଲେ । ତେବେ ସେ ବାର ବର୍ଷ ମଧ୍ୟରେ ୧୧୦୦ରୁ ଉର୍ଦ୍ଧ୍ୱ ଜଙ୍ଗଲୀ ପଶୁଙ୍କୁ ଉଦ୍ଧାର କରିଛନ୍ତି । ଏଥିରେ ଚିତାବାଘ, ସିଂହ ଓ କୁମ୍ଭୀର ଅଛନ୍ତି । ମାର୍ଚ୍ଚ ୨୦୧୩ ସେ ଏକ ନିର୍ମାଣଧୀନ କୂଅରୁ ଗୀର୍‌ର ଏକ ଚିତାବାଘକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ । ପ୍ରଥମ ମହିଳା ଫରେଷ୍ଟ ଗାର୍ଡ ଭାବେ ୨୦୦୮ ରେ ସେ ଚର୍ଚ୍ଚାକୁ ଆସିଥିଲେ ।



### ଅଞ୍ଜୁ ଚୌହାନ୍

ସାଧାରଣତଃ ମହିଳାମାନେ ଝିଟିପିଟି, ଅସରପା ଦେଖିଲେ ଡରିଯାନ୍ତି । କିନ୍ତୁ ଅଞ୍ଜୁ ସେମାନଙ୍କଠୁ ସମ୍ପୂର୍ଣ୍ଣ ଭିନ୍ନ । ସେ ନିର୍ଭୟ ତଥା ସାହସର ସହ ବିଷାକ୍ତ ସାପଙ୍କୁ ଉଦ୍ଧାର କରନ୍ତି । 'ସ୍ନେକ୍ ଲେଡି' ଭାବେ ପରିଚିତ ଅଞ୍ଜୁ ରାଜସ୍ଥାନ ସିରୋହୀ ଜିଲ୍ଲା ପିଣ୍ଡୱାଡ଼ା ତହସିଲ୍‌ରେ ରୁହନ୍ତି । ସିରୋହୀ ଜଙ୍ଗଲରେ ସେ ଫରେଷ୍ଟ ଗାର୍ଡ ଭାବେ କାର୍ଯ୍ୟ କରନ୍ତି । ଏହାପରେ ବଳକା ସମୟ ବନ୍ୟଜୀବ ଉଦ୍ଧାର କାର୍ଯ୍ୟ କରନ୍ତି । ସେ ଖୁବ୍ ସାହସର ସହ ଜନଗହଳି ସ୍ଥାନରୁ ବିଷାକ୍ତ ସାପ ଉଦ୍ଧାର କରି ଜଙ୍ଗଲରେ ନେଇ ଛାଡ଼ନ୍ତି । ଏପର୍ଯ୍ୟନ୍ତ ସେ ୩୦୦୦ରୁ ଅଧିକ ସାପ, ୩୦ରୁ ଉର୍ଦ୍ଧ୍ୱ କୁମ୍ଭୀର ଉଦ୍ଧାର କରିଛନ୍ତି ।

### ସାବିତ୍ରୀ ଆମ୍ମା

ସାଧାରଣତଃ ବନ୍ୟଜୀବଙ୍କଠାରୁ ସମସ୍ତେ ଦୂରେଇ ରହିଥାନ୍ତି । ସେମାନଙ୍କ ପାଖକୁ ଯିବାକୁ ଡରନ୍ତି । କିନ୍ତୁ ବେଙ୍ଗାଲୁରୁ ବନ୍ନେରଘଟ୍ଟା ଚିଡ଼ିଆଖାନାର କେୟାର ଟେକର୍ ସାବିତ୍ରୀ ଆମ୍ମା ଏମାନଙ୍କଠୁ ଭିନ୍ନ । ସେ ସନ୍ତାନ ଭଳି ନିଜ କୋଳରେ ସିଂହ, ଚିତାବାଘଙ୍କୁ ଲାଳପ ପାଳନ କରିଥାନ୍ତି । ତାଙ୍କୁ ଦେଖି ହିଂସ୍ର ପ୍ରାଣୀମାନେ ଦୌଡ଼ିଆସନ୍ତି । ସାବିତ୍ରୀ ଆମ୍ମା ବନ୍ୟଜୀବଙ୍କୁ ସନ୍ତାନ ଭଳି ସ୍ନେହ ଆଦର କରିଥାନ୍ତି । ସ୍ନେହ, ଶ୍ରଦ୍ଧାର ମୂଲ୍ୟ କେବଳ ମଣିଷ ନୁହେଁ, ପଶୁମାନେ ମଧ୍ୟ ବୁଝନ୍ତି ବୋଲି ତାଙ୍କ ନିଷ୍ଠାପର ସେବାରୁ ବୁଝାପଡ଼େ ।



# ପ୍ୟାଣ୍ଟ ଚେନ୍ ଖରାପ ଥିଲେ

**ଅନେକ ସମୟରେ ଜିନ୍ସ ପିନ୍ଧିବାବେଳେ ଚେନ୍ ଖରାପ ହୋଇଯାଏ । ଫଳରେ ବାରମ୍ବାର ଏହାକୁ ବାହାରକୁ ନେଇ ଠିକ୍ କରିବାକୁ ପଡ଼ିଥାଏ । କିନ୍ତୁ କିଛି ସହଜ ଉପାୟ ଆପଣାଇ ଏହି ସମସ୍ୟାକୁ ଚୁଟ୍‌କିରେ ସମାଧାନ କରିପାରିବେ । ଜାଣିବା ସେ ବିଷୟରେ...**



### ନଡ଼ିଆତେଲ

ଅଧିକାଂଶ ସମୟରେ ପ୍ୟାଣ୍ଟ ପିନ୍ଧିବା ପରେ ଚେନ୍ ଦେଲା ବେଳକୁ ଏହା ଅଧାରେ ରହିଯାଏ । ଏପରିସ୍ଥଳେ ବାହାରକୁ ଯାଇ ବାରମ୍ବାର ଠିକ୍ କରିବା ସହଜ ହୋଇ ନ ଥାଏ । ତେଣୁ ଘରେ ଏହାକୁ ଠିକ୍ କରିବାକୁ ଚାହୁଁଥିଲେ ଏଥିରେ ନଡ଼ିଆତେଲ ବ୍ୟବହାର କରିପାରିବେ ।

### ମହମବତୀ

ମହମବତୀ ସାହାଯ୍ୟରେ ଜିନ୍ସ ପ୍ୟାଣ୍ଟର ଚେନ୍ ଠିକ୍ କରିପାରିବେ । ଏଥିପାଇଁ ଖଣ୍ଡେ ମହମବତୀ ନେଇ ଏହାକୁ ଚେନ୍ ଖରାପ ଥିବା ସ୍ଥାନରେ ଲଗାଇ ଘଷି ଦିଅନ୍ତୁ । ମହମ ସଂସ୍ପର୍ଶରେ ଆସି ଚେନ୍‌ଟି ଠିକ୍ ହୋଇଯାଏ ।

### ସାବୁନ୍ ଓ ଗ୍ରାଫାଇଟ୍ ପେନ୍‌ସିଲ୍

ଜିନ୍ସ ପ୍ୟାଣ୍ଟର ଚେନ୍ ଠିକ୍ କରିବାକୁ ଚାହୁଁଥିଲେ, ଏଥିପାଇଁ ସାବୁନ୍ ଓ ଗ୍ରାଫାଇଟ୍ ପେନ୍‌ସିଲ୍ ମଧ୍ୟ ବ୍ୟବହାର କରିପାରିବେ ।

### ଭ୍ୟାସେଲିନ୍

ଚେନ୍‌ରେ ଭ୍ୟାସେଲିନ୍ ଲଗାଇ ହାତରେ ଏପଟସେପଟ କଲେ ଚେନ ଠିକ୍‌ରେ କାର୍ଯ୍ୟ କରିଥାଏ ।

# ଶାଢ଼ି ସହ ଦୁପଟ୍ଟା

**ଦୁପଟ୍ଟା ସାଂସ୍କୃତିକ ଗୌରବର ପ୍ରତୀକ ଭାବେ ଜଣାଯାଏ । ଏହାକୁ ଚୁଡ଼ିଦାର, କୁର୍ତ୍ତୀ ସମେତ ଏଣିକି ଶାଢ଼ିରେ ମଧ୍ୟ ପକାଉଛନ୍ତି । ଏହାକୁ ଷ୍ଟାଇଲ୍ ତଥା ସୃଜନାତ୍ମକ ଶୈଳୀରେ ପକାଇଲେ ଏହା ଅଧିକ ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଏ । ଏଥିପାଇଁ ଆବଶ୍ୟକ କେତେକ ଡ୍ରେପିଂ ଷ୍ଟାଇଲ୍ ରହିଛି ଜାଣିବା ସେ ବିଷୟରେ...**

### କ୍ଲାସିକ୍ ଫ୍ରଣ୍ଟ ପ୍ଲିଟ୍

ଏହା ଶାଢ଼ି ପିନ୍ଧିବାର ପାରମ୍ପରିକ ଓ ଚୀରସବୁଜ ପ୍ରକ୍ରିୟା ମଧ୍ୟରୁ ଗୋଟିଏ । ଦୁପଟ୍ଟାକୁ ପାଞ୍ଚ- ଛଅ ପରସ୍ତ ଭାଙ୍ଗି କାନ୍ଧରେ ପିନ୍ କରନ୍ତୁ । ଏହି ଡ୍ରେପିଙ୍ଗ୍‌ରୁ ଶାଢ଼ିର ସମ୍ପୂର୍ଣ୍ଣ ଡିଜାଇନ୍ ଦିଶିଥାଏ । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ । ବୋଟ୍‌ନେକ, ସ୍ଲିଭ୍‌ଲେସ୍ ଓ ଅଫ୍‌ସୋଲ୍‌ଡର ବ୍ଲାଉଜ୍‌କୁ ଏହା ଖୁବ୍ ସୁନ୍ଦର ମାନିଥାଏ । ଏହା ବିବାହ ପାର୍ଟି ସମେତ ପାରମ୍ପରିକ, ପର୍ବପର୍ବାଣୀରେ ମଧ୍ୟ ଭଲ ଲାଗିଥାଏ ।

### ବିବାହ ଶାଢ଼ିରେ ଦୁପଟ୍ଟା

ମହିଳାମାନେ ବିବାହ ପାର୍ଟିରେ ମଧ୍ୟ ଶାଢ଼ି ସହ ଓଢ଼ଣୀ ପକାଇପାରିବେ । ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ । ପାରମ୍ପରିକ ଲୁକ୍ ଚାହୁଁଥିଲେ, ହାଲୁକା ପେଷ୍ଟାଲ୍ ରଙ୍ଗ ବା ଏମ୍ବ୍ରୋଡୋରୀ କାମ ଥିବା ପକାଇପାରିବେ ।



ଦୁପଟ୍ଟା

# ୱିଣ୍ଟର୍ ଫୁଟ୍‌ୱେୟାର୍

**ଶୀତଦିନେ ପାଦକୁ ଥଣ୍ଡାରୁ ସୁରକ୍ଷା ଦେବା ପାଇଁ ଅନେକେ ଶୀତ ସ୍ଲିପର୍, ଜୋତା ଆଦି ବ୍ୟବହାର କରିଥାନ୍ତି । ଏହା ପାଦକୁ ଆରମ ଦେବା ସହ ସୁନ୍ଦର ରଖିଥାଏ । ତେବେ ଜାଣିବା କେତୋଟି ନୂଆ ଡିଜାଇନର୍ ସ୍ଲିପର୍ ବିଷୟରେ ।**



### ଗଦିବୁଟ୍

ଏହା ବ୍ୟତୀତ ଚାହିଁଲେ ଗଦିଯୁକ୍ତ ବୁଟ୍ ପିନ୍ଧିପାରିବେ । ଏହା ଗୋଇଠିର ଉପର ଅଂଶ ଯାଏ ରହିଥାଏ । ତେଣୁ ଏହା ଶୀତଦିନେ ପିନ୍ଧିବା ପାଇଁ ଖୁବ୍ ଭଲ ହୋଇଥାଏ । ଅଧିକାଂଶ ମହିଳାଙ୍କୁ ଏ ପ୍ରକାର ୱିଣ୍ଟର୍ ସ୍ଲିପର୍ ଖୁବ୍ ପସନ୍ଦ ।

### ମୋକାସିନ୍

ଥଣ୍ଡାରୁ ପାଦକୁ ସୁରକ୍ଷିତ କରି କୋମଳ ରଖିବାକୁ ଚାହୁଁଥିଲେ, ମୋକାସିନ୍ ସ୍ଲିପର୍ ପିନ୍ଧିପାରିବେ । ଏହା ପାଦକୁ ଥଣ୍ଡାରୁ ସୁରକ୍ଷା ଦେଇଥାଏ । ଏହା ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ କିଣିପାରିବେ ।



### ସ୍ଲିପ୍ ଅନ୍ ଷ୍ଟାଇଲ୍

ଶୀତଦିନେ ଘରେ ପିନ୍ଧିବା ପାଇଁ ଏହି ସ୍ଲିପର୍ ଭଲ ହୋଇଥାଏ । ଏହା ସ୍ଲିପ୍ ଅନ୍ ଷ୍ଟାଇଲର ସ୍ଲିପର । ଏହା ଅଧା ପାଦକୁ ଢାଙ୍କି ରଖିଥାଏ । ଏହା ପିନ୍ଧିବାରେ ଖୁବ୍ ଆରାମଦାୟକ ଅନୁଭୂତି ମିଳିଥାଏ । ଏହା ଶୀତଦିନ ପାଇଁ ଗୋଟିଏ ଭଲ ବିକଳ୍ପ ହୋଇଥାଏ ।

### ଉଲେନ୍

ସାଧାରଣତଃ ଉଲେନ୍ ଚପଲ ପାଦକୁ ନରମ ଓ ଆରାମଦାୟକ ଲାଗିଥାଏ । ଏହା ପାଦକୁ ଉଷୁମ ଓ ସୁନ୍ଦର ରଖିବାରେ ମଧ୍ୟ ସହାୟକ ହୋଇଥାଏ । ଏହା ଉଭୟ ଅନ୍‌ଲାଇନ୍ ଓ ବଜାରରେ ଉପଲବ୍ଧ ।

# ଦହି ଉପମା

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ସୁଜି - ୨୫୦ ଗ୍ରାମ୍, କଟା ଗାଜର - ଏକ କପ୍, କଟା ପିଆଜ – ଅଧା କପ୍, ଗ୍ରୀନ୍ ମଟର - ଅଧା କପ୍, କାଜୁ - ଚାରି ପାଞ୍ଚୋଟି, ଚିନାବାଦାମ- ଅଧା କପ୍, ମୁଗ - ଏକ ଚାମଚ, ଭୃସଙ୍ଗପତ୍ର- ଏକ ପାଖୁଡ଼ା, କଟା କଞ୍ଚାଲଙ୍କା - ଅଳ୍ପ, ମୁଗଡାଲି - ଏକ ଚାମଚ, ବିରି - ଏକ ଚାମଚ, ଦହି - ଏକ ଏପ୍, ଲୁଣ – ସ୍ୱାଦ ଅନୁସାରେ, ଘିଅ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ଗୋଟିଏ ବାଉଲ୍‌ରେ ଅଳ୍ପ ଦହି, ପାଣି, କଟା କଞ୍ଚାଲଙ୍କା, ଧନିଆପତ୍ର, ଅଦା ପକାଇ ଭଲରେ ଗୋଳାଇ ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ଘିଅ ଦିଅନ୍ତୁ । ଗରମ ହୋଇଗଲେ ସେଥିରେ ସୋରିଷ, ଶୁଖିଲା ଲଙ୍କା, ଭୃସଙ୍ଗପତ୍ର, ବିରିଡାଲି, ବୁଟଡାଲି, ପକାଇ ଭାଜନ୍ତୁ । କିଛି ସମୟ ପରେ ପିଆଜ, ଗାଜର, ଗ୍ରୀନ୍ ମଟର, ସହ ସୁଜି ପକାଇ ଭାଜି ଦିଅନ୍ତୁ । ଏହାପରେ ସେଥିରେ ଗୋଳାଇ ରଖିଥିବା ଦହି ପାଣି ଦିଅନ୍ତୁ । ଫୁଟିଗଲା ପରେ ଏକ ଢାଙ୍କୁଣି ଘୋଡ଼ାଇ କିଛି ସମୟ ଢାଙ୍କି ଦିଅନ୍ତୁ । ଏହାପରେ ପ୍ଲେଟ୍‌କୁ କାଢ଼ି ପରଷନ୍ତୁ ସ୍ୱାଦିଷ୍ଟ 'ଦହି ଉପମା' ।

# ଲ୍ୟାପ୍‌ଟପ୍ ବ୍ୟାଗ୍

**କର୍ମଜୀବୀ ମହିଳାଙ୍କ ପାଇଁ ଅଫିସ୍ ବ୍ୟାଗ୍ କେବଳ ଜିନିଷ ରଖିବାର ମାଧ୍ୟମ ନୁହେଁ, ଏହା ଷ୍ଟାଇଲ, ଦକ୍ଷତା ଓ ବ୍ୟକ୍ତିତ୍ୱକୁ ଦର୍ଶାଏ । ପ୍ରତି ମହିଳାଙ୍କ ପାଇଁ ଏହି ବ୍ୟାଗ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ । ଏଥିରେ ଲ୍ୟାପଟପ୍, ଟାବ୍‌ଲେଟ୍, ଫାଇଲ୍, ପାଣିବୋତଲ, ମେକ୍‌ଅପ୍ ଆଦି ଜିନିଷ ସୁରକ୍ଷିତ ରହିଥାଏ ।**

### ଲେଦର ଟୋଟ୍ ବ୍ୟାଗ୍

ସମୟାନୁସରେ ବିଭିନ୍ନ ଡିଜାଇନର ଟୋଟ୍ ବ୍ୟାଗ୍ ଉପଲବ୍ଧ ହେଲାଣି । ଏଥିରେ ପ୍ୟାଡେଡ୍ ଲ୍ୟାପ୍‌ଟପ୍ ସ୍ଲିଭ ରହିଛି । ଏହା ଭଲ ଲେଦରରେ ଉପଲବ୍ଧ ହୋଇଥାଏ । ଏହା ଅଫିସ୍, ମିଟିଂ, ଏପରିକି ବିଜିନେଶ ଟ୍ରାଭେଲ୍ ପାଇଁ ଭଲ ହୋଇଥାଏ ।

### ଷ୍ଟାଇଲିଶ୍ ବ୍ୟାକ୍‌ପ୍ୟାକ୍

ବ୍ୟାଗ୍‌ପ୍ୟାକ୍ କେବଳ ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ୨୦୨୫ ମସିହାରେ ସ୍ଲିକ, ମିନିମାଲିଷ୍ଟ, ଓ ଲେଦର ବ୍ୟାକ ପ୍ୟାକ୍ ଅଫିସ୍ ଫେଶନରେ ନିଜର ସ୍ଥାନ ରଖିଛି । ଏଥିରେ ଏକ ଲ୍ୟାପଟପ୍ ରଖିବା ପାଇଁ ଜାଗା ରହିଛି । ଏହା ଦେଖିବାକୁ ଷ୍ଟାଇଲିଶ ଓ ଆକର୍ଷଣୀୟ ହୋଇଥାଏ । ଏହା କର୍ମଜୀବୀ ମହିଳାଙ୍କ ପାଇଁ ଖୁବ୍ ଭଲ ହୋଇଥାଏ ।



### ବ୍ରିଫ୍‌କେସ୍ ହ୍ୟାଣ୍ଡବ୍ୟାଗ୍

ଏହା ପାରମ୍ପରିକ ବ୍ରିଫ୍‌କେଶର ଏକ ଷ୍ଟାଇଲିଶ୍ ଭର୍ସନ ଭାବେ ଜଣାଯାଏ । ଏଥିରେ ମଲ୍ଟିପ୍ଲେ କମ୍ପୋନେଟ୍ସ, ଲ୍ୟାପ୍‌ଟପ୍ ସ୍ଲିବ, ଏବଂ ଅର୍ଗାନାଇଜର ପକେଟ୍ ଥାଏ । ଏହା ସର୍ବଦା ଟପ୍ ହ୍ୟାଣ୍ଡଲ, ସଟ୍ ସୋଲ୍‌ଡର୍ ଷ୍ଟ୍ରିପ ସହିତ ଥାଏ । ଏଥିରୁ ଏକ ପ୍ରଫେସନାଲ୍ ଲୁକ୍ ମିଳିଥାଏ ।

# ଷ୍ଟ୍ରବେରୀରୁ ସୁନ୍ଦର ତ୍ୱଚା



**ଷ୍ଟ୍ରବେରୀ ସ୍ୱାଦିଷ୍ଟ ହେବା ସହ ଏଥିରେ ବହୁ ପୋଷକ ତତ୍ତ୍ୱ ରହିଥାଏ । ଯାହା ତ୍ୱଚାକୁ ସୁସ୍ଥ ଓ ସୁନ୍ଦର ରଖିଥାଏ । ଏଥିସହ ତ୍ୱଚା ଦାଗ, ବୟସଛାପ, ଚର୍ମକୁଞ୍ଚନ ଆଦି ସମସ୍ୟାକୁ ଦୂର କରି ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ । ତେବେ ଦୈନନ୍ଦିନ ସ୍କିନ୍‌କେୟାର୍ ରୁଟିନ୍‌ରେ ଏହା କିପରି ସାମିଲ କରିବେ ଜାଣି ରଖନ୍ତୁ ।**

- କିଛି ଷ୍ଟ୍ରବେରୀକୁ ଚକଟି ଏଥିରେ କିଛି ବୁନ୍ଦା ମହୁ ମିଶାନ୍ତୁ । ଏହାକୁ ମୁହଁରେ ୧୫ ମିନିଟ୍ ଲଗାଇ ରଖିବା ପରେ ଥଣ୍ଡାପାଣିରେ ଧୋଇ ଦିଅନ୍ତୁ ।
- ଏଥିରେ ସାଲିସେଲିକ୍ ଏସିଡ୍ ଥାଏ, ଯାହା ବ୍ରଣ ଓ ଦାଗ ସହ ଲଢ଼ିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ । ଏହା ଲୋମଛିଦ୍ରକୁ ବନ୍ଦ କରିଥାଏ । ତ୍ୱଚାରେ ଥିବା ଅତିରିକ୍ତ ତେଲକୁ ବାହାର କରିଥାଏ । ସେହିପରି, ଷ୍ଟ୍ରବେରୀରେ ଥିବା ଆଣ୍ଟି ଇନ୍‌ଫ୍ଲାମେଣ୍ଟୋରୀଗୁଣ ବ୍ରଣ ଓ ଦାଗ ସମସ୍ୟାରୁ ସୁରକ୍ଷା ଦେଇଥାଏ ।
- ଷ୍ଟ୍ରବେରୀକୁ ଚକଟି ଦହି ମିଶାଇ ଫେସ୍‌ମାସ୍କ ଭାବେ ଲଗାଇପାରିବେ । ସେହିପରି ଚାହିଁଲେ ଷ୍ଟ୍ରବେରୀ ଜୁସ୍‌କୁ ଟୋନର୍ ଭାବେ ବ୍ୟବହାର କରିପାରିବେ । ଏହାଦ୍ୱାରା ତ୍ୱଚାରେ ଥିବା ଅତିରିକ୍ତ ତେଲ ବାହାରିଯାଏ ।
- ଏଥିରେ ଥିବା ପାଣି ତ୍ୱଚାକୁ ହାଇଡ୍ରେଟ୍ ରଖିଥାଏ । ଏଥିସହ ଜ୍ୱଳନ, ସଂକ୍ରମଣ ସମସ୍ୟାକୁ ଦୂର କରିଥାଏ ।

## ମାରକ୍ରମ୍‌ଙ୍କ ଶତକ ଆଗରେ ଫିକା ପଡ଼ିଲେ କୋହଲି-ଗାଏକ୍ୱାଡ୍

# ଦକ୍ଷିଣ ଆଫ୍ରିକା ୪ ୱିକେଟରେ ବିଜୟୀ

ରାୟପୁର,୩।୧୨(ଏଜେନ୍ସି):

ଆଇଡେନ୍ ମାରକ୍ରମ (୧୧୦)ଙ୍କ ଶତକ, ଦୁଇ ଯୁବ ଖେଳାଳି ମାଥ୍ୟୁ ବ୍ରିଜ୍‌କେ (୬୮) ଓ ଡିୱାଲ୍ଡ ବ୍ରେଭିସ୍ (୫୪)ଙ୍କ ଅର୍ଦ୍ଧଶତକ ଆଗରେ ଫିକା ପଡ଼ିଛି ସୁପରଷ୍ଟାର ବିରାଟ କୋହଲି (୧୦୨) ଓ ଯୁବ ଖେଳାଳି ଋତୁରାଜ ଗାଏକ୍ୱାଡ୍ (୧୦୫)ଙ୍କ ଶତକ। ମାରକ୍ରମ୍‌ଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ଭାରତକୁ ହରାଇ ଏଠାରେ ବୁଧବାର ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ବିଜୟୀ ହୋଇଛି। ଏହି ବିଜୟ

### ଶନିବାର ନିର୍ଣ୍ଣାୟକ ମୁକାବିଲା

ଫଳରେ ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୧-୧ରେ ବରାବର ସ୍ଥିତିକୁ ନେଇଆସିଛି। ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଭାରତ ୧୭ ରନ୍‌ରେ ଜିତିଥିଲା। ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ବିଶାଖାପାଟଣାରେ ଆସନ୍ତା ୬ ତାରିଖ ଶନିବାର ଖେଳାଯିବ। ଏହି ମ୍ୟାଚ୍‌ରେ ଚମତ୍କାର ଶତକ ସହ ସର୍ବାଧିକ ୧୧୦ ରନ୍ କରିଥିବା ମାରକ୍ରମ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ କିଙ୍ଗ୍ ବିରାଟ କୋହଲିଙ୍କ ୫୩ତମ ଓ ଋତୁରାଜ ଗାଏକ୍ୱାଡଙ୍କ ପ୍ରଥମ ଶତକ ବଳରେ ଏଠାରେ ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟରେ ୩୫୮ ରନ୍ ସଂଗ୍ରହ କରିଥିଲା। କିଙ୍ଗ୍ କୋହଲି ଚଳିତ ସିରିଜ୍‌ରେ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରି ୧୦୨ ଓ ମହାରାଷ୍ଟ୍ରର ଋତୁରାଜ ଗାଏକ୍ୱାଡ ଜୀବନର ପ୍ରଥମ ଦିନିକିଆ ଶତକ ସହ ୧୦୫ ରନ୍ କରିଥିଲେ। କାମଚଳା ଅଧିନାୟକ ଲୋକେଶ ରାହୁଲ ତାଙ୍କ ଫିନିସିଂ ଫର୍ମ ବଜାୟ ରଖି ୪୩ ବଲ୍‌ରୁ ୬୬ ରନ୍ କରି ଚଳିତ ସିରିଜ୍‌ରେ କ୍ରମାଗତ ଅର୍ଦ୍ଧଶତକ ହାସଲ କରିବାରେ ସମର୍ଥ ହୋଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ୟାନ୍‌ସେନ୍ ସର୍ବାଧିକ ୨ଟି, ନାନ୍ଦ୍ରେ ବର୍ଗର ଓ ଲୁଙ୍ଗି ଏନ୍‌ଗିଡି ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ବ୍ୟାଟିଂକୁ ସୁହାଉଥିବା ପିଚ୍‌ରେ ୩୫୯ ରନ୍‌ର ଟାର୍ଗେଟ ଦକ୍ଷିଣ ଆଫ୍ରିକା ଲାଗି କଷ୍ଟକର ହେବ ନାହିଁ ବୋଲି ଆରମ୍ଭରୁ ଜଣାପଡ଼ିଥିଲା। କ୍ୱିଣ୍ଟନ ଡି କକ୍ ଶୀଘ୍ର ଆଉଟ ହେବା ପରେ ଆଇଡେନ୍ ମାରକ୍ରମ ଦ୍ୱିତୀୟ ୱିକେଟରେ ତେମ୍ବା ବାଭୁମା (୪୬)ଙ୍କ ସହ ୧୦୧ ଓ ମାଥ୍ୟୁ ବ୍ରିଜ୍‌କେ (୬୮)ଙ୍କ ସହ ୫୫ ବଲ୍‌ରୁ ୭୦ ରନ୍ ଉଠାଇ ଦଳକୁ ଆଗକୁ ବଢ଼ାଇଥିଲେ। ମାରକ୍ରମ ୫୩ ରନ୍‌ରେ ଦେଇଥିବା କ୍ୟାଚ୍ ଆଉଟର ସୁଯୋଗକୁ ଜୟସ୍ୱାଲ ହାତଛଡ଼ା କରିବା ପରେ ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଥିଲା। ସେ ୮୮ ବଲ୍‌ରେ ଶତକ ପୂରଣ କରିବା ସହ ୧୧୦ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ପରେ ଦୁଇ ଯୁବ ଖେଳାଳି ବ୍ରିଜ୍‌କେ ଓ ବ୍ରେଭିସ୍ (୫୪) ଅର୍ଦ୍ଧଶତକ ହାସଲ କରିବା ଓ ୯୨ ରନ୍‌ର ଭାଗୀଦାରି କରିଥିଲେ ମଧ୍ୟ ଦଳକୁ ମ୍ୟାଚ୍ ଜିତାଇବା ପୂର୍ବରୁ ଆଉଟ ହୋଇଯାଇଥିଲେ। ଏମାନଙ୍କ ଆଉଟ ପରେ ୟାନ୍‌ସେନଙ୍କ ୱିକେଟ ପଡ଼ିବା ଓ ଟୋନି ଡି ଜୋର୍ଜି ଆହତ ହୋଇ ପଡ଼ିଆରୁ ବିଦା ହେବା ପରେ ଭାରତୀୟ ସମର୍ଥକ ବିଜୟ ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲେ। ପ୍ରଥମ ଦିନିକିଆରେ ପାର୍ଟନରଙ୍କ ଅଭାବରୁ ମ୍ୟାଚ୍ ଜିତାଇପାରି ନ ଥିବା କର୍ବିନ ବୋଶ୍ ଓ କେଶବ ମହାରାଜ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଦକ୍ଷିଣ ଆଫ୍ରିକାକୁ ଏହି ଦମ୍‌ଦାର ବିଜୟ ଭେଟିଦେଇଥିଲେ। ବୋଶ୍ ୨୬ ଓ ମହାରାଜ ୧୦ ରନ୍‌ରେ ଅପରାଜିତ ରହିଥିଲେ। ଆଜିର ବିଜୟ ପରେ ଦକ୍ଷିଣ ଆଫ୍ରିକା ତୃତୀୟଥର ଲାଗି ୩୫୦ କିମ୍ବା ତା'ଠାରୁ ଅଧିକ ରନ୍ ଚେଜ୍ କରି ମ୍ୟାଚ୍ ଜିତିବାର ରେକର୍ଡ କରିଛି।


ମାରକ୍ରମ: ମ୍ୟାନ୍ ଅଫ୍ ଦି ମ୍ୟାଚ୍


ଋତୁରାଜ ଗାଏକ୍ୱାଡ
ବିରାଟ କୋହଲି

**ସଂକ୍ଷିପ୍ତ ସ୍କୋର**

**ଭାରତ: ୩୫୮/୫, ୫୦ ଓଭର** (ଗାଏକ୍ୱାଡ- ୧୦୫, କୋହଲି- ୧୦୨, ରାହୁଲ- ଅପରାଜିତ ୬୬, ୟାନ୍‌ସେନ୍-୨/୬୩)।

**ଦକ୍ଷିଣ ଆଫ୍ରିକା: ୩୬୨/୬, ୪୯.୨ ଓଭର** ( ମାର୍କରାମ-୧୧୦, ବ୍ରିଜ୍‌କେ-୬୮, ବ୍ରେଭିସ୍-୫୪, ବାଭୁମା-୪୬, ଅର୍ଶଦୀପ-୨/୪୮, ପ୍ରସିଦ୍ଧ-୨/୮୯)

ଟି-୨୦ ବିଶ୍ୱକପ୍

## ଭାରତୀୟ ଦଳର ଜର୍ସି ଉନ୍ମୋଚନ କଲେ ରୋହିତ



**ରାୟପୁର, ୩।୧୨ (ଏଜେନ୍ସି):** ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳର ଜର୍ସି ଉନ୍ମୋଚିତ ହୋଇଯାଇଛି। ବୁଧବାର ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ର ପ୍ରଥମ ଇନିଂସ ପରେ ବରିଷ୍ଠ ଖେଳାଳି ରୋହିତ୍ ଶର୍ମା ଓ ବ୍ୟାଟର୍ ତିଲକ ବର୍ମା ନୂଆ ଜର୍ସିକୁ ଉନ୍ମୋଚିତ କରିଥିଲେ। ଏହି ନୂତନ ଜର୍ସିରେ ହାଲକା ନୀଳ ଓ ଗାଢ଼ ନୀଳ ରଙ୍ଗର ପଟି ରହିଛି। ସେହିଭଳି କାନ୍ଧର ଉପର ପାର୍ଶ୍ୱରେ ୩ଟି ଧଳା ଗାର ରହିଥିବାବେଳେ ତଳ ପାର୍ଶ୍ୱରେ ଗେରୁଆ ରଙ୍ଗର ଏକ ପଟି ରହିଛି। ଜର୍ସିର ସାମ୍ନା ପାର୍ଶ୍ୱରେ 'ଇଣ୍ଡିଆ' ସହ ମୁଖ୍ୟ ପ୍ରାୟୋଜକ ଆପୋଲ ଟାୟାର୍ସର ନାମ ମଧ୍ୟ ଉଲ୍ଲେଖ ରହିଛି। ପୁରୁଷ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାର ମୋଟ୍ ୮ଟି ଭେନ୍ୟୁରେ ମ୍ୟାଚ୍ ଖେଳାଯିବ। ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଆମେରିକା, ନେଦରଲାଣ୍ଡସ ଓ ନାମିବ୍ୟା ସହ ଭାରତ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଉଦ୍‌ଘାଟନୀ ଦିବସରେ ଆମେରିକା ସହ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚଟି ମୁମ୍ବଇରେ ଖେଳାଯିବ।

## ସମସ୍ତ ଫର୍ମାଟ୍‌ରୁ ମୋହିତ୍ ଶର୍ମାଙ୍କ ଅବସର

**ଚଣ୍ଡିଗଡ଼, ୩।୧୨ (ଏଜେନ୍ସି):** ଭେଟେରାନ ଭାରତୀୟ ଦ୍ରୁତ ବୋଲର ମୋହିତ୍ ଶର୍ମା ବୁଧବାର କ୍ରିକେଟ୍‌ର ସମସ୍ତ ପ୍ରକାର ଫର୍ମାଟ୍‌ରୁ ଅବସର ନେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ୩୭ ବର୍ଷୀୟ ମୋହିତ ଅବସର ନେଇ ସୂଚନା ଦେଇଛନ୍ତି। ସ୍ୱଳ୍ପ ସମୟର ଅନ୍ତର୍ଜାତୀୟ କ୍ୟାରିୟରରେ ହରିୟାଣାର ଏହି ଦ୍ରୁତ ବୋଲର ଭାରତ ପାଇଁ ୨୬ଟି ଦିନିକିଆ ଓ ୮ଟି ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୩୧ ଓ ୬ଟି ୱିକେଟ୍ ନେଇଛନ୍ତି। ୨୦୧୫ ଦିନିକିଆ ବିଶ୍ୱକପ୍‌ରେ ମଧ୍ୟ ସେ ଖେଳିବାର ସୁଯୋଗ ପାଇଥିଲେ। ତେବେ ଆଇପିଏଲ୍‌ରେ ମୋହିତ୍ ବେଶ୍ ସକ୍ରିୟ ଥିଲେ। ଆଇପିଏଲ୍‌ରେ ୪ଟି ଟିମ୍ ପାଇଁ ଖେଳିଥିବା ମୋହିତ୍ ୧୨୦ଟି ମ୍ୟାଚ୍ ଖେଳି ମୋଟ୍ ୧୩୪ଟି ୱିକେଟ୍ ଅକ୍ତିଆର କରିଛନ୍ତି।

**୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ**

## ଉଭୟ କ୍ୱାର୍ଟରରେ ତନ୍‌ଭୀ



**ଭୁବନେଶ୍ୱର,୩।୧୨(ସମିସ):** ଓଡ଼ିଆ ଖେଳାଳି ତଥା ଟାଇଟଲ ଆଶାୟୀ ତନ୍‌ଭି ପତ୍ରୀ ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା 'ଦ ସଙ୍ଖ'ରେ ଚାଲିଥିବା ୩୭ତମ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ୧୫ ଓ ୧୭ ବର୍ଷରୁ କମ୍ ବାଳିକା ବିଭାଗ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଖେଳାଯାଇଥିବା ୧୫ ବର୍ଷରୁ କମ୍ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ତନ୍‌ଭୀ ୨-୦ରେ ରାଜସ୍ଥାନର ଅନ୍‌ଭି ରାଠୋରଙ୍କୁ ଏବଂ ୧୭ ବର୍ଷରୁ କମ୍ ବିଭାଗରେ କର୍ଣ୍ଣାଟକର ହିତାଶ୍ରୀ ଏଲ୍‌ଙ୍କୁ ମଧ୍ୟ ୨-୦ରେ ହରାଇ କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। ୧୫ ବର୍ଷରୁ କମ୍ ବିଭାଗରେ ତାମିଲନାଡୁର ଅନୁଶ୍ରୀ ଜିଏସ୍ ୨-୦ରେ ଟପ୍ ସିଡ୍ ମାନିମୁଥୁଙ୍କୁ ହରାଇ ଏହି ବିଭାଗରୁ ବିଦାୟ ନେଇଛନ୍ତି।

## ଯୁବ ଏସିଆନ୍ ପାରା ଗେମ୍ସ: ଜାନକୀ, ପାୟଲ ମନୋନୀତ





**ଭୁବନେଶ୍ୱର, ୩।୧୨ (ସମିସ):** ଦୁବାଇରେ ଡିସେମ୍ବର ୭ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଯୁବ ଏସିଆନ୍ ପାରା ଗେମ୍ସ -୨୦୨୫ ପାଇଁ ଓଡିଶାର ଦୁଇଜଣ ପାରା ଖେଳାଳିଙ୍କୁ ଚୟନ କରାଯାଇଛି। ସେମାନେ ହେଲେ ଜାନକୀ ଓରାମ ଓ ପାୟଲ ନାଗ। ଜାନକୀ ପାରା ଆଥଲେଟିକ୍ସର ଟି-୧୨ ବର୍ଗରେ ୧୦୦, ୨୦୦ ମିଟର ଓ ଲଙ୍ଗ୍ ଜମ୍ପ୍‌ରେ ଭାଗ ନେବେ।। ସେହିପରି ପାୟଲ ପାରା ଆର୍ଚେରୀରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପାରା ଅଲିମ୍ପିଆନ୍ ଶୀତଲ ଦେବୀଙ୍କୁ ହରାଇ ପାୟଲ ଜାତୀୟ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିଲେ। ଉଭୟ ଖେଳାଳିଙ୍କୁ ଓଡିଶା ପାରା ସ୍ପୋର୍ଟ୍ସ ଆସୋସିଏସନର ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।

**ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳ ଘୋଷିତ**

## ହାର୍ଦ୍ଦିକ ସାମିଲ, ନୀତୀଶ ଓ ରିଙ୍କୁ ବିଦା

**ରାୟପୁର,୩।୧୨(ଏଜେନ୍ସି):** ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଗଠିତ ଦଳରେ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସାମିଲ କରାଯାଇଛି। ଏହା ଫଳରେ ଦଳ ସହ ଥିବା ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଓ ଖେଳିବାକୁ ସୁଯୋଗ ପାଉ ନ ଥିବା ବିସ୍ଫୋରକ ବ୍ୟାଟର ରିଙ୍କୁ ସିଂଙ୍କୁ ଦଳରୁ ବାଦ୍ ଦିଆଯାଇଛି। ସବୁଠାରୁ ବଡ଼ କଥା ହେଲା ଉପଅଧିନାୟକ ଶୁବମନ ଗିଲ୍‌ଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। କୋଲକାତା ଟେଷ୍ଟରେ ବେକରେ ଆଘାତ ପାଇଥିବା ଗିଲ୍ ଏବେ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଫିଟ୍ ହେବାକୁ ଚିକିତ୍ସିତ ହେଉଛନ୍ତି। ଏଠାରେ ସେ ଫିଟ୍‌ନେସ୍ ଟେଷ୍ଟରେ ପାସ କଲେ ତାଙ୍କୁ ଦଳରେ ନିଆଯିବ। ସେ ଦଳକୁ ନ ଆସିବା ପର୍ଯ୍ୟନ୍ତ ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ଇନିଂସ ଓପନ କରିବେ। ଦଳରେ ତୃତୀୟ ଓପନର ନାହାନ୍ତି।

ବୋଲିଂରେ ଯଶପ୍ରୀତ ବୁମ୍‌ରାଙ୍କୁ ସାମିଲ କରାଯାଇଛି। ଅର୍ଶଦୀପ ସିଂହ, ହର୍ଷିତ ରାଣା, ପାଣ୍ଡ୍ୟା, ଶିବମ ଦୁବେ ଆଦି ବୁମ୍‌ରାଙ୍କ ସହ ମିଶି ଖେଳିବେ। ଦୁଇ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କ ସହ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀ ଏହି ବିଭାଗ ସମ୍ଭାଳିବେ। ଡିଫେଣ୍ଡିଂ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଓ ରନର୍ସ ଅପ୍ ମଧ୍ୟରେ ଖେଳାଯିବାକୁ ଥିବା ଏହି ସିରିଜ୍ ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ।

ଟି-୨୦ ସିରିଜ୍‌ର ମ୍ୟାଚ୍ ଗୁଡ଼ିକ ମଧ୍ୟରୁ କଟକର ବାରବାଟୀରେ ଡିସେମ୍ବର ୯ ତାରିଖ ପ୍ରଥମ ମ୍ୟାଚ୍, ମୋହାଲିର ମୁଲାନପୁରରେ ୧୧ରେ ଦ୍ୱିତୀୟ, ହିମାଚଳର ଧର୍ମଶାଳାରେ ୧୪ରେ ତୃତୀୟ, ଲକ୍ଷ୍ନୌରେ ୧୭ରେ ଚତୁର୍ଥ ଓ ଅହମ୍ମଦାବାଦ୍‌ରେ ଡିସେମ୍ବର ୧୯ରେ ପଞ୍ଚମ ତଥା ଶେଷ ମ୍ୟାଚ୍ ଖେଳାଯିବ।

**ଘୋଷିତ ଦଳ**

ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଜିତେଶ ଶର୍ମା, ଅକ୍ଷର ପଟେଲଏ ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

## ଆଇସିସି ର୍‍ୟାଙ୍କିଙ୍ଗ୍‌ରେ କୋହଲି ଉଠିଲେ

**ଦୁବାଇ, ୩।୧୨ (ଏଜେନ୍ସି):** ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର ଦିନିକିଆ ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ସଦ୍ୟପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଭାରତର ତାରକା ଖେଳାଳି ବିରାଟ କୋହଲି ଗୋଟିଏ ପାହାଚ ଉପରକୁ ଉଠି ୪ର୍ଥ ସ୍ଥାନ ଲାଭ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜର ପ୍ରଥମ ଦିନିକିଆରେ ଶତକ ମାରିବା ପରେ କୋହଲିଙ୍କ ଏହି ଉନ୍ନତି ଘଟିଛି। କିନ୍ତୁ କୋହଲି ବୁଧବାର ଦ୍ୱିତୀୟ ଦିନିକିଆରେ ପୁଣି ଏକ ଶତକ ହାସଲ କରିଥିବାରୁ ପରବର୍ତ୍ତୀ ସପ୍ତାହରେ ତାଙ୍କ ର୍‍ୟାଙ୍କିଙ୍ଗରେ ଆହୁରି ଉନ୍ନତି ଘଟିବା ନିଶ୍ଚିତ ହୋଇଛି।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## ମହିଳା ହକିରେ କିଟ୍‌କୁ ଐତିହାସିକ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୩।୧୨ (ସମିସ):** ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ହକି ଇଭେଣ୍ଟରେ କିଟ୍ ଐତିହାସିକ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ବୁଧବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମୁକାବିଲାରେ କିଟ୍ ୧-୦ ଗୋଲ୍‌ରେ ଆଇଟିଏମ୍ ଗ୍ୱାଲିୟର ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ସେହିଭଳି କିଟ୍ ପୁରୁଷ ଟେନିସ ଦଳ ମଧ୍ୟ ଫାଇନାଲରେ ପ୍ରବେଶ କରି ଆଉ ଏକ ପଦକ ନିଶ୍ଚିତ କରିଛି। ଦେବାଶିଷ ସାହୁ ଓ କବୀର ହାଁସଦାଙ୍କୁ ନେଇ ଗଠିତ କିଟ୍ ଟେନିସ ଟିମ୍ ସେମିଫାଇନାଲରେ ଭାରତୀୟର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ସ୍ୱର୍ଣ୍ଣ ପଦକ ଲାଗି ଫାଇନାଲରେ ମଣିପାଲ ବିଶ୍ୱବିଦ୍ୟାଳୟ ସହ କିଟ୍‌ର ମୁକାବିଲା ହେବ। ଅପରପକ୍ଷରେ ଆଥ୍‌ଲେଟିକ୍ସରେ କିଟ୍‌ର ଅଭୟ ସିଂ ବୁଧବାର ଏକ ରୌପ୍ୟ ପଦକ ଜିତିଛନ୍ତି। ବର୍ତ୍ତମାନ ସୁଦ୍ଧା କିଟ୍ ବିଶ୍ୱବିଦ୍ୟଳୟ ଦଳ ଏହି ସମ୍ମାନଜନକ ପ୍ରତିଯୋଗିତାରେ ୬ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୮ କାଂସ୍ୟ ସହ ମୋଟ୍ ୧୬ଟି ପଦକ ବିଜୟୀ ହୋଇଯାଇଛି।

ମହିଳା ଜୁନିଅର ହକି ବିଶ୍ୱକପ୍

## ଜର୍ମାନୀଠୁ ହାରିଲା ଭାରତ

**ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି):** ଚିଲିରେ ଖେଳାଯାଉଥିବା ଏଫ୍‌ଆଇଏଚ୍ ଜୁନିଅର ମହିଳା ହକି ବିଶ୍ୱକପ୍‌ର ୧୧ତମ ସଂସ୍କରଣରେ ଭାରତ ପ୍ରଥମ ପରାଜୟବରଣ କରିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଜର୍ମାନୀ ୩-୧ ଗୋଲରେ ଭାରତକୁ ହରାଇଦେଇଛି। ଭାରତ ପକ୍ଷରୁ ହୀନା ବାନୋ ଶେଷ ମୁହୂର୍ତ୍ତରେ ଏକ ଗୋଲ୍ ଶୁଝିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ପୂର୍ବରୁ ପ୍ରଥମ ମ୍ୟାଚରେ ଭାରତ ୧୩-୦ ଗୋଲରେ ନାମିବ୍ୟାକୁ ହରାଇଥିଲା। ଏବେ ଦୁଇଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ଭାରତ ୩ ପଏଣ୍ଟ ପାଇ ପୁଲ୍-ସି'ରେ ଦ୍ୱିତୀୟ ସ୍ଥାନକୁ ଖସିଯାଇଛି। କ୍ରମାଗତ ଦ୍ୱିତୀୟ ବିଜୟ ସହ ଜର୍ମାନୀ ଶୀର୍ଷକୁ ଉଠିଛି। ଭାରତ ଶେଷ ପୁଲ୍ ମ୍ୟାଚରେ ଶୁକ୍ରବାର ଆୟର୍ଲାଣ୍ଡକୁ ଭେଟିବ।

୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି

## ଓଡ଼ିଶାର ଇନିଂସ ପରାଜୟ

**ଭୁବନେଶ୍ୱର,୩।୧୨(ସମିସ):** ଉତ୍ତରାଖଣ୍ଡଠାରୁ ଏକ ଇନିଂସ ଓ ୧୫୦ ରନ୍‌ର ବଡ଼ ବ୍ୟବଧାନରେ ଓଡ଼ିଶା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ପରାଜିତ ହୋଇଛି। ଚଳିତ ସିଜନରେ ଓଡ଼ିଶା ହ୍ୟାଟ୍ରିକ୍ ପରାଜୟ ବରଣ କରିଛି। ଉତ୍ତରାଖଣ୍ଡର କାଶିପୁରଠାରେ ଆଜି ଶେଷ ହୋଇଥିବା ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଓଡ଼ିଶା ୧୪୬ ରନ୍ କରିଥିଲା। ଜବାବରେ ଉତ୍ତରାଖଣ୍ଡ ୯ ୱିକେଟରେ ୫୫୨ ରନ୍ କରିବା ପରେ ଇନିଂସ ସମାପ୍ତି ଘୋଷଣା କରିଥିଲା। ଦଳ ପକ୍ଷରୁ ନିଶ ପଟେଲ ସର୍ବାଧିକ ୨୦୦ ରନ୍ କରିବା ସହ ୯ମ ୱିକେଟରେ ଦେବ୍‌ଙ୍କ ସହ ୨୨୨ ରନ୍ ଯୋଡିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସମ୍ବିତ ବେଜା ୪ଟି ଓ ପ୍ରିୟାଂଶୁ ମହାନ୍ତି ୩ଟି ୱିକେଟ ପାଇଥିଲେ। ଏହା ପରେ ଓଡ଼ିଶା ଦ୍ୱିତୀୟ ଇନିଂସରେ ମାତ୍ର ୨୫୬ ରନ୍ କରି ଅଲଆଉଟ ହୋଇଥିଲା। ବିଶ୍ୱଜିତ ପ୍ରଧାନ ୪୫ ଓ ଶ୍ରେୟାଂଶୁ ପଟ୍ଟନାୟକ ୩୯ ରନ୍ କରିଥିଲେ।

**୫ ଦିନ ପରେ ବାରବାଟୀ ମୁକାବିଲା**

## ଦ୍ୱନ୍ଦ୍ୱରେ 'ଡିଏମ୍‌ଏକ୍ସ' ଶୋ'

**କଟକ,୩।୧୨(ସମିସ):**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୯ରେ ଖେଳାଯିବାକୁ ଥିବା ଟି-୨୦ ମୁକାବିଲାରେ ପ୍ରଥମଥର ନିମନ୍ତେ ବାରବାଟୀରେ ଡିଏମ୍‌ଏକ୍ସ ଶୋ' ହେବ ବୋଲି ଯୋଜନା କରାଯାଇଛି। ସଙ୍ଗୀତର ତାଳେତାଳେ ଫ୍ଲଡଲାଇଟ୍ ବ୍ୟବହାର ଦ୍ୱାରା ଏହି ଶୋ କରାଯିବ। ମ୍ୟାଚ୍ ପୂର୍ବରୁ ଏବଂ ଇନିଂସ୍ ମଝିରେ ଗୀତ-ଆଲୋକର ଫ୍ୟୁଜନ ଦେଖିବାକୁ ମିଳିବ। ତେବେ ଡିଏମ୍‌ଏକ୍ସ ଶୋ' ପାଇଁ ହୋଇଥିବା ଘୋଷଣାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଲାଣି। ଫ୍ଲଡଲାଇଟ୍ ତ୍ରୁଟି ଯୋଗୁଁ ଗତ ଫେବୃଆରୀରେ ଭାରତ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍‌ରେ ବାରବାଟୀ ନିନ୍ଦା ମୁଣ୍ଡାଇଥିଲା। ଏଣୁ ଫ୍ଲଡଲାଇଟ୍ ଭରସାରେ ଶୋ କରାଯିବାକୁ ନେଇ ଏବେ ଓସିଏ ଚୂଡାନ୍ତ ନିଷ୍ପତ୍ତି ନେଇ ପାରୁନାହିଁ। ମ୍ୟାଚ୍ ପୂର୍ବରୁ ଦୁଇଦିନ ଡ୍ରାଏ ରନ୍ କରାଯିବ। ନଚେତ୍ ଶୋ' ବାତିଲ ହେବାର ଆଶଙ୍କା ଅଛି ବୋଲି ଓସିଏର ଜଣେ ସଦସ୍ୟ କହିଛନ୍ତି।

**ଆଜି ଟିକଟ କିଣିବେ ୨୩ ଅନୁବନ୍ଧିତ ୟୁନିଟ**




ବାରବାଟୀ ମୁକାବିଲାକୁ ଆଉ ୫ଦିନ ବାକି ରହିଛି। ରାଜ୍ୟର ଏହି ଏକମାତ୍ର ଅର୍ନ୍ତଜାତୀୟ କ୍ରିକେଟ ଭେନ୍ୟୁରେ ୪ର୍ଥ ଥର ଟି-୨୦ ମ୍ୟାଚ୍ ଖେଳାଯିବ। ଆଜି ଓସିଏ ସହ ଅନୁବନ୍ଧିତ ୟୁନିଟଗୁଡିକ ନିମନ୍ତେ ଟିକଟ ବିକ୍ରି କରାଯାଇଥିଲା। ବୁଧବାର ୫୦ ୟୁନିଟ ଟିକଟ କ୍ରୟ କରିଥିବା ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଅବଶିଷ୍ଟ ୨୩ ଅନୁବନ୍ଧିତ ୟୁନିଟ ସମେତ ଓସିଏ ପଦାଧିକାରୀ, ଆପେକ୍ସ କାଉନସିଲ ସଦସ୍ୟ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଗୁରୁବାର ଟିକଟ କିଣିବେ। ଅନ୍ୟପକ୍ଷରେ ଶୁକ୍ରବାର କାଉଣ୍ଟର ଟିକଟ ବିକ୍ରି ନିମନ୍ତେ ଆଜି ଓସିଏ କାର୍ଯ୍ୟାଳୟରେ ଏକ ବୈଠକ ଡକାଯାଇଥିଲା। ପୂର୍ବରୁ ଟିକଟ ଆଶାୟୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବ୍ୟାରିକେଡ୍‌ର ଚଉଡା ୨ଫୁଟ ରହୁଥିଲା। ଏହା ନିକଟରେ ଥିବା ସର୍ଭିସ ବ୍ୟାରିକେଡ ରହୁଥିଲା ୩ ଫୁଟ। ହେଲେ ଆଗାମୀ ମ୍ୟାଚ୍ ନିମନ୍ତେ ଜନସାଧାରଣଙ୍କ ପାଇଁ ହେବାକୁ ଥିବା ବ୍ୟାରିକେଡ ଅଢ଼େଇ ଫୁଟ ହେବ। ସର୍ଭିସ ବ୍ୟାରିକେଡକୁ ୪ ଫୁଟ୍ ଚଉଡ଼ା କରାଯିବ ବୋଲି ସ୍ଥିର ହୋଇଛି।

ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS